## ଆଇସିସି ମହିଳା ର୍ୟାଙ୍କିଂ
## ନମ୍ବର-୧ ସ୍ଥାନ ବଜାୟ ରଖିଲେ ଦୀପ୍ତି ଶର୍ମା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା
The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ-୩୨ ● ସଂଖ୍ୟା-୩୩୩ ● ୩୧ ଡିସେମ୍ବର ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-333 ● 31st December 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ମହାରାଜ କଂସଙ୍କ ଦରବାରରେ ମୁଖ୍ୟମନ୍ତ୍ରୀ

# ୧୩୬୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ୧୨୩ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ

**ବରଗଡ଼, ୩୦।୧୨**
**ନ୍ୟୁଜ୍ ବ୍ୟୁରୋ**

ବିଶ୍ୱର ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରାର ମଙ୍ଗଳବାର ସପ୍ତମ ଦିନରେ ଦର୍ଶକମାନେ ଏକ ନିଆରା ଦୃଶ୍ୟ ଦେଖିବାକୁ ପାଇଥିଲେ । କଂସ ମହାରାଜ ତାଙ୍କ ଦରବାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କଳିଙ୍ଗ ସମ୍ରାଟ ଭାବେ ସମ୍ବୋଧନ କରି ପଚାରିଥିଲେ ମଥୁରା ନଗରୀ (ବରଗଡ଼)ର ବିକାଶ ପାଇଁ କି ପଦକ୍ଷେପ ନିଆଯାଇଛି । ପ୍ରଶ୍ନର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମଥୁରା (ବରଗଡ଼)ର ଉନ୍ନତି ପାଇଁ ମଙ୍ଗଳବାର ସମୁଦାୟ ପ୍ରାୟ ୧୩୬୨ କୋଟି ଟଙ୍କାରୁ ଅଧିକ ବିନିଯୋଗରେ ୧୨୩ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏହା ସହିତ ୩୮୦ କୋଟି ଟଙ୍କାର ଚାରିଟି ନୂଆ ପ୍ରକଳ୍ପ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।



ବରଗଡ଼ରେ ୯୮୦ କୋଟି ୫୮ ଲକ୍ଷ ଟଙ୍କା ବିନିଯୋଗରେ ସମୁଦାୟ ୮୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ, ୩୮୨ କୋଟି ୨୬ ଲକ୍ଷ ଟଙ୍କା ମୂଲ୍ୟର ୩୮ଟି ଉନ୍ନତିମୂଳକ ପ୍ରକଳ୍ପର ଉଦ୍‌ଘାଟନ ମଧ୍ୟ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

ମହିଳାମାନଙ୍କ ପାଇଁ ହୋଇଥିବା ସୁଭଦ୍ରା ଯୋଜନାରେ ମଥୁରା ନଗରୀ (ବରଗଡ଼)ର ୩,୪୧,୬୧୪ ଜଣ ମା' ୧୦ ହଜାର ଟଙ୍କା ଲେଖାଏଁ (ପୃଷ୍ଠା ୭ରେ)

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

**ଢାକା, ୩୦।୧୨**

ବାଂଲାଦେଶରେ ପୁଣି ଜଣେ ହିନ୍ଦୁଙ୍କୁ ହତ୍ୟା କରାଯାଇଛି । ସେ ହେଲେ ବଜେନ୍ଦ୍ର ବିଶ୍ୱାସ(୪୨) । ଏକ କାରଖାନା ଭିତରେ ସୁରକ୍ଷାକର୍ମୀ ଭାବେ ଡ୍ୟୁଟି କରୁଥିବା ସମୟରେ ବଜେନ୍ଦ୍ରଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଗୁଳି କରିବା ପରେ ହତ୍ୟାକାରୀ ତାଚ୍ଛଲ୍ୟ କରି 'ମୁଁ ମଜାକ କରୁଥିଲି' ବୋଲି କହିଛି । ଅଭିଯୁକ୍ତ ନୋମାନ ମିୟା(୨୯)କୁ ପୁଲିସ ଗିରଫ କରିଛି । ଦୀପୁ ଦାସ, ଅମ୍ରିତ ମଣ୍ଡଳଙ୍କ ପରେ ବଜେନ୍ଦ୍ର ୩ୟ ହିନ୍ଦୁ ଭାବେ ହତ୍ୟାର ଶିକାର ହୋଇଛନ୍ତି ।

ସୂଚନା ଅନୁସାରେ, ଗତ ସୋମବାର ସନ୍ଧ୍ୟା ୬ଟା ୪୫ରେ ମେହରାବାରୀ ଅଞ୍ଚଳରେ ଥିବା ସୁଲତାନା ସ୍ୱେଟର୍ସ ଲିମିଟେଡ ନାମକ କାରଖାନା ଭିତରେ ଏହି ହତ୍ୟାକାଣ୍ଡ ଘଟିଛି । ବଜେନ୍ଦ୍ର ଏବଂ ଅଭିଯୁକ୍ତ ନୋମାନ କାରଖାନା ପରିସରରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ । ଉଭୟେ କଥାବାର୍ତ୍ତା ହେଉଥିବା ସମୟରେ ନୋମାନ ଧରିଥିବା ବନ୍ଧୁକ ବଜେନ୍ଦ୍ରଙ୍କ ଆଡକୁ ଦେଖାଇ ମଜା କରୁଥିଲେ । ଏହି ସମୟରେ ଗୁଳି ଫୁଟି ଯାଇଥିଲା । ଗୁଳି ତାଙ୍କ ଜଙ୍ଘରେ ଲାଗିଥିଲା । ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ବାରମ୍ବାର ଆକ୍ରମଣ ହେଉଛି । ଏଭଳି ଘଟଣାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ତାମିଲନାଡୁରେ ଓଡ଼ିଆ ଯୁବକଙ୍କୁ ଆକ୍ରମଣକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ

**ଭୁବନେଶ୍ୱର, ୩୦।୧୨**
**ନ୍ୟୁଜ୍ ବ୍ୟୁରୋ**

ତାମିଲନାଡୁରେ ଓଡ଼ିଆ ଯୁବକଙ୍କୁ ଆକ୍ରମଣ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜଣେ ନିରୀହ ଓଡ଼ିଆ ପୁଅ ଉପରେ ବର୍ବରୋଚିତ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ । ଓଡ଼ିଶା ସରକାର ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି । ରାଜ୍ୟ ସରକାର ତାମିଲନାଡୁ ପ୍ରଶାସନ ସହିତ ନିରନ୍ତର ଯୋଗାଯୋଗରେ ରହିଛନ୍ତି । ପୀଡ଼ିତଙ୍କୁ ଉତ୍ତମ ଚିକିତ୍ସା ଓ ସହାୟତା ଯୋଗାଇଦେବାକୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

# ଦଇତାପତି, ନିଯୋଗ, ସେବାୟତ ଓ ମଠଗୁଡ଼ିକ ବ୍ୟବହାର କରୁଥିବା ଜମିର ହେବ ସୁବନ୍ଦୋବସ୍ତ

**ଭୁବନେଶ୍ୱର, ୩୦।୧୨**
**ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ହଜାର ହଜାର ଏକର ଜମି ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ଅବ୍ୟବସ୍ଥିତ ଢଙ୍ଗରେ ପଡ଼ିରହିଛି । ସଠିକ୍ ପରିଚାଳନା ଅଭାବରୁ ଅନେକ ଜମି ଜବରଦଖଲରେ ରହିଛି । ଫଳରେ ଏଥିରୁ ଶ୍ରୀମନ୍ଦିରର କିଛି ଆୟ ହେଉନାହିଁ । ଅନେକ ସ୍ଥଳରେ ଗରିବ ତଥା ଭୂମିହୀନ ସେବାୟତମାନେ ଦୀର୍ଘ ବର୍ଷ ବର୍ଷ ହେବ ଏହି ଜମିରେ ବସବାସ କରୁଥିଲେ ମଧ୍ୟ ଏହି ଜମି ଉପରେ କୌଣସି ଅଧିକାର ସାବ୍ୟସ୍ତ କରିପାରୁ ନାହାନ୍ତି । ଏହିସବୁ ସମସ୍ୟାର ସମାଧାନ ନେଇ ଆସିଥିବା ପ୍ରସ୍ତାବ ଉପରେ ମଙ୍ଗଳବାର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ଜମି ବନ୍ଦୋବସ୍ତ ନୀତିରେ ସଂଶୋଧନ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।



ମଙ୍ଗଳବାର ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିର ସଠିକ୍ ବନ୍ଦୋବସ୍ତ, ଦୀର୍ଘଦିନ ହେବ ସ୍ଥାୟୀ ଭାବେ ବସବାସ କରୁଥିବା ଦଇତାପତି, ନିଯୋଗ, ସେବାୟତ ଓ ମଠଗୁଡ଼ିକୁ ଜମି ପ୍ରଦାନ ନେଇ ଥିବା ନୀତିରେ ସଂଶୋଧନ କରାଯିବା ଉପରେ ଆଲୋଚନା ହୋଇଥିଲା । ଏହି ସଂଶୋଧିତ ନୀତି ବଳରେ ଦୀର୍ଘଦିନ ହେବ ବସବାସ କରୁଥିବା ସେବାୟତ ଓ ଅଣସେବାୟତମାନେ ସୁଫଳ ପାଇପାରିବେ । ଏଥି ସହିତ ଶ୍ରୀମନ୍ଦିର ରାଜସ୍ୱ ଆଦାୟ ମଧ୍ୟ ସୁଗମ ହୋଇପାରିବ । ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ବହୁ ମୂଲ୍ୟବାନ ସମ୍ପତ୍ତିକୁ ଜବରଦଖଲମୁକ୍ତ କରି ସର୍ବୋଚ୍ଚ ମୂଲ୍ୟରେ ଆବଣ୍ଟିତ କରିବା ନେଇ (ପୃଷ୍ଠା ୭ରେ)

## ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ପଦୋନ୍ନତି

**ଭୁବନେଶ୍ୱର, ୩୦।୧୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ୧୦ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ପଦୋନ୍ନତି ଦେଇଛନ୍ତି । ଆଇପିଏସ ଅଧିକାରୀ ସତ୍ୟଜିତ ନାୟକ ଏବଂ ଉମାଶଙ୍କର ଦାସଙ୍କୁ ଆଇଜି ପାହ୍ୟାକୁ ପଦୋନ୍ନତି ମିଳିଛି । ସେହିପରି କେନ୍ଦ୍ରୀୟ ଡେପୁଟେସନରେ ଥିବା ଆର. ପ୍ରକାଶଙ୍କୁ ମଧ୍ୟ ଆଇଜି ପାହ୍ୟାକୁ ପଦୋନ୍ନତି ମିଳିଛି । ଏହା ବ୍ୟତୀତ (ପୃଷ୍ଠା ୭ରେ)

# ଘାଟିରୁ ଖସିଲା ବସ୍ : ୭ମୃତ

**ଉତ୍ତରାଖଣ୍ଡ, ୩୦।୧୨**

ଉତ୍ତରାଖଣ୍ଡରେ ଏକ ଭୟଙ୍କର ବସ୍ ଦୁର୍ଘଟଣାରେ ୭ଜଣଙ୍କ ମୃତ୍ୟୁ ହୋଇଛି । ଦୁର୍ଘଟଣାରେ ୧୫ ଜଣ ଆହତ ହୋଇ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି ।

ସୂଚନା ଅନୁସାରେ ଉତ୍ତରାଖଣ୍ଡର ଆଲମୋରା ଜିଲ୍ଲାର ଭିକିଆସେନ ନିକଟରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଗଭୀର ଘାଟିରେ ଖସିପଡ଼ିଛି । ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୭ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ରହିଛି । ଘଟଣାରେ ୧୫ଜଣ ଗୁରୁତର ଆହତ ହୋଇଛନ୍ତି । (ପୃଷ୍ଠା ୭ରେ)



## ଆଜିର ମୁଖ୍ୟ ଖବର

- ଭୁବନେଶ୍ୱର ବିମାନବନ୍ଦରରୁ ୪ କୋଟିର ମାରିଜୁଆନା ଜବତ।
- କେନ୍ଦ୍ର ସରକାରଙ୍କ ଦ୍ୱାରା ନୂତନ ଶିକ୍ଷ ଯୋଜନା ମଞ୍ଜୁର।
- ଭାରତୀୟ ରିଜର୍ଭ ବ୍ୟାଙ୍କର ବଡ ଆର୍ଥିକ ପଦକ୍ଷେପ।
- ରାଉରକେଲାରୁ ଅବୈଧ ଅସ୍ତ୍ର ଜବତ, ୩ ଗିରଫ।
- ବ୍ୟାଙ୍କ ଋଣ ଅନାଦାୟ ହାର କମିଲା।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୬୨୦ (-୩୦୫)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୪୮୫ (-୨୮୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୧୯୩ (-୨୫୧)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୮ (-୨୩)

## ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ପରଲୋକ

**ନୂଆଦିଲ୍ଲୀ, ୩୦।୧୨**

ପରଲୋକରେ ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଖାଲିଦା ଜିଆ । ଦୀର୍ଘ ଦିନ ଧରି ଅସୁସ୍ଥ ରହିବା ପରେ ସେ ମୃତ୍ୟୁବରଣ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା । ସେ ଦୀର୍ଘ ଦିନ ଧରି ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଥିଲେ । ତାଙ୍କ ଡାକ୍ତରଙ୍କ ଅନୁଯାୟୀ, ସେ ଆର୍ଥ୍ରାଇଟିସ୍ ଏବଂ ମଧୁମେହ ରୋଗରେ ମଧ୍ୟ ପୀଡ଼ିତ ଥିଲେ । ସେ ହୃଦରୋଗରେ ମଧ୍ୟ ପୀଡ଼ିତ ଥିଲେ ।

ଖାଲିଦା ଜିଆ ଦୁଇଥର ବାଂଲାଦେଶର ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ସେ ୧୯୯୧ ରୁ ୧୯୯୬ ଏବଂ ୨୦୦୧ ରୁ ୨୦୦୬ ପର୍ଯ୍ୟନ୍ତ ଦେଶକୁ ନେତୃତ୍ୱ ଦେଇଥିଲେ । ସେ ପୂର୍ବତନ ରାଷ୍ଟ୍ରପତି ଏବଂ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ପ୍ରତିଷ୍ଠାତା ଜିଆଉର ରହମାନଙ୍କ ପତ୍ନୀ ଥିଲେ । ତାଙ୍କ ବଡ଼ ପୁଅ, ବିଏନପିର କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ



ରହମାନ ୨୦୦୮ ମସିହାରୁ ଲଣ୍ଡନରେ ରହୁଥିଲେ ଏବଂ ଏହି ମାସରେ ବାଂଲାଦେଶ ଫେରି ଆସିଥିଲେ । ତାଙ୍କ ସାନ ପୁଅ ଆରାଫାତ ରହମାନ ୨୦୧୫ ମସିହାରେ ହୃଦଘାତରେ ମୃତ୍ୟୁବରଣ କରିଥିଲେ ।

ରାଜନୈତିକ ଅସ୍ଥିରତା ମଧ୍ୟରେ ଖାଲିଦା ଜିଆ ୨୦୨୪ ଅଗଷ୍ଟ ୬ ତାରିଖରେ ଜେଲରୁ ମୁକ୍ତ ହୋଇଥିଲେ । ତା'ପରେ ସେ ଉନ୍ନତ ଚିକିତ୍ସା ପାଇଁ ଲଣ୍ଡନ ଯାଇଥିଲେ, ଯେଉଁଠାରେ ସେ ଚାରି ମାସ ରହିବା ପରେ ମେ ୬ ତାରିଖରେ ବାଂଲାଦେଶ (ପୃଷ୍ଠା ୭ରେ)

# ୧୫୪୩ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୧୨**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ୧୧ ବିଭାଗରେ ୧୫୪୩ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ଏହା ସହ ସେ ସଫଳତା ହାସଲ କରିଥିବା ସମସ୍ତ ଯୁବବର୍ଗଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ରେଳ ଅଡିଟୋରିୟମଠାରେ ଆୟୋଜିତ ନିଯୁକ୍ତି ମେଳାରେ ଯୋଗଦେଇ ୧୧ଟି ବିଭାଗର ୧,୫୪୩ ଜଣ ନବନିଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କଲି । ନିଜର ଦୃଢ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ସଫଳତା ପାଇଥିବା ସମସ୍ତ ଯୁବ ପ୍ରାର୍ଥୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ଏହି ଯୁବ ଅଧିକାରୀମାନେ ହେଉଛନ୍ତି ଆମ ରାଜ୍ୟର ପ୍ରଗତିର ସାରଥି ।




ଆମ ସରକାର ଯୁବଶକ୍ତିଙ୍କୁ ସଶକ୍ତ କରିବା ପାଇଁ ସରକାରୀ ଚାକିରିର ବୟସ ସୀମାକୁ ୩୨ରୁ ୪୨ ବର୍ଷକୁ ବୃଦ୍ଧି କରିଥିବାବେଳେ, ଶିଳ୍ପାୟନ ମାଧ୍ୟମରେ ମଧ୍ୟ ବ୍ୟାପକ ରୋଜଗାର ସୁଯୋଗ ସୃଷ୍ଟି କରିବା ପାଇଁ ଆମର ଅଭିଯାନ ଜାରି ରହିଛି । ଏହି ନିଯୁକ୍ତି ପ୍ରକ୍ରିୟା କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ ବରଂ ଓଡ଼ିଶାର ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତାର ଏକ ପ୍ରତିଫଳନ ।

ଏହି ଅବସରରେ ମୁଁ ସମସ୍ତ ନବନିଯୁକ୍ତଙ୍କୁ 'ସୁଶାସନ'ର ତିନୋଟି ମନ୍ତ୍ର- ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଅଭିଯୋଗର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛି । ଆମ ସରକାର ଦୁର୍ନୀତି ବିରୁଦ୍ଧରେ 'ଶୂନ୍ୟ ସହନଶୀଳତା ନୀତି' ଆପଣାଇଛନ୍ତି, ତେଣୁ କାର୍ଯ୍ୟର ପ୍ରଥମ ଦିନରୁ ହିଁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିଷ୍ଠାର ସହ ଜନସାଧାରଣଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବାକୁ ମୁଁ ସମସ୍ତଙ୍କୁ ଆହ୍ୱାନ କରିଛି । ନବନିଯୁକ୍ତମାନେ ସାଧାରଣ ଲୋକଙ୍କୁ ସମ୍ମାନ ଦେବେ । ନବନିଯୁକ୍ତମାନେ (ପୃଷ୍ଠା ୭ରେ)

## ନୂଆବର୍ଷରେ ଶୁଭେଚ୍ଛା ଜଣାଇବାକୁ କାର୍ଯ୍ୟାଳୟକୁ ନ ଆସିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୩୦।୧୨**
**ନ୍ୟୁଜ୍ ବ୍ୟୁରୋ**

ଇଂରାଜୀ ନୂଆବର୍ଷ ୨୦୨୬ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ଦିନଟି ସରକାରୀ କାର୍ଯ୍ୟ ଦିବସ ରହୁଥିବାରୁ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏକ ସାଧାରଣ କାର୍ଯ୍ୟଦିବସ ଭାବେ ଚାଲିବ । ତେବେ ମୁଖ୍ୟମନ୍ତ୍ରୀଙ୍କୁ କିମ୍ବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବାକୁ କେହି ବ୍ୟକ୍ତିଗତ ଭାବେ ନ ଆସିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଦିନ ସରକାରୀ କାର୍ଯ୍ୟଦିବସ ରହୁ ଥିବାରୁ, ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟରେ ନିୟମିତ କାର୍ଯ୍ୟ ଜାରି ରହିବ । ସରକାରୀ କାର୍ଯ୍ୟାଳୟକୁ କୌଣସି ପ୍ରକାରେ ଇଂରାଜୀ ନୂଆବର୍ଷ ପାଳନର ସ୍ଥଳୀ ନ (ପୃଷ୍ଠା ୭ରେ)

## ଏକାଳ ପଖାଳ




ସର୍କାରୀ ବାବୁଏ ଦୁଃଖରେ ଏବେ
ପାଳିପାରିବେନି କିଛି
ଇଂରାଜୀ ନବ ବରଷ ଦିନରେ
ଅଫିସରେ ଥିବେ ପହଞ୍ଚି
ଦୁଃଖର ଲୁହକୁ ପୋଛି
ଚିଠି ଆଦେଶକୁ ମାନିକି ଚଳିଯା
ହୁଅ ପଛେ କୁଟିଛେଚି ।

# ରାଷ୍ଟ୍ର ସମାଚାର- ୨୦୨୬



ଜ୍ୟୋତିର୍ବିଦ୍‌ବେଷିକା ଦୀପ୍ତିରେଖା ନନ୍ଦ
ଓଡ଼ିଆ ପାଞ୍ଜିଗଣନାକାର

ଇଂରାଜୀ ନୂଆବର୍ଷର ପ୍ରଥମ ସୂର୍ଯ୍ୟୋଦୟ ସମୟରେ ରବି ଧନୁ ରାଶିରେ, ଚନ୍ଦ୍ର ରୋହିଣୀ ନକ୍ଷତ୍ର ବୃଷରାଶିରେ, ବୃହସ୍ପତି ମିଥୁନରେ, ଶନି ମୀନ ରାଶିରେ ରାହୁ କୁମ୍ଭରେ ଏବଂ କେତୁ ସିଂହ ରାଶିରେ ରହିବେ । ସେହିପରି ମଙ୍ଗଳ, ବୁଧ ଓ ଶୁକ୍ର ଗ୍ରହମାନେ ବର୍ଷର ବିଭିନ୍ନ ସମୟରେ ପୂର୍ବମାନଙ୍କ ସହିତ ମିଶି ନବ ପଞ୍ଚକ, ମଙ୍ଗଳ ଓ ରାହୁ ଯୋଗେ ଅଙ୍ଗାରକ ଯୋଗ ରହୁଛି । ମଙ୍ଗଳଙ୍କ ଉପରେ ଶନିଙ୍କ ଦୃଷ୍ଟି ରହିବା ହେତୁ ବିଶ୍ୱରେ ଛଦ୍ମ ଯୁଦ୍ଧର ସମ୍ଭାବନା, ସାମରିକ ବସ୍ତୁର କ୍ରୟ ବିକ୍ରୟରେ ସାରା ବିଶ୍ୱ ମନବଳାଇବେ । ଯବନ ଓ ମଙ୍ଗୋଲିଆ ଦେଶମାନଙ୍କରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବ । ଅଙ୍ଗାରକ ଯୋଗର ପ୍ରଭାବରେ ମୁସଲିମ୍ ରାଷ୍ଟ୍ର ଯଥା ଆଫଗାନିସ୍ଥାନ, ତୁର୍କୀ, ଇରାକ, ଇରାନ୍ ଆଦି ଦେଶମାନଙ୍କରେ ହିଂସୁକ ସ୍ୱଭାବ ଆଚରଣ କରିବା ସଙ୍ଗେ ସଙ୍ଗେ ରକ୍ତପାତ ଘଟାଇବେ । ସୈନ୍ୟବାହିନୀ ଅନୁଶାସନହୀନ ହେବେ । ପୂର୍ବୋତ୍ତର ଦେଶମାନଙ୍କରେ ଭୂକମ୍ପ, ଯାନ ଦୁର୍ଘଟଣା ତଥା ଜଳ ପ୍ଲାବନରେ ଧନଜୀବନ ହାନିର ସୂଚନା, ମୁସ୍‌ଲିମ୍ ରାଷ୍ଟ୍ରମାନଙ୍କରେ ସୀୟା-ସୁନ୍ନି ସଂପ୍ରଦାୟିକ ଗଣ୍ଡଗୋଳ ମୁଣ୍ଡ ଟେକିବ । ପୂର୍ବ ରାଷ୍ଟ୍ରମାନେ ଯଥା ବର୍ମା, ଭୁଟାନ, ଚୀନ, ଜାପାନ ଆଦି ଦେଶମାନେ ବାରମ୍ବାର ଭୂକମ୍ପର ସମ୍ମୁଖୀନ ହେବେ । ବିଶ୍ୱର ଉତ୍ତରାର୍ଦ୍ଧରେ ରବି, ମଙ୍ଗଳ ଓ ବୁଧ ଗ୍ରହ ମେଷ ରାଶିରେ ଥିବା କାଳରେ ମହଙ୍ଗାର ଶୀକାର ହୋଇ ହନ୍ତସନ୍ତ ହେବେ । ବ୍ରିଟେନ, ଆମେରିକା, ଋଷ ଆଦି ଦେଶମାନେ ନିଜର ଔଦ୍ଧତ୍ୟକୁ ବଜାୟ ରଖିବେ । ପାକିସ୍ତାନର ସିନ୍ଧ୍ ପ୍ରଦେଶର ସ୍ଥିତି ବେଶ୍ ଗମ୍ଭୀର ହେବ । ପାକିସ୍ତାନରେ ସତ୍ତା ପରିବର୍ତ୍ତନ ଆଶଙ୍କା, ଚୀନ ଆରବରାଷ୍ଟ୍ର, ଜାପାନ ଆଦି ଦେଶମାନଙ୍କରେ ଆନ୍ଦୋଳନ ଓ ଜନ ଅଶାନ୍ତିର ସୂଚନା । ଆମେରିକା, ସ୍ୱୀଡେନ ତଥା ୟୁରୋପ ରାଷ୍ଟ୍ର ମାନଙ୍କରେ ସେନା ସଂଘର୍ଷ ଧନ ଜୀବନ ନଷ୍ଟ କରିବ, ଗୁରୁମଙ୍ଗଳ ଏକତ୍ରଯୋଗ ହେତୁ ବହୁ ରାଷ୍ଟ୍ର ଆର୍ଥିକ ଅନଟନର ସାମ୍ନା କରିବେ । ପାକିସ୍ତାନ, ତୁର୍କୀ ଏବଂ ଆଫ୍ରିକୀୟ ଦେଶମାନେ ବିଭିନ୍ନ ରାଜନୈତିକ ସମସ୍ୟାର ସମ୍ମୁଖୀନ ହେବେ । ତୁଳା ରାଶିରେ ବୁଧଙ୍କ ସ୍ଥିତି ଯୁଦ୍ଧୋନ୍ମାଦ ସୃଷ୍ଟି କରିବ । ବିଜ୍ଞାନ କ୍ଷେତ୍ରରେ ବିଶ୍ୱର ବହୁ ରାଷ୍ଟ୍ର ଉନ୍ନତି କାରକ ହେବେ । ମୁଖ୍ୟତଃ ବିଶ୍ୱର ବହୁ ସ୍ଥାନରେ ବୈପ୍ଳବିକ ପରିବର୍ତ୍ତନ ଆସିବ । ଶକ୍ତିଶାଳୀ ରାଷ୍ଟ୍ରମାନଙ୍କରେ ବ୍ୟୋମ ଦୁର୍ଘଟଣା ଓ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ମୃତ୍ୟୁରେ ଶୋକ ପାଳନ କରାଯିବ । ବିଶ୍ୱ ବ୍ୟାପାର ସମାନ୍ୟ ଗତିରେ ଗତିଶୀଳ ହେବ ।

ଭାରତ-ଆମ ଦେଶ ପାଇଁ ଏ ବର୍ଷ ସେତେଟା ଭଲ ଅନୁଭୂତ ନାହିଁ । ଶାସକ ଦଳକୁ ପ୍ରତିକ୍ଷେତ୍ରରେ ହେବ । ବିରୋଧୀମାନେ ବିରୋଧ କରିଚାଲିବେ । କେନ୍ଦ୍ର ସରକାର ସହିତ କେତେକ ରାଜ୍ୟର ମତଦ୍ୱୈଧ ସମ୍ଭାବନା, ବିରୋଧୀମାନେ ସରକାରୀ ଦଳର ଅପବ୍ୟୟକୁ ପଦାରେ ପକାଇବେ । ବିଭିନ୍ନ ଧାର୍ମିକ ବିଷୟ ଉପରେ ନ୍ୟାୟାଳୟର ଆଶ୍ରୟ ନେଲେ ମଧ୍ୟ ସାଂପ୍ରଦାୟିକତା ବିରୋଧରେ ସମ୍ମୁଖୀନ ହେବାକୁ ପଡିବ । ଦେଶର ପୂର୍ବ ଭାଗରେ ସାଂପ୍ରଦାୟିକତା ଗଣ୍ଡଗୋଳ ସୃଷ୍ଟିର ଆଶଙ୍କା, ବୁଧ, ଶୁକ୍ର ଓ ରାହୁ ଗ୍ରହଙ୍କ ପ୍ରଭାବରେ କେନ୍ଦ୍ରୀୟ ସ୍ତରରେ ନେତାମାନେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଶାସକ ଦଳ ପ୍ରତି ବିପଦ ସୃଷ୍ଟି କରିବାର ସମ୍ଭାବନା । କାଶ୍ମୀର, ମିଜୋରାମ, ପଶ୍ଚିମବଙ୍ଗ, ନାଗାଲାଣ୍ଡ, ଆସାମ ପ୍ରଭୃତି ରାଜ୍ୟରେ ଅଶାନ୍ତି ସୃଷ୍ଟି ହେବ । ଦେଶରେ (ପୃଷ୍ଠା ୭ରେ)





# ନୂଆବର୍ଷରେ ନୂଆ ପ୍ରତିଜ୍ଞା:ସମସ୍ତ ଜିଲ୍ଲା କାର୍ଯ୍ୟାଳୟରେ ଫୁଲତୋଡ଼ା ଓ ଉପହାର ମନା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ସମସ୍ତ ଜିଲ୍ଲା କାର୍ଯ୍ୟାଳୟରେ ନୂତନ ବର୍ଷାରମ୍ଭ ଠାରୁ ଫୁଲତୋଡ଼ା, ଉପହାର ଓ ମିଠା ପ୍ୟାକେଟ୍ ମନା କରାଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତିଭାସନ୍ ଏନେଇ ଏକ ନିର୍ଦ୍ଦେଶନାମା ଜାରି କରି ସମସ୍ତ ଅଧିକାରୀଙ୍କ ସହଯୋଗ କାମନା କରିଛନ୍ତି । ଏଥିସହିତ ଗଣମାଧ୍ୟମରେ ସୂଚନା ଦେଇ ଜିଲ୍ଲାପାଳ ସମସ୍ତ ଜନସାଧାରଣଙ୍କୁ ସଚେତନ କରାଇବା ସହ ଏହି ପ୍ରତିଜ୍ଞାରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି । ସୂଚନା ଅନୁଯାୟୀ, ନୂଆବର୍ଷ ପାଳନ ଉପଲକ୍ଷେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଭେଟିବାକୁ ଆସୁଥିବା ବ୍ୟକ୍ତି ନିଜ ସହ ଆଣୁଥିବା ଫୁଲତୋଡ଼ା ଓ ଉପହାରରେ ପଲିଥିନ୍ ବ୍ୟାଗ୍ ଓ ଥର୍ମୋକୁଲ୍ ଆଦି ଗୋଟିଏ ଥର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର କରାଯାଇଥାଏ । ଏହା ଯୋଗୁ ପରିବେଶ ପ୍ରଦୂଷିତ ହେଉଥିବାରୁ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ଏହା ଆଣିବା ନେଇ ବାରଣ କରାଯାଇଛି । ଏଥିସହିତ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ପାଇଁ ସଚେତନତା କରାଇବା ପାଇଁ ଧରିତ୍ରୀ ମା' ପାଇଁ ପ୍ରଗତି ପାଇଁ ପ୍ରତିଜ୍ଞା ଶୀର୍ଷକ ଏକ ସଂକଳ୍ପନାମା ଜାରି କରାଯାଇଛି । ସମସ୍ତ କାର୍ଯ୍ୟାଳୟରେ ଏହି ସଂକଳ୍ପ ପାଇଁ ଜାରି କରାଯାଇଥିବା କ୍ୟୁଆର୍ କୋଡ୍ ଲଗାଇ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କୁ ଏ ନେଇ ସଚେତନ କରି ସାମିଲ୍ କରିବାକୁ ଜିଲ୍ଲାପାଳ ଆହ୍ୱାନ୍ ଦେଇଛନ୍ତି । ଗଞ୍ଜାମ ଜିଲ୍ଲାକୁ ସୁନ୍ଦର ସବୁଜ ଜିଲ୍ଲା ଭାବେ ପରିଣତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଗତି ପାଇଁ ପ୍ରତିଜ୍ଞା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିରେ ଏବେ ସୁଦ୍ଧା ୫ ହଜାରରୁ ଅଧିକ ଲୋକ ସାମିଲ୍ ହୋଇସାରିଲେଣି । ଆହୁରି ଅଧିକ ଲୋକ ଏଥିରେ ସାମିଲ୍ ହେବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ଏଥିସହିତ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ କରାଯାଉଥିବା ସମ୍ମିଳନୀ/ବୈଠକରେ ପ୍ଲାଷ୍ଟିକ୍ ପାଣି ବୋତଲ ବ୍ୟବହାର ମନା ହୋଇଛି । ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ସବୁଜିମା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି । ଯେଉଁ କାର୍ଯ୍ୟାଳୟରେ ବଗିଚା କରିବା ସୁବିଧା ସେଠାରେ ଗଛ ଲଗାଇବା ସହ କାର୍ଯ୍ୟାଳୟ ପରିସରରେ ଫୁଲ କୁଣ୍ଡରେ ଗଛ ଲଗାଇ ସବୁଜିମା ଭରିବାକୁ ଆହ୍ୱାନ ଦିଆଯାଇଛି । ଜିରୋ ପ୍ଲାଷ୍ଟିକ୍‌କୁ ଗୁରୁତ୍ୱ ଦିଆଯାଇଛି । ଅନ୍ୟପଟେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରତିଜ୍ଞା ପାଇଁ କ୍ୟୁଆର୍ କୋଡ୍ ବିଭିନ୍ନ ଗଣମାଧ୍ୟମ ଜରିଆରେ ଜାରି ହେବା ପରେ ସମସ୍ତେ ଏହି ପ୍ରତିଜ୍ଞା ପାଇଁ ଅନ୍‌ଲାଇନ୍‌ରେ ପଞ୍ଜିକରଣ କରିବା ନିଜ ନିଜ ପ୍ରମାଣପତ୍ର ଡ଼ାଉନ୍‌ଲୋଡ୍ କରି ନିଜ ସମସ୍ତ ସୋସିଆଲ୍ ମିଡ଼ିଆରେ ସେୟାର କରୁଥିବା ଦେଖିବାକୁ ମିଳିଛି ।

# ଓଡ଼ିଆ ଭାଷାର ପ୍ରଚାର ଦିଗରେ ପାଲାର ଅବଦାନ ଗୁରୁତ୍ୱପୂର୍ଣ୍ଣ:ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍**

ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର ପାଇଁ 'ପାଲା'ର ମହତ୍ୱପୂର୍ଣ୍ଣ ଅବଦାନ ରହିଛି । ଓଡ଼ିଆ ଲୋକ ସାହିତ୍ୟ ଜୀବନ୍ତ ହୋଇଛି । ତେଣୁ, ଏଭଳି ଏକ ସମୃଦ୍ଧ ଲୋକକଳା ବଞ୍ଚାଇ ରଖି ଏହାର ଅଭିବୃଦ୍ଧି ଦିଗରେ ଚେଷ୍ଟା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଆଜି ଓଡ଼ିଶାର ଅନ୍ୟତମ ଆଧ୍ୟାତ୍ମିକ ଓ ବିଦଗ୍ଧ ଲୋକକଳା 'ପାଲା'ର ୪୮ତମ ରାଜ୍ୟସ୍ତରୀୟ ମହା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଓଡ଼ିଆ ଅସ୍ମିତା ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଓଡ଼ିଶାର ଲୋକନୃତ୍ୟ, ନାଟକ, କାବ୍ୟ ଆଦିରେ ସଙ୍ଗୀତର ଅଖଣ୍ଡ ପ୍ରଭାବ ପରିଲକ୍ଷିତ ହୋଇଥାଏ । ଆଉ 'ପାଲା' ହେଉଛି ସେହି ସଙ୍ଗୀତର ଅମୃତ ପରିପ୍ରକାଶ । ଏହା ହେଉଛି ଓଡ଼ିଶାର ଏକ ବିଶିଷ୍ଟ ସାରସ୍ୱତ କଳା ଓ ସାଧନା, ଯାହା ପିଢ଼ି ପରେ ପିଢ଼ି ଓଡ଼ିଶାର ଜନଜୀବନ ଓ ସାଂସ୍କୃତିକ ଚେତନା ସହିତ ନିବିଡ଼ ସମ୍ପର୍କ ରଖିଆସିଛି । 'ପାଲା' ହେଉଛି ଗୀତ, ନୃତ୍ୟ, ବାଦ୍ୟ, ପାଣ୍ଡିତ୍ୟ, ଆଶୁ କବିତ୍ୱ, ମନୋରଞ୍ଜନ ଓ ପ୍ରତିଭାର ମିଳନ ପୀଠ । ବିଧିବଦ୍ଧ ଆଲୋଚନା, ପାଣ୍ଡିତ୍ୟପୂର୍ଣ୍ଣ ତର୍କ, ସଂସ୍କୃତି ଓ ଭାଷାର ମୂଲ୍ୟାୟନରେ ହିଁ ଓଡ଼ିଶାର 'ପାଲା' ସଂସ୍କୃତି ପରିପୂର୍ଣ୍ଣ । ଓଡ଼ିଆ ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଚଳଣିର ଭିତ୍ତିଭୂମିକୁ ସୁଦୃଢ଼ କରିଛି 'ପାଲା' । ପ୍ରାୟ ୯୦ ଦଶକ ପର୍ଯ୍ୟନ୍ତ 'ପାଲା'କୁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ପ୍ରଚାର ପ୍ରସାର ତଥା ଜନସଚେତନତା ଉଦ୍ଦେଶ୍ୟରେ ବହୁଳ ଭାବେ ବ୍ୟବହାର କରାଯାଉଥିଲା । 'ପାଲା' ମାଧ୍ୟମରେ ଓଡ଼ିଶାର ଜନସାଧାରଣ ସତ୍ୟ, ଧର୍ମ, କରୁଣା, ସାମାଜିକ ସମତା ଓ ନୀତି ଶିକ୍ଷାର ପାଠ ଶିଖୁଥିଲେ । ଏହା ଅନେକ ସମୟରେ କୁସଂସ୍କାର, ଅନ୍ୟାୟ ଓ ଅସମାନତା ବିରୋଧରେ ଲୋକଙ୍କୁ ସଚେତନ କରିଛି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର ପାଇଁ 'ପାଲା'ର ମହତ୍ୱପୂର୍ଣ୍ଣ ଅବଦାନ ରହିଛି । ଓଡ଼ିଆ ଲୋକ ସାହିତ୍ୟ ଜୀବନ୍ତ ହୋଇଛି । ତେଣୁ, ଏଭଳି ଏକ ସମୃଦ୍ଧ ଲୋକକଳା ବଞ୍ଚାଇ ରଖି ଏହାର ଅଭିବୃଦ୍ଧି ଦିଗରେ ଚେଷ୍ଟା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ । ଆମର ଓଡ଼ିଆ ଭାଷା ସଂସ୍କୃତି ଉପରେ ଉଚ୍ଚଶିକ୍ଷା ଲାଭ କରୁଥିବା ଯୁବ ପିଢ଼ିଙ୍କୁ ମୋର ଅନୁରୋଧ ଆମର ଏହି ମହାନ ଲୋକ କଳା ସଂସ୍କୃତି ଉପରେ ଅଧିକ ଗବେଷଣା କରନ୍ତୁ । ଯୁବ ପିଢ଼ିଙ୍କ ଭିତରେ ଯଦି ଆଗ୍ରହ ବଢ଼ିବ ତେବେ ନିଶ୍ଚିତ ରୂପେ ଆମର ଏହି ମହାନ୍ ଲୋକକଳା ଆହୁରି ଉଜ୍ଜ୍ୱଳ ହେବ । ସେ କହିଥିଲେ ଯେ, ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ଛନ୍ଦ, ସ୍ୱର, ତାଳ, ଲୟରେ ଗୁନ୍ଥି ଦେଇ ଲୋକଙ୍କ ମଧ୍ୟରେ ଜୀବନ୍ତ କରି ରଖିଥିବା ଅନୁଷ୍ଠାନ ହେଉଛି 'ପାଲା' । ଅତିବଡ଼ି ଜଗନ୍ନାଥ ଦାସ, ଭକ୍ତ କବି ଦିନକୃଷ୍ଣ, ବିଦଗ୍ଧ କବି ଅଭିମନ୍ୟୁ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିକଳହଂସ ଗୋପାଳକୃଷ୍ଣ, ଭକ୍ତକବି ଜୟଦେବଙ୍କ ପରି ଅନେକ ଯୋଗଜନ୍ମା କବିମାନଙ୍କ ରଚନା ସମୂହକୁ ସ୍ୱାବଲୀଳ ଛନ୍ଦ ଓ ଅଭିନୟ ସହ ଲୋକମାନଙ୍କ ପାଖରେ ପହଞ୍ଚାଇ ରଚନାର ସାରସ୍ୱତତାକୁ ପ୍ରତି ଓଡ଼ିଆଙ୍କ ହୃଦୟରେ ଅବସ୍ଥାପିତ କରାଇପାରିଛନ୍ତି ଏହି 'ପାଲା' ଅନୁଷ୍ଠାନ । ଯଦିଓ ଆଜି ଆଧୁନିକ ଯୁଗରେ ଟେଲିଭିଜନ, ଯାତ୍ରା, ସିନେମା ପ୍ରତି ଅଧିକ ମାତ୍ରାରେ ଆଗ୍ରହ ବଢ଼ିଛି, ମାତ୍ର ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ସାହିତ୍ୟ ପ୍ରତି ରୁଚି ରଖିଥିବା ବ୍ୟକ୍ତିମାନଙ୍କର ପାଲା ପ୍ରତି ସ୍ୱତନ୍ତ୍ର ଆକର୍ଷଣ ରହିଛି । ମୋର ବିଶ୍ୱାସ ଉପଯୁକ୍ତ ପୃଷ୍ଠପୋଷକ ମିଳିଲେ ଏହାର ଲୋକପ୍ରିୟତା ପୁଣି ଫେରି ଆସିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ସାଂସଦ ଅନନ୍ତ ଚରଣ ନାୟକ, ବିଧାୟକ ଫକୀର ମୋହନ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାଏକ, ନିକୁ ସାହୁ, ସୁକଦେବ ମହାନ୍ତ, ଡ଼ା. ଧରଣୀଧର ନାଥ, ପ୍ରଫେସର ନିରଦ ଦାଶ, ଅମିୟ କୁମାର ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ପ୍ରଧାନ, ବସନ୍ତ କୁମାର ରାଉତ, ରମାକାନ୍ତ ପାତ୍ର, ଡ଼ା. ମଦନ ମୋହନ ଜେନା, ପଣ୍ଡିତ ଜିତୁ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ମା' ତାରିଣୀ ପାଲା କଳାକାର ସଂଘ ପକ୍ଷରୁ ଆୟୋଜିତ ଏହି ପଲା ସମ୍ମିଳନୀରେ ଓଡ଼ିଶାର ପ୍ରାୟ ସମସ୍ତ ଜିଲ୍ଲାର ବିଶିଷ୍ଟ ପାଲା ଗାୟକ ଓ ବାୟକ ମଣ୍ଡଳୀ ଉପସ୍ଥିତ ଥିଲେ ।



**////////// ଗଞ୍ଜେଇ ମାଫିଆଙ୍କ ଟ୍ରାନ୍‌ଜିଟ୍ ପଏଣ୍ଟ ପାଲଟିଛି ବ୍ରହ୍ମପୁର //////////**

# କନ୍ଧମାଳ ଓ ଗଜପତି ପାଲଟିଛି ହବ୍, ବ୍ରହ୍ମପୁର ଟ୍ରାନ୍‌ଜିଟ୍ ପଏଣ୍ଟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଓ ଗଜପତି ଗଞ୍ଜେଇର ହବ୍ ପାଲଟିଛି । ଏହି ଦୁଇ ଜିଲ୍ଲାର ଗଞ୍ଜେଇ ଚାହିଦା ବି ବେଶ୍ ଅଧିକ । ନିୟମିତ ଭାବେ ଉଭୟ ଜିଲ୍ଲାରୁ ହଜାର ହଜାର କ୍ୱିଣ୍ଟାଲ୍ ଗଞ୍ଜେଇ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ପଡ଼ୋଶୀ ରାଜ୍ୟକୁ ଚାଲାଣ ହେଉଥିବା ନଜିର ରହିଛି । ଚୋରା ଗଞ୍ଜେଇ କାରବାର ପଛରେ ଏକ ବଡ଼ ରାକେଟ୍ କାମ କରୁଥିବା ବେଳେ ରାଜ୍ୟ ସରକାର ମାଫିଆ ଏହାକୁ ନିୟନ୍ତ୍ରଣ କରୁଛନ୍ତି । ଅବକାରୀ ଓ ପୋଲିସ ଆଖିରେ ଧୂଳି ଦେଇ ଚାଲାଣକାରୀ ବିଭିନ୍ନ ନୂଆ ନୂଆ କୌଶଳ ଅବଲମ୍ବନ କରୁଥିବା ବେଳେ କେତେବେଳେ ଧରାପଡୁଛନ୍ତି ତ କେତେବେଳେ ଖସିଯାଉଛନ୍ତି । ଅବକାରୀ ଓ ପୋଲିସ ବିଭାଗ ବି ବିପୁଳ ପରିମାଣର ଗଞ୍ଜେଇ ଜବତ କରୁଛି । ଏହି ଚୋରା ଚାଲାଣରେ ବ୍ରହ୍ମପୁରକୁ ଟ୍ରାନ୍‌ଜିଟ୍ ପଏଣ୍ଟ ଭାବେ ବିବେଚନା କରାଯାଇଛି । ବ୍ରହ୍ମପୁରରୁ ଗଞ୍ଜେଇ ଚାଲାଣର ବ୍ୟାପକ ପ୍ରସ୍ତୁତ କରାଯାଉଥିବା ବେଳେ ଏହି କାରବାରରେ ଗଞ୍ଜାମ ଜିଲ୍ଲାର କିଛି ପେସାଦାର ମାଫିଆ କିଙ୍ଗପିନ୍ ପାଲଟିଛନ୍ତି । କନ୍ଧମାଳ ଓ ଗଜପତିର ଦୁର୍ଗମ ଇଲାକାରୁ ଟ୍ରକ୍, କାର୍ ସମେତ ଗାଡ଼ିରେ ଗଞ୍ଜେଇ ଚାଲାଣ କରାଯାଉଛି । ଏଭଳିକି ଏହି କାରବାରରେ କିଛି ବେରୋଜଗାର ଯୁବକଙ୍କୁ ନିୟୋଜିତ କରି ଟ୍ରେନ୍ ଯୋଗେ ଅନ୍ୟତ୍ର ପଠାଯାଉଛି । ମହିଳାଙ୍କୁ ବି ସମ୍ପୃକ୍ତ କରାଯାଉଛି । ଓଡ଼ିଶା ସୀମା ଅତିକ୍ରମ କରିବା ପରେ ଗଞ୍ଜେଇର ମୂଲ୍ୟ ତିନିଗୁଣା ବଢ଼ିଯାଉଥିବା ଯୋଗୁ କମ୍ ସମୟରେ ଅଧିକ ଉପାର୍ଜନ କରିବା ଲକ୍ଷ୍ୟରେ ଯୁବପିଢ଼ି ଏଥିରେ ସମ୍ପୃକ୍ତ ହେଉଛନ୍ତି । ମାଫିଆ ବିଭିନ୍ନ ଜରିଆରେ ଚୋରା ଚାଲାଣ କରି ଲକ୍ଷାଧିକ ଟଙ୍କା ଉପାର୍ଜନ କରୁଛନ୍ତି । ମାଫିଆଙ୍କ ଚେର ଖୋଜିବା ପାଇଁ ଏକାଧିକ ରାଜ୍ୟର ପୋଲିସ ଲାଗି ପଡ଼ିଛି । ଚାଲାଣକାରୀଙ୍କୁ ଧରିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ରାଜ୍ୟର ପୋଲିସ ଗଞ୍ଜାମ ଜିଲ୍ଲାରେ ଡେରା ପକାଉଛନ୍ତି । ବ୍ରହ୍ମପୁରରେ ବି ଗଞ୍ଜେଇ କାରବାର କିଛି କମ୍ ନୁହଁ । ସହରର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଗଞ୍ଜେଇ ସିଗାରେଟ୍ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ଯାହା ଯୁବବର୍ଗଙ୍କ ପସନ୍ଦ ପାଲଟିଛି । କନ୍ଧମାଳ ଓ ଗଜପତିର ଗଞ୍ଜେଇର ଚାହିଦା ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ, ଚେନ୍ନାଇ ଓ ହାଇଦ୍ରାବାଦ୍‌ରେ ବେଶ୍ ଅଧିକ । ଏଥିପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ମାଫିଆ ରହିଛନ୍ତି । ପୋଲିସ କିଛି ମାଫିଆଙ୍କୁ ଉଠାଇ ନେବାର ବି ନଜିର ରହିଛି । ବିଗତ ଦିନରେ ସୁରଟ, ଦିଲ୍ଲୀ ଓ ମୁମ୍ବାଇ ପୋଲିସ ଗଞ୍ଜାମ ଜିଲ୍ଲାର ଏକାଧିକ ମାଫିଆଙ୍କୁ ଉଠାଇ ନେଇଛି । କନ୍ଧମାଳ ଓ ଗଜପତି ଜିଲ୍ଲାରୁ ଆସିଥିବା ଗଞ୍ଜେଇ ବ୍ରହ୍ମପୁର ଦେଇ ପାର ହେଉଥିବା ଯୋଗୁଁ ମାଫିଆ ଗୋଷ୍ଠୀ ଏହାକୁ ଟ୍ରାନ୍‌ଜିଟ୍ ପଏଣ୍ଟ୍ ଭାବେ ବାଛି ନେଇଛନ୍ତି ।




# କଟକରୁ ଅପହୃତ ଯୁବକ ସୋନପୁରରୁ ଉଦ୍ଧାର

**କଟକ, ନ୍ୟୁଜ୍ ବ୍ୟୁରୋ**

ତପନ କୁମାର ଶତପଥୀ ଅପହରଣ ଘଟଣାର ପର୍ଦ୍ଦାଫାଶ କଲା କମିଶନରେଟ ପୋଲିସ । ଗତ ୨୬ ତାରିଖରେ ଜଗତସିଂପୁର ବିରିଡ଼ି ଅଞ୍ଚଳର ତପନଙ୍କୁ କଟକ ନୂଆବଜାର ଅଞ୍ଚଳରୁ ଅପହରଣ କରାଯାଇଥିଲା । ଦୁଇ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ମାଗିଥିଲେ ଅପହରଣକାରୀ । ଅପହରଣ ଅଭିଯୋଗ ମଧୁପାଟଣା ଥାନାରେ ହେବାପରେ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ଶେଷରେ ସୋନପୁରରୁ ଅପହୃତ ବ୍ୟକ୍ତିଙ୍କୁ ଉଦ୍ଧାର କରିଛି ପୋଲିସ । ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ୍ । ଗିରଫ ଅଭିଯୁକ୍ତ ହେଲେ ଦିବ୍ୟ ଲୋଚନ ବେହେରା, ଅଜିତ ମିଶ୍ର ଓ ଜନ୍ମେଶ୍ୱର ମିଶ୍ର । ତେବେ ପୋଲିସକୁ ଚକ୍‌ମା ଦେବା ପାଇଁ ଅପହରଣକାରୀମାନେ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲେ । ବଲାଙ୍ଗୀର ଓ ସୋନପୁର ପୋଲିସ ସହାୟତାରେ ଉଦ୍ଧାର କରାଯାଇଥିଲା । ଚାକିରି ନାଁରେ ଟଙ୍କା କାରବାର ଅପହରଣ ପଛର କାରଣ ବୋଲି ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି ବୋଲି ସୂଚନା ଦେଇଛନ୍ତି କଟକ ଡିସିପି ।

# ରାଜ୍ୟସ୍ତରୀୟ ଗୀତା ଆବୃତ୍ତିରେ ଅଂଶୁଜା ପ୍ରଥମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପ୍ରଜ୍ଞାନ ମିଶନ ପକ୍ଷରୁ ପୁରୀ ସ୍ଥିତ ବାଲିଘାଇ ଆଶ୍ରମ ପରିସରରେ ଅନୁଷ୍ଠିତ ୭ମ ବାର୍ଷିକ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ କେନ୍ଦ୍ରାପଡ଼ାର ଅଂଶୁଜା ପାଣି ସ୍ନାତକ ଓ ସ୍ନାତକୋତ୍ତର ବର୍ଗରେ ସର୍ବୋଚ୍ଚ ନମ୍ବର ରଖି ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି । ଏହା ଜିଲ୍ଲାର ବିଭିନ୍ନ ଆଧ୍ୟାତ୍ମିକ ସଂଗଠନ ଓ ଗୀତା ପ୍ରେମୀଙ୍କ ମହଲରେ ଖୁସି ଖେଳାଇ ଦେଇଛି । ଗତ ୨୬ ଓ ୨୭ ତାରିଖ ଦୁଇଦିନ ଧରି ରାଜ୍ୟର ସମସ୍ତ ଜିଲ୍ଲାରୁ ଶ୍ରେଷ୍ଠ ବିବେଚିତ ୪ଟି ବର୍ଗର ବିଦ୍ୟାର୍ଥୀମାନେ ବାଲିଘାଇ ଆଶ୍ରମରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଅଂଶୁଜାଙ୍କ ଘର କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡ଼ା ଗ୍ରାମରେ ହୋଇଥିବାବେଳେ ସେ ଓୟୁଏଟିର ବ୍ରହ୍ମପୁର ସ୍ଥିତ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟର ସ୍ନାତକ ଛାତ୍ରୀ ଭାବେ ଏଥିରେ ଭାଗ ନେଇଥିଲେ । ରବିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଉଦ୍‌ଯାପନୀ ସଭାରେ ପରମହଂସ ପ୍ରଜ୍ଞାନାନନ୍ଦ ସରସ୍ୱତୀ ଓ ଗଜପତି ଦିବ୍ୟସିଂହଦେବ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ସ୍ନାତକ ଓ ସ୍ନାତକୋତ୍ତର ବର୍ଗରେ ପ୍ରଥମ ହୋଇଥିବା ଅଂଶୁଜାଙ୍କୁ ଟ୍ରଫି, ପ୍ରମାଣପତ୍ର ଓ ଶ୍ରୀମଦ ଭଗବତ ଗୀତା ସହ ଏକ ବର୍ଷ ପାଇଁ ୬ ହଜାର ଟଙ୍କା ବୃତ୍ତି ରାଶି ପ୍ରଦାନ କରାଯାଇଥିବା ଗୀତା ଆବୃତ୍ତି ପ୍ରତିଯୋଗିତାର ରାଜ୍ୟ ସଂଯୋଜକ ସ୍ୱାମୀ ବିଶ୍ୱରୂପାନନ୍ଦ ଗିରିଙ୍କ ସୂତ୍ରରୁ ପ୍ରକାଶ । ଉକ୍ତ ପ୍ରତିଯୋଗିତାରେ ସମସ୍ତ ଜିଲ୍ଲାରୁ ଶ୍ରେଷ୍ଠ ବିବେଚିତ ୩୦୦ ବିଦ୍ୟାର୍ଥୀ ଭାଗ ନେଇଥିଲେ ।

# ହ୍ୟୁମାନ ସାଗର ମୃତ୍ୟୁ ମାମଲା, ଏତଲାରେ ଥିବା ବ୍ୟକ୍ତିଙ୍କୁ ଜେରା କରାଯିବ:ଡିସିପି



**କଟକ, ନ୍ୟୁଜ୍ ବ୍ୟୁରୋ**

ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ମୃତ୍ୟୁ ମାମଲାରେ ମା' ଶେଫାଳୀ ଦେଇଥିବା ଏତଲା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି କଟକ ଡିସିପି ଋଷିକେଶ ଖିଲାରୀ । ଡିସିପି କହିଛନ୍ତି ଏତଲା ଆଧାରରେ ତଦନ୍ତ କରାଯାଉଛି । ଏତଲାରେ ଥିବା ବ୍ୟକ୍ତି ତଦନ୍ତ ପରିସରଭୁକ୍ତ ହେବେ । ମେଡିକାଲ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଛି । ରିପୋର୍ଟ ଆସିବା ପରେ ତର୍ଜମା କରାଯିବ ବୋଲି ଡିସିପି କହିଛନ୍ତି । ମର୍କତନଗର ଥାନାରେ ଶେଫାଳି ୯ ଜଣଙ୍କ ନାଁରେ ଏତଲା ଦେଇଥିଲେ । ଶେଫାଳି ଗଣମାଧ୍ୟମରେ କହିଥିଲେ ପୁଅ ହ୍ୟୁମାନକୁ ଲିଭର ସିରୋସିସ୍ ହୋଇଥିଲା, ହେଲେ ମ୍ୟାନେଜର ଥରେ ହେଲେ ମୋତେ କହିନଥିଲା । ସେ ଆହୁରି ମଧ୍ୟ କହିଥିଲେ କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ବିଭିନ୍ନ ସମୟରେ ପୁଅ ହ୍ୟୁମାନ୍ ପାଖକୁ ରାତି ଅଧରେ ଆସୁଥିଲା, ଏହି କଥାକୁ ସେ ବିରୋଧ କରିଥିଲେ । ସାଗର ସଙ୍ଗମ ଲାଇଭ୍ ଟ୍ରୁପର ମାଲିକ ଆବିଦ୍ ନିଜ ସହିତ ଅର୍ପିତାଙ୍କୁ ନେଇ ଆସୁଥିଲା । ଦୀର୍ଘ ସମୟ ଘରେ ରହୁଥିଲେ । ମୃତ୍ୟୁ ରହସ୍ୟ ଖୋଲିବାକୁ ମା' ଶେଫାଳି ତାଙ୍କ ଏତଲାରେ ବୋହୂ ଶ୍ରେୟା ମିଶ୍ର ଓ ତାଙ୍କ ପରିବାର, ଚିକିତ୍ସା କରୁଥିବା ଡାକ୍ତର ଶୁଭେନ୍ଦୁ ମିଶ୍ର, ସହ-କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ମ୍ୟାନେଜର ଦିନେଶ ବେହେରା, ମ୍ୟାନେଜର ପ୍ରଶାନ୍ତ ବେହେରା, ସହଯୋଗୀ ଲୁଲୁ ମହାନ୍ତି ଓ ଜଗଦିଶ ମହାନ୍ତିଙ୍କୁ ଅଭିଯୁକ୍ତ କରିଛନ୍ତି । ଏହି କ୍ରମରେ ପୋଲିସ ତଦନ୍ତ ଆରମ୍ଭ କରି ସିସିଟିଭି ଫୁଟେଜ୍, ବ୍ୟାଙ୍କ ତଥ୍ୟ ଓ ମୋବାଇଲ୍ କଲ୍ ରେକର୍ଡ ମଗାଇଛି ।

# ନିଷ୍ଠାପର ସେବା ପାଇଁ ୭ ରେଳ କର୍ମଚାରୀ ସମ୍ମାନିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କାର୍ଯ୍ୟ ସମୟରେ ନିରାପତ୍ତା ପ୍ରତି ଅନୁକରଣୀୟ ସମର୍ପଣ, ସତର୍କତା ଏବଂ ପ୍ରତିବଦ୍ଧତାର ସ୍ୱୀକୃତି ସ୍ୱରୂପ, କର୍ତ୍ତବ୍ୟ ପାଳନ ସମୟରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି ସାତ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ସମ୍ମାନିତ କର୍ମଚାରୀମାନଙ୍କ ମଧ୍ୟରେ ଅଛନ୍ତି କେନ୍ଦୁଝରଗଡ଼ ଷ୍ଟେସନ୍ ଠାରେ କାର୍ଯ୍ୟରତ ଲୋକୋ ପାଇଲଟ୍ ନବୀନ କୁମାର ପଲାଇ, ଖୋର୍ଦ୍ଧା ରୋଡ୍ ଷ୍ଟେସନ୍ ଠାରେ କାର୍ଯ୍ୟରତ ଲୋକୋ ପାଇଲଟ୍ ଏ.କେ. ବଳିଆରସିଂ, ରାହାମା ଷ୍ଟେସନ୍ ଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟେଣର-III ମନୋଜ କୁମାର ହଂସଦା, ଅନୁଗୁଳ ଷ୍ଟେସନ୍ ଠାରେ କାର୍ଯ୍ୟରତ ଟ୍ରାକ୍ ମେଣ୍ଟେଣର-II ଗୋରଖ ବେହେରା ଏବଂ ଟ୍ରାକୟ ମେଣ୍ଟେଣର-IV ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ରାଜଆଠଗଡ଼ ଷ୍ଟେସନ୍ ଠାରେ କାର୍ଯ୍ୟରତ ଟ୍ରାକ୍ ମେଣ୍ଟେଣର-IV ପ୍ରଦୀପ କୁମାର ସାହୁ ଏବଂ ନିରଞ୍ଜନ ରଣା । ଏହି କର୍ମଚାରୀମାନେ ସେମାନଙ୍କର ନିୟମିତ କର୍ତ୍ତବ୍ୟ ସମୟରେ ମାନସିକତାର ଅସାଧାରଣ ଉପସ୍ଥିତି ଏବଂ ସତର୍କତା ପ୍ରଦର୍ଶନ କରିଥିଲେ ଏବଂ ସମୟୋଚିତ ଏବଂ ପ୍ରଭାବଶାଳୀ କାର୍ଯ୍ୟ ସମ୍ପାଦନ କରିଥିଲେ ଯାହା ରେଳ ସେବାର ନିରାପଦ ଚଳାଚଳ ସହ ସୁଗମ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ପୁରସ୍କାରପ୍ରାପ୍ତ କର୍ମଚାରୀମାନଙ୍କୁ ସମ୍ମାନିତ କରିବା ସମୟରେ ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି ସେମାନଙ୍କର ଆନ୍ତରିକତା, ସମର୍ପଣ ଏବଂ ବୃତ୍ତିଗତତାର ସହ କାର୍ଯ୍ୟ ସମୟରେ ସାମ୍ନା କରାଯାଉଥିବା ବିଭିନ୍ନ ଆହ୍ୱାନ ଓ ବିପରୀତ ପରିସ୍ଥିତିରେ ସେମାନଙ୍କର କର୍ତ୍ତବ୍ୟ ନିଷ୍ଠା ପାଇଁ ପ୍ରଶଂସା କରିଥିଲେ । ଶ୍ରୀ ତ୍ରିପାଠି ଗୁରୁତ୍ୱାରୋପ କରିଥିଲେ ଯେ ଟ୍ରାକ୍ ମେଣ୍ଟେନର୍ସ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଏବଂ ଷ୍ଟେସନ୍ ଅପରେଟରଙ୍କ ଭଳି ଆଗଧାଡ଼ିର କର୍ମଚାରୀମାନେ ରେଳ ପରିଚାଳନାର ନିରାପତ୍ତା, ନିର୍ଭରଯୋଗ୍ୟତା ଏବଂ ସମୟାନୁବର୍ତ୍ତିତା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛନ୍ତି । ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଉଲ୍ଲେଖନୀୟ ପ୍ରଦର୍ଶନକୁ ସ୍ୱୀକୃତି ଦେବା ଏବଂ ସମସ୍ତ ସ୍ତରରେ ରେଳ ପରିଚାଳନାରେ ନିରାପତ୍ତା, ସତର୍କତା ଏବଂ ଉତ୍କର୍ଷତାର ଏକ ଦୃଢ଼ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ।




## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩୧।୧୨।୨୦୨୫, ପୌଷ ଦି୧୬ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୬।୨୧।୨୦ ଚନ୍ଦ୍ରୋଦୟ- ଦିଘ୨।୦୪।୧୨**

**ଦ୍ୱାଦଶୀ-** ରାଘ୧।୪୮ ପର୍ଯ୍ୟନ୍ତ । **କୃତିକା ନକ୍ଷତ୍ର-** ରାଘ ୧।୩୦ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଦିଘ ୯।୨୨ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ଦିଘ ୯।୨୨ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ଦିଘ ୯।୨୨ ଗତେ ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ରାଘ ୧।୪୮ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୬ ଗତେ ଘ ୮।୩୪ ମଧ୍ୟେ । ଦିଘ ୧।୪୦ ଗତେ ଘ ୩।୪୫ ମଧ୍ୟେ । **ପର୍ବୋତ୍ସବ-** ଇଂରାଜୀ ବର୍ଷ ଶେଷ ।



**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି । ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ । ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ ।



**ବୃଷ:** ଦୁଃସାଧ୍ୟ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁଙ୍କ ସହଯୋଗ ଲାଭ କରିବେ । ପାରିବାରିକ ଜୀବନ ସୁଖମୟ ହେବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ । ଆୟର ପରିମାଣ ବଢ଼ିପାରେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**କର୍କଟ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦ ଅନୁଭବ କରିବେ । ଦେବ ଦର୍ଶନ ସହ ଶୁଭ କାର୍ଯ୍ୟ ମଧ କରିପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ଶାନ୍ତିର ବାତାବରଣ ରହିବ ।



**ସିଂହ:** କାର୍ଯ୍ୟକ୍ଷେତ୍ରରେ ସାମାନ୍ୟ ବିଳମ୍ବ ଦେଖାଦେବ । ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି ।



**କନ୍ୟା:** ଅଣ୍ଟି ଛୁରୀ ତଣ୍ଟି କାଟିଲା ପରି ଆପଣାର ଲୋକ ବିଶ୍ୱାସଘାତକ କରିପାରନ୍ତି । ରୋଜଗାର ମଧ୍ୟମ ହେବ । ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଫଳ ପାଇବେ । ଘରେ କଳହ ଓ ଅଶାନ୍ତି ଦେଖାଦେବ ।



**ତୁଳା:** ମାନସିକ ଦୁଶ୍ଚିନ୍ତାର ଅନ୍ତ ହେବ । ଶତ୍ରୁ ନାଶ ହେବେ । ଘରେ ଆନନ୍ଦ ଦେଖାଦେବ । ନୂତନ କାର୍ଯ୍ୟାରମ୍ଭ କରିପାରନ୍ତି । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଶରୀର ସୁସ୍ଥ ରହିବ ।



**ବିଛା:** ଘାତଚନ୍ଦ୍ର ହେତୁ ସାବଧାନତା ଶ୍ରେୟସ୍କର । ବ୍ୟବସାୟରେ କ୍ଷତି ଦେଖାଦେବ । ଖର୍ଚ୍ଚର ପରିମାଣ ବଢ଼ିବ । ପାରିବାରିକ ବିଶୃଙ୍ଖଳା ସୃଷ୍ଟି ହୋଇପାରେ । ପିଲାମାନେ ପଢ଼ାପଢ଼ିରେ ଅବହେଳା କରିବେ ।



**ଧନୁ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ସାମାଜିକ ସ୍ତରରେ ଲାଭବାନ୍ ହେବେ । ରୋଜଗାର ଭଲ ହେବ । ଘରେ ଶାନ୍ତି ଲାଭ ହେବ । ମହିଳାମାନେ ସୁଖୀ ହେବେ । ମନ ଭଲ ରହିବ ।



**ମକର:** ସମସ୍ତ କାର୍ଯ୍ୟ ଆପଣଙ୍କର ସୁରୁଖୁରୁରେ ସମ୍ପାଦନ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଦେହ ଓ ମନ ଭଲ ରହିବ ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ସମସ୍ତ ସମସ୍ୟାର ଅନ୍ତ ହେବ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖମୟ ହେବ । ନୂତନ ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବେ । ଅପେକ୍ଷା କରିଥିବା ଖବରଟି ଅପରାହ୍ନେ ପାଇପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଶାନ୍ତିର ବାତାବରଣ ରହିବ ।

# ଦେଢଶୁର ମାଡ଼ରେ ଭାଇବୋହୂ ଗୁରୁତର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ ଚାନ୍ଦୋଳ ଫାଣ୍ଡି ନରହରିପୁର ଗ୍ରାମର ବନସ୍ମିତା ମଣ୍ଡଳ ସ୍ୱାମୀ ସରୋଜକାନ୍ତ ମଣ୍ଡଳଙ୍କର ଦେଢସୁର ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଗୁରୁତର କରିଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ଅଭିଯୁକ୍ତକୁ ଗିରଫ କରିବା ପାଇଁ ଦାବି କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ବନସ୍ମିତାଙ୍କ ସ୍ୱାମୀ ଜଗତପୁର ଠାରେ ରହି କାର୍ଯ୍ୟକରନ୍ତି । ସେ ବନସ୍ମିତା ଘରେ ଏକାକି ରହୁଥିବାରୁ ତାଙ୍କ ଦେଢଶୁର ଅସତ୍ ମନୋଭାବରଖି ତାଙ୍କୁ ହଇରାଣ ହରକତ କରୁଥିବା ଏବଂ ଉଦ୍ଦେଶ୍ୟ ପୂରଣ ନହେବାରୁ ତାଙ୍କୁ ନିସ୍ତୁକ ମାଡ଼ମାରି ତାଙ୍କର ମୁଣ୍ଡ ଆଖି ସବୁ ଲହୁଲୁହାଣ କରିଥିବା ଅଭିଯୋଗ କରିଛନ୍ତି । ଅଭିଯୋଗ କଲାପରେ ଥାନା ଅଧିକାରୀ ନାମକୁମାତ୍ର କେଶ୍ ପଞ୍ଜିକରଣକରି ଅଭିଯୁକ୍ତକୁ ଗିରଫ ନକରିବାରୁ ଅଭିଯୁକ୍ତ ପୁନର୍ବାର ତାଙ୍କୁ ମାଡମାରିବା ପାଇଁ ଧମକ ଦେଉଛନ୍ତି । ତୁରନ୍ତ ତାଙ୍କୁ ଗିରଫ କରିବା ପାଇଁ ବନସ୍ମିତା ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧।୧।୨୦୨୬, ପୌଷ ଦି୧୭ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୬।୨୧।୪୨ ଚନ୍ଦ୍ରୋଦୟ- ଦିଘ୩।୦୨।୦୬**

**ତ୍ରୟୋଦଶୀ-** ରାଘ୧୦।୨୩ ପର୍ଯ୍ୟନ୍ତ । **ରୋହିଣୀ ନକ୍ଷତ୍ର-** ରାଘ ୧୦।୪୮ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୧୦।୨୩ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୭ ଗତେ ଘ ୭।୫୧ ମଧ୍ୟେ । ରାଘ ୬।୦୭ ଗତେ ଘ ୯।୩୮ ମଧ୍ୟେ । **ପର୍ବୋତ୍ସବ-** ଇଂରାଜୀ ବର୍ଷ ୨୦୨୬ ଆରମ୍ଭ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ରୁଷ୍-ୟୁକ୍ରେନ୍ ଯୁଦ୍ଧ ଶେଷ କରିବାକୁ 'ଶାନ୍ତି ଚୁକ୍ତି'ର ନିକଟତର

ଯୁଦ୍ଧରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲେ ମଧ୍ୟ ରୁଷ୍ -ୟୁକ୍ରେନ୍ କେହି କାହାକୁ ଛାଡିବାକୁ ନାରାଜ ଥିଲେ। ତେବେ ଆମେରିକା ତଥା ଅନ୍ୟାନ୍ୟ ରାଷ୍ଟ୍ରଙ୍କ ହସ୍ତକ୍ଷେପ ଫଳରେ 'ଶାନ୍ତି ଚୁକ୍ତି' ପାଇଁ କଥା ସମାଧାନ ହୋଇଥିବାର ଜଣାପଡିଛି। ଏହା ମଧ୍ୟରେ ଦୁଇ ରାଷ୍ଟ୍ରର ଯେଉଁ କ୍ଷୟକ୍ଷତି ହୋଇଯାଇଛି ତାହା କଳନା କରିହେବ ନାହିଁ। ମାତ୍ର ଏବେଠାରୁ ସତର୍କ ହେଲେ ଆଉ ଆଗକୁ କ୍ଷୟକ୍ଷତି ଉପରେ ରୋକ ଲଗାଯାଇପାରିବ ବୋଲି ଉଭୟ ରାଷ୍ଟ୍ର ମୁଖ୍ୟଙ୍କ ହୃଦ୍‌ବୋଧ ହୋଇଛି। ଫଳରେ ରୁଷ୍ -ୟୁକ୍ରେନ୍ ଯୁଦ୍ଧରେ ପଡ଼ିବ ଯବନିକା । ସରିବ ୪ ବର୍ଷ ଧରି ଚାଲିଥିବା ଘମାଘୋଟ ଲଢେଇ । ଯୁଦ୍ଧ ବନ୍ଦ୍ ନେଇ ଶେଷ ପର୍ଯ୍ୟାୟରେ ରହିଛି ଆଲୋଚନା । ଫ୍ଲୋରିଡ଼ାରେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ ଶାନ୍ତି ଆଲୋଚନା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ୨୦ ସୁତ୍ରୀ ପିସ୍ ପ୍ଲାନ୍ ଉପରେ ୯୫ ପ୍ରତିଶତ ସହମତି ହୋଇଛି । ଜେଲେନସ୍କିଙ୍କ ସହ ବୈଠକ ପରେ ରୁଷ-ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ 'ଶାନ୍ତି ଚୁକ୍ତି'ର ବହୁତ ନିକଟତର ବୋଲି କହିଛନ୍ତି ଡୋନାଲ୍ଡ ଟ୍ରମ୍ପ । ଆଲୋଚନା ପୂର୍ବରୁ ଟ୍ରମ୍ପ ୨ ଘଣ୍ଟା ଫୋନ୍‌ରେ ପୁଟିନ୍‌ଙ୍କ ସହ ଆଲୋଚନା କରିଥିଲେ । ବୈଠକ ପରେ ଟ୍ରମ୍ପ-ଜେଲେନସ୍କି ପ୍ରେସ୍‌ମିଟ୍ କରି ଆଲୋଚନା ବିଷୟରେ ପ୍ରତିକ୍ରିୟା ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ''ଆମର ଭଲ ଆଲୋଚନା ହୋଇଛି । ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲୁ। ପୁଟିନଙ୍କ ସହ ଫୋନ୍‌ରେ ଏକ ସକାରାତ୍ମକ ଫୋନ୍ ଆଲୋଚନା ହୋଇଥିଲା । ଆମେ ଅନେକ ପଏଣ୍ଟ ଉପରେ ଆଲୋଚନା କରିଥିଲୁ । ମୁଁ ଭାବୁଛି ଆମେ ଶାନ୍ତିର ବହୁତ ନିକଟତର ହେଉଛୁ । ରାଷ୍ଟ୍ରପତି ଏବଂ ମୁଁ ବର୍ତ୍ତମାନ ୟୁରୋପୀୟ ନେତାମାନଙ୍କ ସହିତ କଥା ହୋଇଛୁ । ଆମେ ଏହି ଯୁଦ୍ଧକୁ ସମାପ୍ତ କରିବାରେ ଅଗ୍ରଗତି କରିଛୁ, ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସମ୍ଭବତଃ ସବୁଠାରୁ ଘାତକ ଯୁଦ୍ଧ ।'' ଏକ ଶାନ୍ତି ଚୁକ୍ତିନାମା ପାଇଁ କେତେ ସମୟ ଲାଗିପାରେ ବୋଲି ପଚରାଯିବାରୁ, ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଯଦି ସବୁକିଛି ଠିକ୍ ଠାକ୍ ହୁଏ, ତେବେ ଏହା କିଛି ସପ୍ତାହ ମଧ୍ୟରେ ହୋଇପାରିବ । କିନ୍ତୁ ଯଦି ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ଏହା ହେବ ନାହିଁ, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ହେବ।'' ଶାନ୍ତି ଚୁକ୍ତି ଉପରେ ୯୫% ସହମତି- ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନସ୍କି ବୈଠକକୁ ସକାରାତ୍ମକ ବୋଲି କହି କହିଛନ୍ତି ଯେ, ସମସ୍ତ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ୨୦-ସୂତ୍ରୀ ଶାନ୍ତି ଯୋଜନାରେ ୯୫ ପ୍ରତିଶତ ସହମତି ହୋଇଛି । ଆମେରିକା-ୟୁକ୍ରେନ ସୁରକ୍ଷା ଗ୍ୟାରେଣ୍ଟି ଉପରେ ୧୦୦ ପ୍ରତିଶତ ସହମତି ହୋଇଛି । ଆମେରିକା-ୟୁରୋପ-ୟୁକ୍ରେନ ସୁରକ୍ଷା ଗ୍ୟାରେଣ୍ଟି ଉପରେ ପ୍ରାୟ ସହମତି ହୋଇଛି । ୟୁକ୍ରେନ ଶାନ୍ତି ପାଇଁ ପ୍ରସ୍ତୁତ- ଜେଲେନସ୍କି ଟ୍ରମ୍ପଙ୍କୁ ତାଙ୍କ କାର୍ଯ୍ୟ ପାଇଁ ଧନ୍ୟବାଦ ଜଣାଇଥିଲେ । ସେ କହିଥିଲେ ଯେ ୟୁକ୍ରେନ୍ ଶାନ୍ତି ପାଇଁ ପ୍ରସ୍ତୁତ । ସାମରିକ ଦିଗରେ ୧୦୦ ପ୍ରତିଶତ ସହମତି ହୋଇଛି । ''ଶାନ୍ତି'' ହାସଲ କରିବାରେ ସୁରକ୍ଷା ଗ୍ୟାରେଣ୍ଟି ଏକ ମାଇଲଖୁଣ୍ଟ ବୋଲି ଆମେ ସହମତ ହୋଇଥିଲୁ ଏବଂ ଆମର ଦଳଗୁଡ଼ିକ ଏହି ଦିଗଗୁଡ଼ିକ ଉପରେ କାମ ଜାରି ରଖିବେ।

# ନଣ୍ଡା ବାବାଜୀ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ସରକାରୀ ଚାକିରିରେ ପରସ୍ପର ମଧ୍ୟରେ ବିବାଦ ଉଠିଥାଏ। ମାତ୍ର ତାହାର ତୀବ୍ରତା ଏତେ ଅଧିକ ଯେ ପରସ୍ପରର କ୍ଷତି ସାଧନ ପାଇଁ ଉଭୟ ପକ୍ଷ ଚାହିଁ ରହିଥାନ୍ତି। କେବଳ ଓଡ଼ିଶାରେ ନୁହେଁ, ଅମଲାତାନ୍ତ୍ରିକ ଶାସନର ପ୍ରତ୍ୟେକଠାରେ ଏପରି ଦେଖାଯିବାର ନଜିର ରହିଛି। ସର୍ଦ୍ଦାର ନିଧିରାମ ଥିଲେ ଜଳସେଚନ ବିଭାଗ ଚାକିରିରେ ସିରସ୍ତାଦାର। ତଳୁଆ ଅଫିସର ହେଲେ ବି ଅଫିସରେ ତାଙ୍କର ଖାତିର ବେଶ୍ ଥିଲା। ସେଠାର କର୍ମଚାରୀମାନଙ୍କ ସହିତ ବାହାର ଲୋକେ ବି ତାଙ୍କ ପାଖରେ ଠୁଳ ହେଉଥିଲେ। ଚାକିରି ଖୋଜିବା, ବଦଳି, ପୁଅ ବା ଝିଅଙ୍କ ବାହାଘରରେ କୋଷ୍ଠୀ ଦେଖି ରାଜଯୋଟକ ପକାଇବା, ଯୌତୁକ ଦେବା ଆଦିର ସମାଧାନ, ଜାଗାବାଡ଼ି କିଣାରେ ମଧ୍ୟସ୍ଥି ଇତ୍ୟାଦି ବହୁ କାର୍ଯ୍ୟ ନେଇ ସେ ସର୍ବଦା ଥିଲେ ଚଳଚଞ୍ଚଳ। ଏତେ ବ୍ୟସ୍ତତା ଭିତରେ ଥାଇ ବି ନିୟମିତ ଅଫିସ ଆସି କିଛିଟା ସରକାରୀ କାମ ବି କରିଥାନ୍ତି। ତାଙ୍କୁ କେହି ଖୋଜନ୍ତି ନାହିଁ। ଏହିସବୁ କାମରେ ଯାହାକିଛି ମିଳେ ବୋଲକରାଗୁଡ଼ାକ ସନ୍ଧ୍ୟାବେଳର ତ୍ରିନାଥ ମେଳାରେ ସେ ସବୁକୁ ଖର୍ଚ୍ଚ କରିଦିଅନ୍ତି ବୋଲି ତାଙ୍କଠାରୁ ଶୁଣିବାକୁ ମିଳେ।

ନିଧିରାମଙ୍କ ସହ ମୋର ବିବାଦ ନଥିଲେ ବି ତାଙ୍କ ସରକାରୀ କାମ ସବୁରେ ମୁଁ ଆଦୌ ସମ୍ପୃକ୍ତ ନଥିଲି। ତାଙ୍କ ପାଇଥିବା ସରକାରୀ କ୍ୱାଟରଠାରୁ ଅଳ୍ପ ଦୂରରେ ମୁଁ ରହୁଥିଲେ ବି ସେ ଆଡ଼କୁ କ୍ୱଚିତ ପାଦ ବଢ଼ାଏ। ଦିନେ ଛୁଟିଦିନର ସନ୍ଧ୍ୟାବେଳେ ତାଙ୍କ ଘରଆଡ଼କୁ ଯାଉଥିବାବେଳେ ଗୋଟାଏ ବିଭାଗୀୟ ଜିପ୍‌ଗାଡ଼ିରୁ ଦୁଇଟା ବଡ଼ ବସ୍ତା ତାଙ୍କ ଘର ବାରଣ୍ଡାକୁ ବୁହାହୋଇ ଯାଉଥିଲା। ଗାଡ଼ି ପାଖରେ ଠିଆ ହୋଇଥିଲେ ବିଭାଗର ଜଣେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ। ଦୂରରୁ ଦେଖିବା ପରେ ମୁଁ ଆଉ ସେ ଆଡ଼କୁ ନଯାଇ ଫେରିବା ବାଟ ଧରିଲି। ମାତ୍ର ଯନ୍ତ୍ରୀ ମହୋଦୟଙ୍କ ପାରା ଆଖିରୁ ମୁଁ ବର୍ତ୍ତି ପାରିନଥିଲି। ପରଦିନ ଅଫିସରେ ପହଞ୍ଚିବାର କେତେ ଘଣ୍ଟା ପରେ ସମ୍ପୃକ୍ତ ଯନ୍ତ୍ରୀ ମହୋଦୟ ମୋ ପାଖକୁ ଆସି ପୂର୍ବ ସନ୍ଧ୍ୟାର କଥା ମନେପକାଇବା ସହ ସଫେଇ ଦେଲେ ଯେ ଦୁଇବସ୍ତା ଅରୁଆ ଚାଉଳ ଆଣିବା ନିମନ୍ତେ ଆଗୁଆ ଟଙ୍କା ନିଧିରାମ ସର୍ଦ୍ଦାର ତାଙ୍କୁ ଦେଇଥିଲେ। ବହୁଦିନ ଗଡ଼ିଯାଇଥିଲେ ବି ଦେଇପାରିନଥିଲି। ତେଣୁ ସୁବିଧା ଦେଖି ଗତକାଲି ତାଙ୍କ ଘରେ ଆଣି ଦେଇଦେଲି। ଉତ୍ତରରେ ମୁଁ କହିଲି, "ମୋର ସେ ବିଷୟରେ ଜାଣିବାର କୌଣସି ଆବଶ୍ୟକତା ନାହିଁ।" କଥାଟା ସିନା କହିଦେଲି ମାତ୍ର କୌତୁହଳଟା ବଢ଼ିଗଲା। ନିଧିରାମଙ୍କ ଘର ପାଖରେ ଅନ୍ୟ କେତେକ ଚିହ୍ନା ବନ୍ଧୁ ଥିଲେ। ସେମାନଙ୍କଠାରୁ ବୁଝିଲି ଯେ ବିଭାଗୀୟ ଅଫିସରମାନେ ସନ୍ଧ୍ୟାବେଳେ ବାବୁଙ୍କ ଘରେ ଭିଡ଼ ଜମାଇଦିଅନ୍ତି। ଏପରି କେତେ ଆସନ୍ତି ଆଉ ଯାଆନ୍ତି ଗାଡ଼ିରୁ ବସ୍ତା ଖଲାସ ହୋଇ ଘର ଭିତରକୁ ବୁହା ହେବାଟା ଦେଖି ସେମାନଙ୍କର ଦେହସୁହା ହୋଇଗଲାଣି। ମୋର ବୁଝିବାକୁ ଆଉ ବାକି ରହିଲା ନାହିଁ। ନିଧିରାମ ଥିଲେ ବିଭାଗ କର୍ମଚାରୀମାନଙ୍କର ମୁକରିର ଓ ବଦଳି ବିଭାଗର ଅଫିସର। ଦାୟିତ୍ୱରେ ଥିବା ଯାଏ ତାଙ୍କର ଏପରି ଲୀଳା ଲାଗିଥିଲା। ତେବେ ସେହିଭଳି ଦାୟିତ୍ୱରେ ଥିବା ଅନ୍ୟ ବିଭାଗର କୌଣସି ଅଫିସରମାନଙ୍କ ଘରେ ଏପରି ଭିଡ଼ ଲାଗିଥିବାର କଥା ଆମେ ଆଦୌ କହୁନାହିଁ। ନିଧିରାମଙ୍କର ଏପରି କାର୍ଯ୍ୟକୁ ସମାଲୋଚନା କରିହେବ ନାହିଁ। ତାଙ୍କ ପାଖରେ ପୁଣି ଚଣ୍ଡୀ ଚାମଣ୍ଡା ବି ଅଛନ୍ତି। କେତେବେଳେ କେଉଁ କଥା। କିଛି ନହେଲେ ବି ନିଧିରାମଙ୍କ ତ୍ରିନାଥ ଗାଦିର ଚିଲମଧରା ମେଳାଟା ତ ଅଛି। ସେଥିପାଇଁ ଲେଖିବାକୁ ଡର ଲାଗୁଛି। ଚିଲମଧରା ଦଳର ସର୍ଦ୍ଦାର ହେଲେ ନଣ୍ଡା ବାବାଜୀ। ତାହାର କୁଆଡ଼େ ବହୁ ଅକଲ। କଥାରେ ତାକୁ କେହି ପାରିବେ ନାହିଁ। ଗୀତା, ଖଣ୍ଡି ଭାଗବତର କେତେଟା ପଦ ତା ମୁହଁରୁ କଥା କଥାରେ ବାହାରିଯାଏ। ଟିକେ ଓଲମବିଲମ କଥା ହେଲେ ସେଥିରୁ ବି ଦୁଇ ପଦ ଶୁଣାଇ ଦେବାରେ ସେ ଥିଲା ଓସ୍ତାଦ୍। ଜାତକ ସୁଝା, ବାହା ବ୍ରତର ତିଥି ଠିକ୍ କରିବା, ଡାହାଣୀ, ଭୂତ ପ୍ରେତ ଆଦି ଝଡ଼ାଇବା ବିଦ୍ୟାରେ ସେ ଥିଲା ଧୁରନ୍ଧର। ଟିକେ ରାଗିଗଲେ ତା ମୁହଁରୁ ଚଣ୍ଡୀପେଷଣ କଥାଟା ଶୁଣି ଲୋକେ ଡରିଯାଆନ୍ତି। ପୂରା ନଣ୍ଡିତ ମସ୍ତକ କପାଳରେ ଚନ୍ଦନ ଓ ରାହୁମାର୍କା ସିନ୍ଦୂର ଗାରଟା ତାର କଳା ମଚମଚ ବାଙ୍ଗୁର ଦେହକୁ ବେଶ୍ ମାନେ। ଅମାବାସ୍ୟା, ସଂକ୍ରାନ୍ତିର ରାତିଟା ତାର ମଶାଣିରେ କଟିଯାଏ ବୋଲି ସବୁଆଡ଼େ କହିବୁଲେ। ପଡ଼ିଆରେ ଉପରକୁ ଗୋଡ଼ ଟେକି ଓ ହାତ ଭରାରେ ଚାଲି ବିଷ୍ଠା ଖାଉଥିବା ଦୁଇଟା ବାତୁଅ ଝିଅଙ୍କୁ ସେ କୁଆଡ଼େ ତା ଗାଁ ପାଖ ତୋଟାରେ ଧରିଥିଲା ଇତ୍ୟାଦି ବହୁ କଥା ତାହାଠାରୁ ଶୁଣିବାକୁ ମିଳେ। ଦପ୍ତର ଚାକିରିରେ ସେ ଥିଲା ବଡ଼ ହାକିମଙ୍କ ବୋଲକରା। ଏହିଭଳି ଗୁଡ଼ାଏ ଭୁତୁକି ଗପି ଅଫିସରମାନଙ୍କୁ ସେ ଡରାଇ ରଖୁଥିଲା। ତାକୁ ବି ସେମାନେ ଡରରେ କିଛି କହୁ ନଥିଲେ। ତେବେ ଅଣଓଡ଼ିଆ ଅଫିସରମାନେ ତାର ରଡ଼ି ଶୁଣି କୁଆଡ଼େ ପରିସ୍ରା କରିପକାନ୍ତି ବୋଲି ସେମାନଙ୍କ ପାଖରେ ଥିବା ଅର୍ଦ୍ଦଳୀ ବା ଜମାଦାରମାନଙ୍କଠାରୁ ଶୁଣିବାକୁ ମିଳେ। ତେବେ ଏପରି କଥାକୁ ବିଶ୍ୱାସ କରିହୁଏ ନାହିଁ। କାରଣ ସେମାନେ ସବୁ ତ୍ରିନାଥ ମେଳାର ସଭ୍ୟ। ପ୍ରତିଦିନ ରେଳଗାଡ଼ିରେ ତାର ଅଫିସ ଯିବାଆସିବା ହୁଏ। ଷ୍ଟେସନରେ ଆସି ପହଞ୍ଚିବା ଡେରି ହେଲେ ଷ୍ଟେସନମାଷ୍ଟର ଗାଡ଼ିକୁ ତାର ଆସିବା ପର୍ଯ୍ୟନ୍ତ ଅଟକାଇ ରଖନ୍ତି ବୋଲି କହିବୁଲେ। ତାହାସହ ଆସୁଥିବା ଚିଲମଧରା ଦଳର କେତେଟା ବି ମୁଣ୍ଡ ଟୁଙ୍ଗାରି କଥାରେ ହଁ ଭରନ୍ତି। ନଣ୍ଡାଟାର ଆଖି ସବୁବେଳେ ଥାଏ ଅଫିସରେ ଚାକିରି କରୁଥିବା ଡଉଲ ଡାଉଲ ସୁରମା ସୁନ୍ଦରୀ ଉପରେ। ସୁରମାଟା ଦେଖିବାକୁ କୁଆଡ଼େ ଆଗରୁ ବହୁ ସୁନ୍ଦରୀ ଥିଲା। ସେଥିପାଇଁ ନାଁଟା ପାଖରେ ସୁନ୍ଦରୀ ଯୋଡ଼ାଯାଇ ଆଜି ପର୍ଯ୍ୟନ୍ତ ରହିଯାଇଛି ବୋଲି ସେ କହିବୁଲେ। ସେ ପୁଣି ଗୋବର୍ଦ୍ଧନ ମିଶ୍ରଙ୍କ ଇଜଲାସରେ ମୋହରିର ଚାକିରି କରୁଥିଲା। ଏବେ ମିଶ୍ରେ ତାକୁ ଆଣି ଶ୍ରୁତଲେଖନ ଲେଖା କାମରେ ମୁକରିର କରିଛନ୍ତି। ନିଧିରାମ ଓ ନଣ୍ଡା ତାକୁ ସେମାନଙ୍କର କବଜାକୁ ନେବାପାଇଁ ଯେତେ ଉଦ୍ୟମ କରିଥିଲେ ବି ଶେଷରେ ହତାଶ ହୋଇଥିଲେ। ସୁଦର୍ଶନ ମିଶ୍ରଙ୍କ ସହ ନଣ୍ଡାର ମନୋମାଳିନ୍ୟ ହେବାର ଏହା ମଧ୍ୟ ଅନ୍ୟ ଏକ କାରଣ ହୋଇପାରେ।

ନଣ୍ଡା ବାବାଜୀଟାକୁ କେତେକ ଦଣ୍ଡା ବାଲୁଙ୍ଗା ଡାକନ୍ତି। ତାର ପ୍ରକୃତ ନାମ ଥିଲା ନନ୍ଦା ବିଶ୍ୱାଳ। ନନ୍ଦାରୁ ନଣ୍ଡା ହୋଇଛି। ତେବେ ତା ମୁହଁ ଆଗରେ କେହି କିଛି କୁହନ୍ତି ନାହିଁ। ଗୁରୁଙ୍କଠାରୁ ଦୀକ୍ଷା ନେବା ପରଠାରୁ ସେ ମୁଣ୍ଡ ବାଳଗୁଡ଼ାକ ସଫା କରି ବାବାଜୀ ହୋଇଯାଇଛି। ଘରେ ତାର ସ୍ତ୍ରୀ, ଝିଅ ଓ ପୁଅ ମିଶାଇ ତିନିଜଣ। ସରକାରୀ ଖଜଣାଖାନାରୁ ଯାହା ଦରମା ମିଳେ ତାହା ତାର ପରିବାର ଚଳିବା ପାଇଁ ଯଥେଷ୍ଟ। ନିଜର ଅନ୍ୟାନ୍ୟ ଖର୍ଚ୍ଚ ଚାନ୍ଦାରୁ ଉଠାଇଦିଏ। ତେବେ ନିଧିରାମଙ୍କ କଥାକୁ ସେ ତଳେ ପକାଏ ନାହିଁ। ଆମ୍ବଗଛରେ ପଣସ ଫଳିଛି କହିଲେ ସେ ସେଥିରୁ ଦୁଇଫୁଟ ଖାଇଛି ବୋଲି ଆଗରୁ କହିଦିଏ। ଯେଉଁ କର୍ମଚାରୀ ନିଧିରାମ କଥାରେ ଗଲା ନାହିଁ ତା ନାଁଟା ସିଧା ନଣ୍ଡା ବାବା ପାଖକୁ ଚାଲିଆସେ। ତା'ପରେ ଆରମ୍ଭ ହୁଏ ପେଷଣ ବିଦ୍ୟା। ବେନାମୀଠାରୁ ନାମୀ ପର୍ଯ୍ୟନ୍ତ ଦରଖାସ୍ତମାନ ତା ବିରୁଦ୍ଧରେ ପଠାଯାଏ। ଦପ୍ତରରେ କାମ କରୁଥିବା ଗୋବର୍ଦ୍ଧନ ମିଶ୍ରଙ୍କର ପଦୋନ୍ନତି ବେଳର କଥା। ନିଧିରାମଙ୍କ ସହିତ ଗୋବର୍ଦ୍ଧନଙ୍କର ଆଦୌ ପଡ଼େନାହିଁ। କାରଣ ଥିଲା ନିଧିରାମଙ୍କ କାମ ଓ କଥା ସହ ସେ ଆଦୌ ଏକମତ ନଥିଲେ। ତାଙ୍କର ପଦୋନ୍ନତି ନିମନ୍ତେ କମିଟି ବସିଥିଲା। ଠିକ୍ ସମୟରେ ନଣ୍ଡାବାବାଙ୍କ ଆଡୁ ଦସ୍ତଖତ ଥିବା ଓ ବେନାମୀ ଏହିପରି ୪ରୁ ୬ଟା ଚିଠି ବିଭାଗୀୟ ଶାସନ ସଚିବଙ୍କ ଇଜଲାସକୁ ପେସ୍ କରିଦିଆଗଲା। ଗୋବର୍ଦ୍ଧନ ମିଶ୍ରଙ୍କର ପଦୋନ୍ନତି କମିଟି ଆଉ ବସିବ ବା କ'ଣ? ବୈଠକକୁ ବାତିଲ କରି ଦରଖାସ୍ତରେ ଲେଖାଥିବା ଅଭିଯୋଗଗୁଡ଼ାକ ଆଗ ଯାଞ୍ଚ ହେବା ପରେ ଯାହାକିଛି ହେବ। ପଦୋନ୍ନତି ପାଇଥିଲେ ଗୋବର୍ଦ୍ଧନ ମାତ୍ର ୨୩୨ ଟଙ୍କା ଅଧିକ ପାଇବାର ଥିଲା। ଦରଖାସ୍ତରେ ଅଭିଯୋଗ ଲେଖାଥିଲା ଯେ ବିଭାଗୀୟ ବଜେଟରେ ଆଉ ଟଙ୍କା ବ୍ୟୟ ବରାଦ ନାହିଁ। ଏପରି ପରିସ୍ଥିତିରେ ବର୍ତ୍ତମାନ ପାଇଁ ଅଧିକ ଖର୍ଚ୍ଚ ଅନାବଶ୍ୟକ ଇତ୍ୟାଦି ବହୁକଥା। ନିଧିରାମ ବି ତାଙ୍କ ନଥିରେ ଟାଣୁଆ ମନ୍ତବ୍ୟ ଦେଇ ପଦୋନ୍ନତି ନ ଦେବାପାଇଁ ସୁପାରିସ୍ କରିଦେଲେ। ସେତେବେଳର ମୁଖ୍ୟଶାସନ ସଚିବ ଥିଲେ ଜଣେ ଟାଣୁଆ ଓଡ଼ିଆ ଆଇ.ଏ.ଏସ୍ ଅଫିସର। ତଳସ୍ତରର ସୁପାରିସ୍ ଓ ମିଥ୍ୟା ଅଭିଯୋଗଗୁଡ଼ିକର ତଦନ୍ତ ସେ ନିଜ ହାତକୁ ନେଇଗଲେ। ସମସ୍ତ ଅଭିଯୋଗ ମିଥ୍ୟା ପ୍ରମାଣିତ ହେବାପରେ ଗୋବର୍ଦ୍ଧନ ମିଶ୍ରଙ୍କର ପଦୋନ୍ନତି ପାଇବାର ହେଲା। ଯେଉଁମାନେ ଅଭିଯୋଗ ଫର୍ଦ୍ଦରେ ଦସ୍ତଖତ କରିଥିଲେ ସେମାନଙ୍କୁ ଖୋଜାଗଲା। ମାତ୍ର ଜଣେ ହେଲେ ସେପରି ଲୋକ ଦପ୍ତରରେ ନଥିଲେ। ଯେଉଁମାନଙ୍କ ନାମ ଦରଖାସ୍ତରେ ଥିଲା ଦସ୍ତଖତଗୁଡ଼ିକ ତାଙ୍କର ନୁହେଁ ବୋଲି ଶେଷକୁ ଜଣାପଡ଼ିଲା। ଏପରି ଖୋଳତାଡ଼ ହେବା ଦେଖି ନଣ୍ଡାବାବା ଚାକିରିରୁ ଦୁଇମାସ ଗାଏବ ହୋଇଗଲା। ତେବେ କାହିଁକି ଏପରି ଅସହିଷ୍ଣୁତା ସୃଷ୍ଟି ହୋଇଥିଲା ସେଥିପାଇଁ ଗୋଟାଏ ଅନୁସନ୍ଧାନ କମିଟି ଗଢ଼ାଗଲା। ଯାହା ଜଣାପଡ଼ିଲା ସବୁର ମୂଳ କାରଣ ଥିଲେ ନିଧିରାମ ସର୍ଦ୍ଦାର। ଆଉ ତାଙ୍କ ଡାହାଣ ହାତ ନଣ୍ଡା ଓରଫ୍ ଦଣ୍ଡାବାଲୁଙ୍ଗା ତାହାସବୁ ପରିଚାଳନା କରୁଥିଲା। ସେତିକି ନୁହେଁ ପ୍ରତିଦିନ ରେଳଗାଡ଼ି ଯୋଗେ ଅଫିସ ଯିବା ଆସିବାବେଳେ ଷ୍ଟେସନର ମାଳିସାହିରୁ ଗଞ୍ଜେଇ ବେପାର କରିବାରେ ଧୁରନ୍ଧର ଥିଲା ନଣ୍ଡା। ତ୍ରିନାଥ ମେଳାର ଭକ୍ତଗୁଡ଼ାଙ୍କୁ ସେ ଗଞ୍ଜେଇ ପ୍ରସାଦ ବିକି ବେଶ୍ ପଇସା ରୋଜଗାର କରିବା ସହ ସେମାନଙ୍କୁ ହାତରେ ରଖିଥିଲା। ଅବକାରୀ ବିଭାଗ ତାକୁ ଯେତେ ଜଗିଲେ ବି ସେ ଖସିଯାଉଥିଲା। ହେଲେ ସବୁଦିନ ଠିକ୍ ଚାଲେନାହିଁ। ବସ୍ତିର ବାନାଦଳର ଟୋକାଏ ନଣ୍ଡାକୁ ଧରି ଅବକାରୀ ପୋଲିସଙ୍କୁ ଦେଇଥିଲେ। ତା ପରର କଥା କ'ଣ ହେଲା ଆମକୁ ଜଣାନାହିଁ। ନିଧିରାମ ସର୍ଦ୍ଦାରଙ୍କଠାରୁ ସମସ୍ତ ଲାଭକରା ବିଭାଗ ବି ଛଡ଼ାଇ ନିଆଗଲା। କିଛିଦିନ ପାଇଁ ଦପ୍ତରରେ ଶାନ୍ତି ଫେରିଆସିଲା। ନଣ୍ଡାବାବା ଯେତେଗୁଡ଼ାଏ ଚେଲା ସୃଷ୍ଟି କରିଥିଲା ସେମାନଙ୍କର ଉତ୍ପାତ ବି କମିଗଲା। ବାବା ନଆସିଲେ ବି ସେମାନଙ୍କର ତ୍ରିନାଥ ମେଳା କିଛିଦିନ ପାଇଁ ଚାଲୁଥିଲା। ବାବା ସ୍ୱେଚ୍ଛାରେ ଚାକିରିରୁ ଅବସର ନେଇଯିବା ପାଇଁ ଦରଖାସ୍ତ କଲେ। ପଛରେ ଶୁଣିଲି ତାହା ବି କୁଆଡ଼େ ମଞ୍ଜୁର ହୋଇଗଲା।

ନିଧିରାମ ସର୍ଦ୍ଦାର ବି ଆଗରୁ ସ୍ୱେଚ୍ଛାକୃତ ଅବସର ନେଇଯାଇଥିଲେ। ଦପ୍ତରରେ ଲାଭକରା ବିଭାଗରେ ରହି ଯାହାକିଛି ରୋଜଗାରରେ ଭୁବନେଶ୍ୱର ସହରରେ ୪ଟି ଫ୍ଲାଟ ସହ ତାହା ଉପରେ କୋଠାମାନ ଓ ନିଜ ଗାଁରେ ୩ଏକର ପାଣିମଡ଼ା ଜମି କିଣିଥିଲେ। ଅବସର ପରେ ରାଜ୍ୟ ଭିଜିଲାନ୍ସ ବିଭାଗ ବି ତାଙ୍କୁ ଶାନ୍ତିରେ ବସାଇଦେଲାନାହିଁ। ଚାକିରି କରି ସେହି ଦରମାରେ ପରିବାର ଚଳାଇବା ସହ ପିଲାମାନଙ୍କୁ ପାଠ ପଢ଼ାଇବା ପରେ ଏତେ ସମ୍ପତ୍ତି କିଭଳି ଠୁଳ ହୋଇପାରିଲା ତାହା ହିଁ ଥିଲା ତାଙ୍କ ପ୍ରତି ସାଧାରଣଙ୍କ ପ୍ରଶ୍ନ।

# ବିଦାୟ ପରିବର୍ତ୍ତନ, ବିରୋଧର ବର୍ଷ ୨୦୨୫



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ସମୟ ଗଡିଚାଲିଛି, ସମୟ ସହ ତାଳ ମିଳାଇ ୨୦୨୫ ମଧ୍ୟ ବିଦାୟ ନେଉଛି। ୨୦୨୫ ମଧ୍ୟ ପୁର୍ବ ବର୍ଷ ମାନଙ୍କ ଭଳି ତାର ପାଦ ଚିହ୍ନ ଛାଡିଯାଉଛି। ଆଉ ଫେରିବନି। ନିଜର ସବୁ ଭଲ ମନ୍ଦ, ଖୁସି କାନ୍ଦ ସବୁକୁ ୨୦୨୬ ପାଇଁ ଛାଡିଦେଇ କାଳଗର୍ଭରେ ହଜି ଯାଉଛି କିନ୍ତୁ ଯାହା କିଛି କରିଛି, ଯାହା କିଛି ସହିଛି ସେ ସବୁ ଇତିହାସରେ ଲିପିବଦ୍ଧ ହୋଇଯାଉଛି। ୨୦୨୫ କେବଳ ଏକ ସାଧାରଣ କ୍ୟାଲେଣ୍ଡର ବର୍ଷ ନଥିଲା ବରଂ ଏମିତି ସବୁ ଘଟଣା କ୍ରମର ସାକ୍ଷୀ ହୋଇଥିଲା ଯାହାର ପ୍ରଭାବ ରାଜନୀତି, ଅର୍ଥବ୍ୟବସ୍ଥା, ସମାଜ ଏବଂ ଜନମାନସକୁ ଅନେକ ସମୟ ଆଚ୍ଛାଦିତ କରି ରଖିବ। ଆନ୍ତର୍ଜାତୀୟ ମଞ୍ଚଠାରୁ ଦେଶର ଗ୍ରାମାଞ୍ଚଳ ପର୍ଯ୍ୟନ୍ତ, ବାଦ-ବିବାଦ, ସମ୍ବାଦ, ନିର୍ଣ୍ଣୟ, ଟଣାଓଟରା, ସୌହାର୍ଦ୍ଦ୍ୟ, ଉପଲବ୍ଧି ଏବଂ ପ୍ରୟୋଗ ସବୁରେ ଅନେକ ଖୁସି ସହ କେବେ ବି ଭୁଲି ନହେବା ଭଳି ଦାଗ ଛାଡି ଯାଇଛି ୨୦୨୫।

ଆନ୍ତର୍ଜାତୀୟ ଘଟଣାକ୍ରମ ଉପରେ ନଜର ପକାଇଲେ ତ ଋଷ-ୟୁକ୍ରେନ ଯୁଦ୍ଧ, ଇସ୍ରାଏଲ- ହମାସ ଲଢେଇ ଜାରି ରହିଛି, ଥମିବାର ନାଁ ଧରୁନାହିଁ। ନେପାଳରେ ଜେନ ଜି ଆନ୍ଦୋଳନ ଓଲି ସରକାରଙ୍କ ପତନ ଘଟାଇଥିଲା ଓ ଶୁଶୀଳା ଯୋଶୀଙ୍କୁ ଗାଦିରେ ବସାଇଥିଲା। ସେହିପରି ବଙ୍ଗଳାଦେଶରେ ମଧ୍ୟ ଶେଖ ହସିନାଙ୍କୁ ସେଠାକାର ଅଦାଲତ ଫାସି ଦଣ୍ଡ ଶୁଣାଇଥିଲେ। ଅପରେସନ ସିନ୍ଦୁର ପାକିସ୍ଥାନ ପାଇଁ ଝଟକାଥିଲା କିନ୍ତୁ ତାହା ସତ୍ତ୍ୱେ ଅସୀମ ମୁନୀରଙ୍କ ଫୁଟାଣି ଭାଙ୍ଗୁନାହିଁ। ଅନ୍ୟପକ୍ଷରେ ଏବେ ବି ପାକିସ୍ଥାନର ଜନତା ଇମ୍ରାନଖାନଙ୍କୁ ପସନ୍ଦ କରୁଛନ୍ତି ଓ ଶାହାବାଦ ଶରିଫ ଏକ କାଠକଣ୍ଢେଇ ପ୍ରଧାନମନ୍ତ୍ରୀ ଭଳି ସରକାର ଚଳାଉଛନ୍ତି। ଏସବୁ ଘଟଣାକ୍ରମରୁ ଟିକିଏ ଅଲଗା ୨୦୨୫ରେ ଟ୍ରମ୍ପଙ୍କ 'ଟାରିଫ ଟେରର' ସାରା ବିଶ୍ୱକୁ ଦୋହଲାଇ ଦେଇଥିଲା। ବ୍ରାଜିଲ, ଚୀନ, ଏବଂ ଭାରତ ଉପରେ ସର୍ବାଧିକ ୫୦ ପ୍ରତିଶତ ଟାରିଫ ଲଗାଇଥିଲେ ଟ୍ରମ୍ପ। ଏହା ସତ୍ତ୍ୱେ ଭାରତୀୟ ଜିଡ଼ିପି ଆଶାତୀତ ଭାବେ ବଢ଼ିଥିଲା। ଆତଙ୍କବାଦ ବୃଦ୍ଧି ଏବଂ ଏହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଜାରି ରହିଥିଲା ଯାହା ପହଲଗାମ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୁର କାର୍ଯ୍ୟକାରୀ କରିଥିଲା। ଆଫଗାନିସ୍ଥାନ ଏବଂ ପାକିସ୍ଥାନ ମଧ୍ୟରେ ବିବାଦ ମଧ୍ୟ ଅଧିକ ହୋଇଥିଲା। ଟ୍ରମ୍ପଙ୍କ ଟାରିଫ ବୃଦ୍ଧି କାରଣରୁ ବୈଶ୍ୱିକ ବ୍ୟାପାର ପ୍ରଭାବିତ ହୋଇଥିଲା। ଏହାଫଳରେ ଭାରତ ସମେତ ଅନେକ ବିକାଶଶୀଳ ଦେଶର ଅର୍ଥବ୍ୟବସ୍ଥା ଉପରେ ଚାପ ପଡିଥିଲା। ରପ୍ତାନୀ ଏବଂ ମୁଦ୍ରା ବଜାର ମଧ୍ୟ ପ୍ରଭାବଗ୍ରସ୍ତ ହୋଇଥିଲା। ଏହି ୨୦୨୫ରେ ଲୋହିତ ସାଗର ଏବଂ ଅନ୍ୟ କେତେକ ସାମୁଦ୍ରିକ ଅଞ୍ଚଳରେ ସମୁଦ୍ର ମାର୍ଗରେ ଅସ୍ଥିରତା କାରଣରୁ ଅନେକ ଦେଶ ସେମାନଙ୍କର ସାମୁଦ୍ରିକ ବ୍ୟବସାୟ ପାଇଁ ରାସ୍ତା ବଦଳାଇଦେଇଥିଲେ। ଅଶୋଧିତ ତୈଳର ମୂଲ୍ୟରେ ଅସ୍ଥିରତା ଦେଖାଯାଇଥିଲା।

ଆର୍ଥୀକ ଦୃଷ୍ଟିରେ ବିଶ୍ୱର ତୃତୀୟ ଅର୍ଥବ୍ୟବସ୍ଥା ଆଡ଼କୁ ଅଗ୍ରସର ହେଉଥିବା ଭାରତର ରାଷ୍ଟ୍ରୀୟ ପରିଦୃଶ୍ୟରେ ମଧ୍ୟ ୨୦୨୫ ଘଟଣା ବହୁଳ ବର୍ଷ ଥିଲା। ଅନେକ ଯୋଜନାର ପୁନର୍ଗଠନ ଏବଂ ରାଜନୈତିକ ସଙ୍କେତ ଦେଶ ଭିତରେ ୨୦୨୫ରେ ସର୍ବାଧିକ ଚର୍ଚ୍ଚାର ବିଷୟଥିଲା। ମନରେଗାର ପୁନର୍ଗଠନ କରାଯାଇ ତାକୁ ବିକଶିତ ଭାରତ ଜି-ରାମ-ଜି ରୂପରେ ପ୍ରସ୍ତୁତ କରାଯାଇଥିଲା। ବିରୋଧିଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ସରକାର ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ କାଟିଦେଇଥିଲେ। ବିରୋଧିଦଳ ଏହି ଯୋଜନାକୁ 'ନୂଆ ବୋତଲରେ ପୁରୁଣା ମଦ'ର ଆଖ୍ୟା ଦେଇଥିଲେ। ସଂସଦର ଶୀତକାଳୀନ ଅଧିବେଶନରେ ଏହି ନାମ ପରିବର୍ତ୍ତନକୁ ନେଇ ପ୍ରବଳ ହୋହାଲ୍ଲା ହୋଇଥିଲା। ଗ୍ରାମାଞ୍ଚଳରେ ରୋଜଗାର, ବଜେଟ ଆବଣ୍ଟନ ଏବଂ ରାଜ୍ୟ ମାନଙ୍କର ଭୂମିକା ପ୍ରସଙ୍ଗ ୨୦୨୫ର ବିମର୍ଷର ବିଶୟ ଥିଲା। ଏହି ବର୍ଷ ନିର୍ବାଚନ ସୁଧାର, ଏକ ଦେଶ-ଏକ ନିର୍ବାଚନ ଏବଂ ପ୍ରଶାସନିକ ପାରଦର୍ଶିତା ଭଳି ପ୍ରସଙ୍ଗକୁ ନେଇ ଶାସକ ବିରୋଧି ଆମନା ସାମନା ହୋଇଥିଲେ। ବିଶେଷ ଗହନ ପୁନଃ ନୀରିକ୍ଷଣ (ଏସ୍ ଆଇ ଆର) ମଧ୍ୟ ଚର୍ଚ୍ଚାରେ ଥିଲା। ବିହାରରେ ୬୫ଲକ୍ଷ ଲୋକ ଭୋଟର ତାଲିକାରୁ ବାଦ ପଡିଥିଲେ। ମମତା ବାନାର୍ଜୀଙ୍କ ବିରୋଧକୁ ୨୦୨୫ର ଏକ ଗୁରୁତ୍ୱପୁର୍ଣ୍ଣ ଘଟଣାଭାବେ ବିବେଚନା କରାଯାଇଥିଲା। ୨୦୨୫ରେ ନିର୍ବାଚନ ଆୟୋଗ ବିରୋଧିଙ୍କ ଟାର୍ଗେଟରେ ଥିଲେ।

ଆର୍ଥୀକ ଘଟଣାକ୍ରମରେ ଦରଦାମ ବୃଦ୍ଧି, ଡିଜିଟାଲ ଅର୍ଥବ୍ୟବସ୍ଥା ଏବଂ ଚାପ ଚର୍ଚ୍ଚାରେ ଥିଲା। ଦରଦାମ ନିୟନ୍ତ୍ରଣ ସରକାରଙ୍କ ପାଇଁ ଚାଲେଞ୍ଜ ସୃଷ୍ଟି କରିଥିଲା। ବୈଶ୍ୱିକ ଅସ୍ଥିରତାର ପ୍ରଭାବ ସିଧାସଳଖ ଭାବେ ଖାଦ୍ୟ ପଦାର୍ଥ ଓ ଇନ୍ଧନ ଉପରେ ପଡିଥିଲା। ସୁନା ଉପରେ ମୂଲ୍ୟ ରେକର୍ଡ ପରିମାଣରେ ବୃଦ୍ଧି ପାଇଥିଲା। ସେହିପରି ଡିଜିଟାଲ ନେଣ ଦେଣ ପ୍ରଣାଳୀ ମଧ୍ୟ ରେକର୍ଡ ସୃଷ୍ଟି କରିଥିଲା। ଷ୍ଟାର୍ଟଅପ ଏବଂ ଗ୍ରୀନ ଏନର୍ଜୀ କ୍ଷେତ୍ରରେ ପୁଞ୍ଜିନିବେଶ ବଢ଼ିଥିଲା। ଜିଏସ୍‌ଟି ବ୍ୟବସ୍ଥାକୁ ସୁଧାରାଜିବା ପରେ ବ୍ୟବସାୟ ଏବଂ ପୁଁଜିନିବେଶକୁ ଫାଇଦା ମିଳିଥିଲା। ୨୦୨୫ରେ ଭାରତ ବିଶ୍ୱର ସବୁଠାରୁ ବୃହତ୍ ଡିଜିଟାଲ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଥିଲା। କିନ୍ତୁ ଦେଶର ମଧ୍ୟମ ବର୍ଗଙ୍କ ଅବସ୍ଥା, ଗ୍ରାମା□ଳର ଅର୍ଥବ୍ୟବସ୍ଥା ସୁଧୁରି ପାରିନଥିଲା। ୨୦୨୫ରେ ବେରୋଜଗାରୀକୁ ନେଇ ଚିନ୍ତା ବଢିଥିଲା। ଡିଜିଟାଲ ଯୁଗରେ ନିଜସ୍ୱ ତଥ୍ୟ (ଡ଼ାଟା)ର ସୁରକ୍ଷା ଓ ମହିଳାଙ୍କ ସୁରକ୍ଷା ଏପରିକି କାର୍ଯ୍ୟାଳୟରେ ସମାନତା, ଶିକ୍ଷା ତଥା ପ୍ରତିଯୋଗୀ ପରୀକ୍ଷାକୁ ନେଇ ବିବାଦ, ଅନଲାଇନ୍ ଠକେଇ ବୃଦ୍ଧି ଲୋକଙ୍କ ପାଇଁ ସମସ୍ୟା ପାଲଟିଥିଲା। ଖେଳ ମୋର୍ଚ୍ଚାରେ ୨୦୨୫ ଭାରତ ପାଇଁ ଉତ୍ସାହଜନକ ଥିଲା। ଭାରତ ଏସୀଆ କପ୍ କ୍ରିକେଟ ଜିତିଥିଲା। ଯୁବ ଖେଳାଳୀ ମାନଙ୍କ ପ୍ରଦର୍ଶନ ଉତ୍ତମଥିଲା।

# ଶାସ୍ତି : ଏକ ଅତ୍ୟାବଶ୍ୟକ ନିୟନ୍ତ୍ରଣ



ଡ଼. ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗୀୟ ମୁଖ୍ୟ,
ବି.ଏନ.ଏମ.ଏ, ମହାବିଦ୍ୟାଳୟ,
ଭଦ୍ରକ,ମୋ:୮୮୯୫୩୪୧୦୩୩

ଚାକିରୀ-ଜୀବନ ପଞ୍ଜୁରୀଆବଦ୍ଧ ସାରୀର ଜୀବନଭଳି। ଯେଉଁଠି ଏକ ନିର୍ଦ୍ଦିଷ୍ଟ ପରିସୀମା ନିର୍ଦ୍ଧାରିତ ହୋଇଥାଏ, ସେଠି ଉଡ଼ିବାପାଇଁ ଚାହିଁଲେବି ତାହା ଖୋଲା ଆକାଶ ପରି ଅନୁଭବ ହୁଏନି। ସରକାରୀ ଚାକିରି ଅପେକ୍ଷା ବେସରକାରୀ ସଂସ୍ଥାରେ ଆତ୍ମନିଯୁକ୍ତି ସତରେ ପଞ୍ଜୁରୀଆବଦ୍ଧପୂର୍ଣ୍ଣ ଯନ୍ତ୍ରଣା। ପେଟପାଟଣା ପାଇଁ ସରକାରୀ ହେଉକି ବେସରକାରୀ ବୃତ୍ତିରେ ନିୟୋଜିତ ହେବା ଉଭୟ ଆନନ୍ଦ ନିରାନନ୍ଦର ଫେଣ୍ଟାଫେଣ୍ଟି ଅନୁଭୂତି। ମୋ ଆତ୍ମନିଯୁକ୍ତିର କର୍ମକ୍ଷେତ୍ର ଗାଁ ଘରଠାରୁ ପ୍ରାୟ ପଚାଶ କିଲୋମିଟର ଦୂରରେ ଅବସ୍ଥିତ। ପ୍ରଥମ କେଇମାସ ଘରଠାରୁ ଦୁଇଚକିଆ ଗାଡ଼ିରେ ଯାତାୟତ ଅବଶ୍ୟ ଏକପ୍ରକାର ମନୋରଞ୍ଜନ ଥିଲା କିନ୍ତୁ ଗାଁଗହଳି କଂକ୍ରିଟ ଖାଲଢିପ ରାସ୍ତାରେ କ୍ରମାଗତ ଯାତାୟତ ଶାରିରୀକ ଅସୁସ୍ଥତା ଭଳି ସମସ୍ୟା ସୃଷ୍ଟିକରିବା ସ୍ୱାଭାବିକ ଘଟଣା। କେବଳ ଶାରିରୀକ ଅସୁସ୍ଥତା ନୁହେଁ, ଯନ୍ତ୍ରଣା ସହ ସମୟ ଅପଚୟ । ସେସବୁକୁ ଦୃଷ୍ଟିରେ ରଖି କର୍ମକ୍ଷେତ୍ର ନିକଟବର୍ତ୍ତୀ ସ୍ଥାନରେ ଭଡ଼ା ଆକାରରେ ଗ୍ରାଉଣ୍ଡ ଫ୍ଲୋରରେ ଥିବା ଘରକୁ ନେଲି। ଉଭୟ ଦୁଇଚକିଆ ଓ ଚାରିଚକିଆର ପାର୍କିଂ ବ୍ୟବସ୍ଥା। କିନ୍ତୁ ଉକ୍ତ ସ୍ଥାନରେ ମୂଷାଙ୍କ ଉପଦ୍ରବ ବିଷୟରେ ଅଜ୍ଞ ଥିବାରୁ ଚାରିଚକିଆ ଓ ଦୁଇଚକିଆ ଯାନବାହାନକୁ କିଛିଦିନ ବ୍ୟବହାର ନକରି ଗୋଟେ ସ୍ଥାନରେ ଥୋଇଦେଲାପରେ ସେଥିରେ ଧୂଳିମଳି ଜମିବା ସହ ଝିଟିପିଟି ଅସରପା ବୁଢ଼ିଆଣୀ ଭଳି କୀଟଙ୍କର ଆଡ୍ଡାସ୍ଥଳୀରେ ପରିଣତି ହେବା ଏକ ପୁରୁଣା ଘଟଣା। ସେମାନଙ୍କ ନେତାଭାବେ ଚୁଚୁନ୍ଦ୍ରା ଓ ମୂଷା ଏକଛତ୍ରବାଦ ଶାସନ ଚଳାନ୍ତି ସେକଥା ସେମାନଙ୍କ ମଳମୁତ୍ର ଦୂର୍ଗନ୍ଧ ସହ ଗାଡ଼ିରେ ମୂଲ୍ୟବାନ ତାର ସଂଯୋଗର ଖଣ୍ଡବିଖଣ୍ଡିତ କାର୍ଯ୍ୟକଳାପକୁ ମୁଁ ଅନୁଭବ କଲି। ତୀକ୍ଷୀଣ ଦାନ୍ତ ଓ ନଖ ପାଇଥିବା ଜୀବଟି କରିବବା କଣ? ସେ ତା ରୁଚି ଅନୁସାରେ ଯାହା ଠିକ ଲାଗେ ତାହାହିଁ କରେ। କିନ୍ତୁ ବେଳେବେଳେ ଆମେ ଏତେ ସହଜରେ ବୁଝପାରୁନା ଯେ ମୂଷା ଓ ଚୁଚୁନ୍ଦ୍ରା କାହିଁକି ଏଭଳି କାର୍ଯ୍ୟକଳାପରେ ଲିପ୍ତରହି ମଣିଷର ମୂଲ୍ୟବାନ କାଗଜପତ୍ର ସହ ପୋଷାକ ଭଳି ଜିନିଷକୁ ନଷ୍ଟଭ୍ରଷ୍ଟ କରନ୍ତି? ଗଣେଶଙ୍କ ବାହନରୂପେ ମୂଷିକ ପୂଜା-ଅର୍ଚ୍ଚନା ପାଉଥିବା ମୂଷାମାନଙ୍କର ସତରେ କଣ କିଛି ବୁଦ୍ଧିଶୁଦ୍ଧି ନାହିଁକି! ଷଣ୍ଢ, ମୂଷା, ହଂସ, ପେଚା, ସିଂହ ଆଦି ପଶୁପକ୍ଷୀସମୂହ କେଉଁ ଦୃଷ୍ଟିକୋଣରୁ ଦେବାଦେବୀଙ୍କର ଏତେ ପ୍ରିୟ? ଦେବାଦେବୀଙ୍କ ପ୍ରିୟ ସାଜି ଆମ ଚତୁପାର୍ଶ୍ୱରେ ଅବସ୍ଥାନ କରୁଥିବା ପଶୁପକ୍ଷୀଙ୍କ ନିକଟରେ ନିଶ୍ଚିତରୂପେ କିଛିନା କିଛି ଦକ୍ଷତା ଦେଖିବାକୁ ମିଳେ। ଯଦି ଦକ୍ଷତା ଓ ବୁଦ୍ଧି ନଥାନ୍ତା ସତରେ କଣ ନିଜ ବସାକୁ ଏତେ ସୁନ୍ଦରଭାବେ ଗଢ଼ିପାରନ୍ତା ବାଇଚଢ଼େଇ! ଆମମାନଙ୍କର ବୁଦ୍ଧିଶୁଦ୍ଧି ଥାଇ ଆମେ କେତେ କଣ କରିଚାଲିଛନ୍ତି ତାର ହିସାବ ନାହିଁ। ମଣିଷ ଓ ମୂଷା ଭିତରେ କିଛି ଅନ୍ତର ନାହିଁ। ଏକାପ୍ରକାର ସ୍ୱଭାବ ଓ ଆଚରଣ। ମୂଷା ନିଜ ପ୍ରାଣ ସୁରକ୍ଷିତ ରଖିବାପାଇଁ ଗାତରେ ନଚେତ ଅଳଆଭିଡ଼ରେ ଲୁଚିଯାଏ ପୁଣି ସୁଯୋଗ ଦେଖି କାଟିବା ଆରମ୍ଭ କରେ। ମଣିଷବି ସୁବିଧା ସୁଯୋଗ ଦେଖି ଅନ୍ୟକୁ ଚିତାକାଟେ, ଅସୁବିଧାରେ ପକାଏ, ହଇରାଣ ହରକତ କରେ। ଖୋଲାରେ ବୁଲୁଥିବା ମଣିଷର ଉଗ୍ରସ୍ୱଭାବ କଥା କିଏବା ନଜାଣିଛି। ମଣିଷର ଉଗ୍ରସ୍ୱଭାବକୁ ରୋକିବା ନିମନ୍ତେ ଯେମିତ ଦଣ୍ଡବିଧାନ କରାଯାଇଛି ଠିକ୍ ସେମିତି ମୂଷାଙ୍କ ଦାଉରୁ ନିଜ ଆସବାସ ତଥା ମୂଲ୍ୟବାନ ଜିନିଷପତ୍ରକୁ ସୁରକ୍ଷା କରିବା ପାଇଁ ମୂଷା ଔଷଧ ଓ ଯନ୍ତାର ସୃଷ୍ଟି ଏକ ରକମର ମୂଷାକୁ ଉପଯୁକ୍ତ ଶାସ୍ତି ଦେବାପାଇଁ ଉଦ୍ଦିଷ୍ଟ। ଶାସ୍ତି କେବେ ମୃତ୍ୟଦଣ୍ଡ ପୁଣି କେବେ ଶାରିରୀକ କ୍ଳେଶ। ମୂଷାକୁ ଔଷଧ ଦେଇ ମାରିବା ଏକ ହିଂସାତ୍ମକ ଆଚରଣ। ବିନା ଯନ୍ତାରେ ମୂଷାଙ୍କୁ ଧରିବା ଅସମ୍ଭବ। ତେଣୁ ଯନ୍ତାରେ ଥରେ ମୂଷାକୁ ଧରି ତାକୁ ଉପଯୁକ୍ତ ଶାସ୍ତି ଦେବା ଉଦ୍ଦେଶ୍ୟରେ ଯନ୍ତାଟିଏ କିଣି ରାତିରେ ଯନ୍ତାରେ କେକ ଦେଇ ରୋଷେଇଘର ଥାକରେ ରଖି ଶୋଇବା ଭିତରେ ମୂଷାଟି ଯନ୍ତାରେ ଆବଦ୍ଧ ହୋଇ ଛାଟିବାଡେଇ ହେବାର ଦୃଶ୍ୟ ଅତ୍ୟନ୍ତ ଆନନ୍ଦମୟ। ଜୀବପ୍ରତି ଦୟା ବିନୟର ପ୍ରତିଦାନକୁ ଯଦି ଜୀବଜନ୍ତୁ ସତରେ ବୁଝିପାରେନ୍ତି ତେବେ ମଣିଷ ତାକୁ ନିଜର କରି ରଖନ୍ତା। ଯଦି ମୂଷାଟିଏ କେବଳ ଖାଦ୍ୟ ଲକ୍ଷ୍ୟରେ ଘରକୁ ଆସନ୍ତା ତାହେଲେ ପ୍ରତିଦିନ ନଷ୍ଟ ହେଉଥିବା ଦି-ଚାରି ମୁଠା ଦେବାରେ କୌଣଷି ଦ୍ୱିଧା ଉତ୍ପନ୍ନ ହୁଅନ୍ତାନାହିଁ। ଯନ୍ତାରେ ଆବଦ୍ଧ ମୂଷାଟି ପ୍ରତି ଯେତିକି ରାଗ ତାଠାରୁ ଯଥେଷ୍ଟ ଦୟା କିନ୍ତୁ କଥାରେ ଅଛି ଦୟା ସେଇମାନଙ୍କୁ କରାଯାଇଥାଏ ଯେଉଁମାନେ ଅନ୍ୟର ଅନିଷ୍ଟ କରିନଥାନ୍ତି। ମୋ ନିତ୍ୟକର୍ମ ସାରି କାର୍ଯ୍ୟାନୁଷ୍ଠାନକୁ ଯିବା ପୂର୍ବରୁ ଶୀତଦିନର ହାଲକା ଖରାରେ ଯନ୍ତାସହ ମୂଷାକୁ ଗୋଟେ ଡାଳରେ ଟଙ୍ଗେଇ ଦେଲି। ଚାହିଁଥିଲେ ତାକୁ ସେଇ ମୂହୁର୍ତ୍ତରେ ବାହାରେ ଛାଡ଼ି ଦେଇଥାନ୍ତି। କିନ୍ତୁ ତାକୁ ଶାସ୍ତିଦେବା ଉଦ୍ଦେଶ୍ୟରେ ଛଅଘଣ୍ଟା ଯନ୍ତାରେ ଆବଦ୍ଧ ରଖିବା କେତେଦୂର ଠିକ୍ କି ଭୂଲ୍ ମୋତେ ଜଣାନାହିଁ। ବେଳେବେଳେ ପଥଭ୍ରଷ୍ଟ ମଣିଷକୁ ଛାଟ ସହ ଅନୁଶାସନବି ଜରୁରୀ। ଉଭୟ ଛାଟ ଓ ଅନୁଶାସନ ଶରୀର ଓ ମନକୁ କଷ୍ଟ ଆଘାତ ଦେବା ସ୍ୱାଭାବିକ। ଶରୀରକୁ କଷ୍ଟ ଓ ଆଘାତ ଲାଗିଲେ ପରବର୍ତ୍ତୀ ସମୟରେ ମଣିଷ ସଚେତନ ହୁଏ। କରୁଥିବା କୁକର୍ମ ପ୍ରତି ବିମୁଖ ହୁଏ। ଜୀବନକୁ ଏକ ଉତ୍ତମ ମାର୍ଗରେ ପରିଚାଳିତ କରେ।

ସ୍ୱଇଚ୍ଛାରେ ସମ୍ପାଦନ କରାଯାଉଥିବା ପ୍ରତିଟି କର୍ମପାଇଁ ବ୍ୟକ୍ତି ଉତ୍ତରଦାୟୀ। ପ୍ରତିଟି ଅନିଷ୍ଟ ଓ ଅମଙ୍ଗଳ କାର୍ଯ୍ୟରେ ଲିପ୍ତ ପ୍ରାଣୀ ଦଣ୍ଡପାଇବା ଉଚିତ୍ । ସମସ୍ତଙ୍କୁ ସ୍ୱାଧୀନତା ମିଳିଛି ତା ଅର୍ଥ ନୁହେଁ ଅନ୍ୟର ଅନିଷ୍ଟ କରିବା। ଅନିଷ୍ଟ କରୁଥିବା ଜୀବକୁ ଯଦି ଛାଡ଼ି ଦିଆଯାଏ ତେବେ ତାର ପ୍ରାଦୁର୍ଭାବ ଦିନକୁଦିନ ବଢି ଚାଲିବ। ଜୀବପ୍ରତି ଦୟା ଯେତିକି ଆବଶ୍ୟକ ତାପାଇଁ ଦଣ୍ଡବିଧାନ ମଧ୍ୟ ସେତିକି ଗ୍ରହଣୀୟ। ମଶାରୀକୁ ସାଇତିସୁଇତି ବାନ୍ଧିଲାପରେବି ଅନେକ ସମୟରେ ମଶା ପଶିବାକୁ ଉଦ୍ୟମ କରେ। ଯଦି ରକ୍ତପାନ କରିବା ଲକ୍ଷ୍ୟରେ ମଶାର ସୃଷ୍ଟି ଓ ଜନ୍ମଗତ ଅଧିକାର ତେବେ ମଶାଙ୍କୁ ବିନାଶ କରିବା ମଣିଷରବି କର୍ତ୍ତବ୍ୟ। ମଣିଷ ଯେତେ ସଚେତନ ତଥା ସୁରକ୍ଷିତ ହେଲେବି ଜୀବଜନ୍ତୁଙ୍କ ଯନ୍ତ୍ରଣାରୁ ରକ୍ଷାପାଇବା ଅସମ୍ଭବ। ଆଜିର ମଣିଷ ମଶା ଓ ମୂଷାଙ୍କ ଭଳି ଦିନକୁ ଦିନ ଅମାନିଆ, ଅବିବେକି ସହ ହିତାହିତ ଜ୍ଞାନ ଭୁଲି ଯେଉଁ କର୍ମରେ ଲିପ୍ତ ରହୁଛି ତାର ହିସାବ କିଏ କରିବ? ସେଥିପାଇଁ ମଣିଷକୁ ପଥଭ୍ରଷ୍ଟରୁ ରୋକିବାପାଇଁ ଜେଲ ଓ ମୂଷାଙ୍କୁ ରୋକିବା ପାଇଁ ଯନ୍ତାରୂପକ ଶାସ୍ତି ଏକାନ୍ତ ପ୍ରୟୋଜନ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୩୧ ଡିସେମ୍ବର ୨୦୨୫ ବୁଧବାର





# ସ୍ମୃତିରେ ୨୦୨୫ ...

## ୪ ଓଡ଼ିଆ ପାଇଲେ ପଦ୍ମ ପୁରସ୍କାର




ଚଳିତ ବର୍ଷ ଦେଶର ପ୍ରତିଷ୍ଠିତ ନାଗରିକ ସମ୍ମାନ 'ପଦ୍ମ' ପୁରସ୍କାର ୪ ଓଡ଼ିଆ ଗ୍ରହଣ କରିଛନ୍ତି। ଏମ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ତଥା ନ୍ୟୁରୋ ସର୍ଜନ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କୁ ଚିକିତ୍ସା କ୍ଷେତ୍ରରେ ଉତ୍କର୍ଷ ପାଇଁ, ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, କଳା କ୍ଷେତ୍ରକୁ ଅବଦାନ ପାଇଁ ଢେଙ୍କାନାଳର ସ୍ଥପତି ଅଦ୍ୱୈ?ତ ଗଡ଼ନାୟକ ଏବଂ ସାହିତ୍ୟ କ୍ଷେତ୍ରକୁ ଅବଦାନ ପାଇଁ ବିଶିଷ୍ଟ ସାହିତ୍ୟିକା ପ୍ରତିଭା ଶତପଥୀଙ୍କୁ ଚଳିତବର୍ଷ ଏହି ସମ୍ମାନଜନକ 'ପଦ୍ମଶ୍ରୀ ପୁରସ୍କାର' ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି।

## ବିଦାୟ ୨୦୨୫:ସ୍ୱାଗତ ୨୦୨୬

ଏହା ଭିତରେ ବିତିଯାଇଛି ଗୋଟିଏ ବର୍ଷ। ନୂଆ ବର୍ଷ ଆରମ୍ଭ ହୋଇଯିବ ଆଉ ମାତ୍ର କେତେ ଘଣ୍ଟା ପରେ। ଆନନ୍ଦ ଉତ୍ସାହର ଲହରୀ ଖେଳାଇ ପୁଣି ସମୟ ଆଗକୁ ମାଡିଚାଲିବ। ତେବେ ଯେଉଁ ପୁରୁଣା ବର୍ଷକୁ ଆମେ ପଛରେ ଛାଡିଆସିଲେ ସେ ମଧ୍ୟ ଆମକୁ ପଛରେ ଛାଡି ଆଗକୁ ମାଡି ଚାଲିଛି। କିଛି ସୁଖ କିଛି ଦୁଃଖର ମିଶାମିଶି ପରିସ୍ଥିତିରେ ବିଦାୟ ଦେବାକୁ ହୋଇଛି ପୁରୁଣା ବର୍ଷକୁ। କାହାର ପ୍ରିୟ ପରିଜନ ଛାଡିଯାଇଛନ୍ତି ତ କେଉଁଠି 'କୁଆଁ' ଡାକ ଛାତିରେ ଭରିଦେଇଛି ଅଶେଷ ଉନ୍ମାଦନା। ରାଜନୀତି, ଧର୍ମ, ସାହିତ୍ୟ, ସଂସ୍କୃତି, ଔଷଧ, କଳା ପ୍ରଭୃତି କ୍ଷେତ୍ରରେ ଆମେ ଆଗେଇଛେ ସତ ମାତ୍ର ମଣିଷପଣିଆରେ କେଇପାଦ ହୁଏତ ପଛେଇ ଯାଇଛେ। ଚୋରି, ହତ୍ୟା, ଛିନତାଇ, ବଢିଚାଲିଛି। ହିଂସା, ଅରାଜକତା, ଅମାନବିକତାରେ ପୂତିଗନ୍ଧମୟ ହୋଇଉଠିଛି ପରିବେଶ। ସହନଶୀଳତା, ସମ୍ବେଦନଶୀଳତା, ଗ୍ରହଣଶୀଳତା ଉଭେଇ ଯାଇଛି ଯେମିତି ଆମ ଜୀବନରୁ। ତେବେ ବି ବଞ୍ଚିବାକୁ ହେବ, ଟିକିଏ ମୋହ ଜୀବନକୁ ମହନୀୟ କରିଦେବ। ଆଖିରେ ପୁଣି ଭରିହୋଇଯିବ ଅନେକ ସ୍ୱପ୍ନ। ତେଣୁ ଡେରି କାହିଁକି ? ଆସନ୍ତୁ ପୁରୁଣା ସ୍ମୃତିକୁ ମନେ ପକାଇବା ସହ ସ୍ୱାଗତ କରିବା ନୂତନ ବର୍ଷକୁ ଏବଂ

ଲକ୍ଷ୍ମୀ ଚାନ୍ଦ୍

## ଟ୍ରମ୍ପଙ୍କ ଟାରିଫ୍ ଝଡ଼

୨୦୨୫ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ରପ୍ତାନି ଉପରେ ପ୍ରଥମେ ଜୁଲାଇ ୩୦ରେ ୨୫% ରେସିପ୍ରୋକାଲ ଟାରିଫ୍ ଘୋଷଣା କରି ଅଗଷ୍ଟ ୧ରୁ ଲାଗୁ କରିଥିଲେ। ଅଗଷ୍ଟ ୬ରେ ଭାରତର ରୁଷିଆରୁ ରିହାତି ତେଲ କ୍ରୟକୁ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଫଣ୍ଡିଂ ଭାବେ ଦର୍ଶାଇ ଅଧିକ ୨୫% ଦଣ୍ଡାତ୍ମକ ଟାରିଫ୍ ଯୋଡ଼ି ମୋଟ୍ ୫୦% କରିଦେଇଥିଲେ, ଯାହା ଅଗଷ୍ଟ ୨୭ରୁ କାର୍ଯ୍ୟକାରୀ ହୋଇଥିଲା। ଫଳରେ ବସ୍ତ୍ର, ରତ୍ନ-ଆଭୂଷଣ, ଚମଡ଼ାଜାତ ଦ୍ରବ୍ୟ, ରାସାୟନିକ ପଦାର୍ଥ ଏବଂ ଖାଦ୍ୟ ଭଳି ଶ୍ରମ ଆଦି କ୍ଷେତ୍ରରେ ଭାରତୀୟ ରପ୍ତାନିକାରୀମାନଙ୍କୁ ବଡ଼ କ୍ଷତି ପହଞ୍ଚାଇଥିଲା ଏବଂ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଏବଂ କୂଟନୈତିକ ସମ୍ପର୍କକୁ ତୀବ୍ର ପ୍ରଭାବିତ କରିଥିଲା। ମାତ୍ର ଭାରତ ଏହାର ଜବାବରେ ରୁଷିଆ ସହ ବାଣିଜ୍ୟ ଜାରି ରଖି ନୂଆ ବଜାର ଅନୁସନ୍ଧାନ କରିଥିଲା। ଓମାନ, ନ୍ୟୁଜିଲାଣ୍ଡ ଓ ବ୍ରିଟେନ୍ ଭଳି ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି କରି ଅର୍ଥନୀତିର ବିବିଧୀକରଣ ଦ୍ୱାରା ପ୍ରଭାବକୁ କମ୍ କରିବାକୁ ସଫଳ ହୋଇଥିଲା। ଫଳରେ ନଭେମ୍ବରରେ ଆମେରିକାକୁ ରପ୍ତାନି ପୁନର୍ବାର ବଢ଼ିଥିଲା ଏବଂ ଡିସେମ୍ବର ସୁଦ୍ଧା ମୋଦି ଓ ଟ୍ରମ୍ପଙ୍କ ମଧ୍ୟରେ ବାଣିଜ୍ୟ ଚୁକ୍ତି ଆଲୋଚନା ପରେ ସମ୍ପର୍କରେ କିଛିଟା ସ୍ଥିରତା ଆସିଥିଲା। ଅନୁରୂପ ଭାବେ ମେକ୍ସିକୋ ମଧ୍ୟ ଭାରତ ଉପରେ ୫୦% ତାରିଖ ଟାରିଫ୍ ଲଗାଇବା ସ୍ଥିତିକୁ ସର୍ଜନ କରିଥିଲା।



## ସହରରେ ଅପରାଧ ବେଶି:ବର୍ଷକରେ ୯ ହଜାର ୨ ଶହ କେସ୍ ରୁଜୁ

କଟକ ସହରାଞ୍ଚଳ ପୋଲିସରେ ବର୍ଷ ୨୦୨୫ରେ ମାମଲା ସଂଖ୍ୟା ହୁହୁ ହୋଇ ବଢ଼ିଛି। ଏବର୍ଷ ସହରରେ ଥିବା ୨୧ଟି ଥାନାରେ ମୋଟ ୯ ହଜାର ୧୩୯ଟି ମାମଲା ରୁଜୁ ହୋଇଛି। ଯାହାକି ଗତବର୍ଷ ଅର୍ଥାତ୍ ୨୦୨୪ ମସିହା ତୁଳନାରେ ପ୍ରାୟ ୨ ହଜାର ଅଧିକ। ଗୁରୁତ୍ୱପୂର୍ଣ୍ଣ ହେଉଛି ସହର ଉପକଣ୍ଠରେ ଥିବା ସଦର, ଚୌଦ୍ୱାର, ଜଗତପୁର ଓ ବାରଙ୍ଗ ଥାନା ଏବେ ମାମଲାର ବୋଝ ତଳେ ଚପିଲା ଭଳି ଲାଗୁଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି କେବଳ ସଦର ଥାନାରେ ଚଳିତ ବର୍ଷ ପ୍ରାୟ ରେକର୍ଡ ସଂଖ୍ୟକ ୧ ହଜାର ମାମଲା ରୁଜୁ ହୋଇଛି। ଯାହାକି ଥାନା ପାଇଁ ଚିନ୍ତା ବଢ଼ାଇଛି।

## ତାରକା ଅଲବିଦା

୨୫ରେ ଭାରତୀୟ ସିନେମା ଅନେକ କିମ୍ବଦନ୍ତୀ ତାରକାଙ୍କୁ ହରାଇଛି। ନଭେମ୍ବର ୨୪ରେ ବଲିଉଡର ହି-ମ୍ୟାନ୍ ନାମରେ ପ୍ରସିଦ୍ଧ ଧର୍ମେନ୍ଦ୍ରଙ୍କର ୮୯ ବର୍ଷ ବୟସରେ ପରଲୋକ ହୋଇଛି। ଫିଲ୍ମ ଓ ଟିଭି ଜଗତର ପ୍ରସିଦ୍ଧ କଳାକାର ସତୀଶ ଶାହଙ୍କର ଅକ୍ଟୋବର ୨୫ ତାରିଖରେ ୭୪ ବର୍ଷ ବୟସରେ ଦେହାନ୍ତ ହୋଇଥିଲା। ଅକ୍ଟୋବର ୨୦ରେ ବଲିଉଡର ଲୋକପ୍ରିୟ କମେଡିଆନ୍ ଅସରାନିଙ୍କର ଦେହାନ୍ତ ହୋଇଥିଲା। ଅକ୍ଟୋବର ୪ରେ ସନ୍ଧ୍ୟା ଶାନ୍ତାରାମଙ୍କର ୯୪ ବର୍ଷ ବୟସରେ ନିଧନ ହୋଇଥିଲା। 'ମହାଭାରତ'ର କର୍ଣ୍ଣ ପଙ୍କଜ ଧୀରଙ୍କର ଅକ୍ଟୋବର ୧୫ ତାରିଖରେ ପରଲୋକ ହୋଇଥିଲା। ଦୀର୍ଘ ସମୟ ଧରି ସେ କର୍କଟ ସହ ଲଢ଼େଇ କରୁଥିଲେ। ଜୁନ୍ ୨୭ରେ 'କାଣ୍ଟା ଲଗା' ଗର୍ଲ ନାମରେ ପ୍ରସିଦ୍ଧ ଶେଫାଲୀ ଜରିୱାଲାଙ୍କର କାର୍ଡିଆକ୍ ଆରେଷ୍ଟ ଯୋଗୁ ଦେହାନ୍ତ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୪୨ ବର୍ଷ ବୟସ ହୋଇଥିଲା। ମେ ୨୪ରେ ଟିଭି ଓ ଫିଲ୍ମ ଜଗତର ଲୋକପ୍ରିୟ କଳାକାର ମୁକୁଲ ଦେବଙ୍କର ନିଧନ ହୋଇଥିଲା। ଏପ୍ରିଲ ୪ରେ ପ୍ରଖ୍ୟାତ ଅଭିନେତା ମନୋଜ କୁମାରଙ୍କର ୮୭ ବର୍ଷ ବୟସରେ ନିଧନ ହୋଇଥିଲା। 'ଭାରତ କୁମାର' ନାମରେ ସେ ପ୍ରସିଦ୍ଧ ଥିଲେ।



## ପୁରସ୍କାର ଓ ସମ୍ମାନ

ବିଦାୟ ନେଉଛି ୨୦୨୫। ଓଡ଼ିଶା କ୍ରୀଡ଼ାକୁ ଦେଇଯାଉଛି ଅନେକ ଯୁବ ପ୍ରତିଭା। ଥମି ଯାଇଥିବା ରାଜ୍ୟ କ୍ରୀଡ଼ା ଏବେ ନୂଆ ବେଗ ଧରିବାର ରାହା ବି ପାଇଛି ଏହି ଉଦୀୟମାନ ଖେଳାଳିଙ୍କ ଜରିଆରେ। ପଚିଶରେ ଓଡ଼ିଶା କ୍ରୀଡ଼ା ଯେଉଳି ଭାବେ ସଫଳତାର ନୂଆ ଶିଖର ଛୁଇଁଥିଲା, ସେହିଭଳି ଅନେକ ବିଫଳତା ପାଇଁ ଭୂଲୁଣ୍ଠିତ ବି ହୋଇଥିଲା। କିନ୍ତୁ ଏହାରି ଭିତରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏଭଳି କିଛି ଖେଳାଳି ଉଭା ହୋଇଛନ୍ତି ଯେଉଁମାନେ ଭବିଷ୍ୟତ ପାଇଁ ଅଜସ୍ର ସମ୍ଭାବନା ଓ ଉଜ୍ଜ୍ୱଳ ପ୍ରତିଶ୍ରୁତିର ବିଶ୍ୱାସ ଭରି ଦେଇଛନ୍ତି। ରାଜ୍ୟର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜ୍ୟ ସରକାରଙ୍କ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିଲେ ଅନିମେଷ କୁଜୁର, ରାଖାଲ କୁମାର ସେଠୀ, ସାତ୍ତ୍ୱିକ ସ୍ୱାଇଁ, ବିଜୟ ଶତପଥୀ, ପ୍ରଦ୍ୟୁମ୍ନ ମିଶ୍ର, ସୁଷମା ନନ୍ଦ, ବିମଳ କୁମାର ରାଉଳ। ଓସ୍ ?ଜା ସମ୍ମାନ ହାତେଇଥିଲେ ପ୍ରତ୍ୟାଶା ରାୟ ଓ ମହମ୍ମଦ ସାହିଦ୍ ଜବାର। ଏକଲବ୍ୟ ପୁରସ୍କାର ଗୌରବ ପାଇଥିଲେ ଶ୍ୱେତପର୍ଣ୍ଣା ପଣ୍ଡା, ଆହାନ ଲାଡ଼ୋ, ପ୍ରୀତିସ୍ମିତା ଭୋଇ। ଦିଲୀପ ତିର୍କିଙ୍କୁ କୋଲକାତା ସ୍ପୋର୍ଟସ ଜର୍ଣ୍ଣାଲିଷ୍ଟ କ୍ଲବ୍ ପ୍ରଦାନ କରିଥିଲା ଜୀବନବ୍ୟାପୀ କୃତିତ୍ୱ ସମ୍ମାନ।

## ୨୦୨୫ରେ ସାଉଦି ଆରବ ସର୍ବାଧିକ ଭାରତୀୟଙ୍କୁ କରିଛି ନିର୍ବାସନ

୨୦୨୫ରେ ୮୧ଟି ଦେଶରୁ ୨୪, ୬୦୦ରୁ ଅଧିକ ଭାରତୀୟଙ୍କୁ ନିର୍ବାସିତ କରାଯାଇଛି। ଯେଉଁଥିରେ ସାଉଦି ଆରବ ଏହି ତାଲିକାରେ ଆଗରେ ରହିଛି। ଭିସା ଅଧିକ ସମୟ ଧରି ରହିବା, ଅବୈଧ କାମ ଏବଂ ଶ୍ରମ ନିୟମାବଳୀକୁ ଅବମାନନା କରିବା ହେଉଛି ନିର୍ବାସନର ମୁଖ୍ୟ କାରଣ। ଉପସାଗରୀୟ ଦେଶଗୁଡ଼ିକରେ କମ୍ କୁଶଳୀ ଶ୍ରମିକଙ୍କ ସଚେତନତାର ଅଭାବ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ଚଳିତ ବର୍ଷ ସାଉଦି ଆରବ ଭାରତୀୟଙ୍କୁ ନିର୍ବାସିତ କରାଇବାରେ ଆମେରିକାକୁ ପଛରେ ପକାଇ ପ୍ରଥମ ସ୍ଥାନରେ ପହଞ୍ଚିଛି। ଭାରତ ସରକାରଙ୍କ ତଥ୍ୟ ଅନୁଯାୟୀ, ଏପର୍ଯ୍ୟନ୍ତ ସାଉଦି ଆରବରୁ ନିର୍ବାସିତ ଭାରତୀୟଙ୍କ ସଂଖ୍ୟା ଆମେରିକାରୁ ନିର୍ବାସିତ ହୋଇଥିବା ଭାରତୀୟଙ୍କ ସଂଖ୍ୟାଠାରୁ ଅଧିକ। ୮୧ ଦେଶରେ ୨୪, ୬୦୦ରୁ ଅଧିକ ଭାରତୀୟ ନିର୍ବାସିତ ହୋଇଛନ୍ତି। ସବୁଠୁ ଅଧିକ ଆମେରିକା ନୁହେଁ ସାଉଦି ଆରବରୁ ହୋଇଛନ୍ତି। ୧୨ ମାସରେ ୧୧,୦୦୦ରୁ ଅଧିକ ଲୋକ ନିର୍ବାସିତ ହୋଇଛନ୍ତି।



## ବିଦାୟ ନେଲେ ଦଣ୍ଡାବାଳୁଙ୍ଗା

ବର୍ଷ ଆରମ୍ଭରୁ ହିଁ ଓଲିଉଡ୍‌ର ପ୍ରଶଂସକଙ୍କୁ ମିଳିଥିଲା ଦୁଃଖଦ ଖବର। କାରଣ ଓଡ଼ିଆ ଚଳଚ୍ଚିତ୍ର ଜଗତର ମଉଡ଼ମଣି ତଥା ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତିଙ୍କର ଫେବୃଆରି ୨୭ରେ ଦେହାନ୍ତ ହୋଇଥିଲା। ଲିଭର ସିରୋସିସ୍ ରୋଗରେ ପୀଡ଼ିତ ହୋଇ ଗୁରୁଗ୍ରାମ ମେଦାନ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ଫେବୃଆରି ୬ରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଭୁବନେଶ୍ୱରର କିମ୍ସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଉନ୍ନତ ଚିକିତ୍ସା ପାଇଁ ୮ ତାରିଖ ବେଳକୁ ତାଙ୍କୁ ଏୟାର ଆମ୍ବୁଲାନ୍ସରେ ଦିଲ୍ଲୀ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଲିଭର ସିରୋସିସ୍ ସହ ନିମୋନିଆର ଚିକିତ୍ସା ଚାଲିଥିଲା। ୨୦ ଦିନ କାଳ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଚିରବିଦାୟ ନେଇଥିଲେ ଉତ୍ତମ। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ଶୋକ ସାଗରରେ ବୁଡ଼ାଇଗଲେ ହ୍ୟୁମାନ

ନିରବି ଯାଇଛି ଓଡ଼ିଶାର ଉଦୀୟମାନ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ସ୍ୱର। ମାତ୍ର ୩୬ ବର୍ଷ ବୟସରେ ନଭେମ୍ବର ୧୭ରେ ଦୁନିଆକୁ ପର କରି ହ୍ୟୁମାନ ଚାଲିଯାଇଛନ୍ତି ଆରପାରିକୁ। ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ପ୍ରାୟ ଏକ ମାସ ଧରି ହ୍ୟୁମାନ ସାଗର କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ନଭେମ୍ବର ୧୪ରେ ତାଙ୍କୁ ଜଟିଳ ଅବସ୍ଥାରେ ଏମ୍ସ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ସେ ଶ୍ୱାସକ୍ରିୟାଜନିତ ବାଧା, ନିମୋନିଆ, ହେପାଟୋପାଥି, ଥ୍ରୋମ୍ବୋସାଇଟୋପେନିଆ ଓ କୋଆଗୁଲୋପାଥିରେ ପୀଡ଼ିତ ଥିଲେ। ହ୍ୟୁମାନଙ୍କର ଯକୃତ ଓ ବୃକକ୍ ଅକାମୀ ହେବା ସହିତ ବହୁ ଅଙ୍ଗ ପ୍ରଭାବିତ ହୋଇଥିଲା। ତାଙ୍କୁ ଆଇସିୟୁ ଭେଣ୍ଟିଲେଟର୍‌ରେ ଭର୍ତ୍ତି କରାଯାଇଥିଲା। ବହୁ ଚେଷ୍ଟା ସତ୍ତ୍ୱେ ଡାକ୍ତରମାନେ ତାଙ୍କୁ ବଞ୍ଚାଇ ପାରିନଥିଲେ। ହ୍ୟୁମାନଙ୍କ ମୃତ୍ୟୁ ପରେ ବିବାଦ ବଢୁଥିବା ବେଳେ ଥାନାରେ ମାମଲା ପହଞ୍ଚିଛି। ହ୍ୟୁମାନଙ୍କ ଇଭେଣ୍ଟ ମ୍ୟାନେଜର ଦୀନେଶ ବେହେରା ଓ ପ୍ରଶାନ୍ତ ବେହେରାଙ୍କ ନାଁରେ ଥାନାରେ ଅଭିଯୋଗ ହେବା ପରେ ବିବାଦ ତେଜୁଛି। କାହିଁକି ଅସୁସ୍ଥତା ସତ୍ତ୍ୱେ ବିଭିନ୍ନ ଷ୍ଟେଜ୍ ସୋ'ରେ ହ୍ୟୁମାନଙ୍କୁ ନିଆଯାଉଥିଲା ବୋଲି ଅଭିଯୋଗ ଉଠିବା ସହ ହ୍ୟୁମାନଙ୍କ ମା' ତାଙ୍କ ମୃତ୍ୟୁର ତଦନ୍ତ ନେଇ ଥାନାରେ ଏତଲା ଦେଇଛନ୍ତି।



## ଆକର୍ଷଣ ନୁହେଁ, ଆଲୋଚନାରେ ପର୍ଯ୍ୟଟନ



ଓଡ଼ିଶାର ଇଷ୍ଟ ପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କୁ ହିଁ ନେଇ ଓଡ଼ିଶାର ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ଯ୍ୟଟନ। ଏଣୁ ଏଥର ରଥରେ ପର୍ଯ୍ୟଟକଙ୍କ ଭିଡ଼ରେ ପୁରୀ ଉଚ୍ଛୁଳିଥିଲା। ସେପଟେ ଆଉ କିଛି ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁଙ୍କ ଅପେକ୍ଷାରେ ନନ୍ଦିଘୋଷ ଅଟକି ଯାଇଥିଲା। ରଥଯାତ୍ରାରେ ଅହେତୁକ ଭିଡ଼ ଯୋଗୁଁ ଦଳାଚକଟା ସ୍ଥିତି ଉପୁଜିଥିଲା। ୩ ଭକ୍ତଙ୍କ ପ୍ରାଣହାନୀ ପ୍ରଶାସନର ପରିଚାଳନା ଉପରେ ପ୍ରଶ୍ନବାଚୀ ଉଠାଇଥିଲା। ପଶ୍ଚିମବଙ୍ଗ ପୁଣି 'ଧାମ' ଶବ୍ଦକୁ ଚୋରି କରି ଦୀଘା ଜଗନ୍ନାଥ ମନ୍ଦିରରେ ଯୋଡ଼ିଥିଲା। ଇସ୍କନ ବି ମନମାନି କରି ଅଦିନିଆ ରଥଯାତ୍ରା ପାଳିଥିଲା। ପର୍ଯ୍ୟଟନରେ ବିବିଧତା ଆଣିବାକୁ ଅତ୍ୟାଧୁନିକ ଓ ଦୁଃସାହସିକ ପର୍ଯ୍ୟଟନ ବିକାଶରେ ସରକାର ଗୁରୁତ୍ୱ ଦେଲେ। ତଥାପି ରାଜ୍ୟବାସୀ ନୂଆ ପର୍ଯ୍ୟଟନ ନୀତି ଅପେକ୍ଷାରେ ରହିଗଲେ। ମୋଟ୍ ଉପରେ ରଥଯାତ୍ରାରେ ଗଡ଼ିଲାନି ନନ୍ଦିଘୋଷ ଲକ୍ଷ ଲକ୍ଷ ଭକ୍ତଙ୍କ ନଜର ଥିଲା ନନ୍ଦିଘୋଷ ରଥ ଉପରେ। ବର୍ଷ ସାରା ଅପେକ୍ଷାର ଅନ୍ତ ଘଟିବ। ରଥ ଗଡ଼ିବ। ପଥ ପବିତ୍ର ହେବ। ହେଲେ ଚଳିତ ବର୍ଷ ରଥଯାତ୍ରାରେ ରଥାରୂଢ଼ ଜଗତ ସାଇଁଙ୍କ ନନ୍ଦିଘୋଷ ଥରେ ଗଡ଼ି ଅଟକିଗଲା ଯେ ଆଉ ତିଳେ ବି ଘୁଞ୍ଚିଲାନାହିଁ। ଏଭଳି ଘଟଣା ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନର ପରିଚାଳନା ବ୍ୟବସ୍ଥା ଉପରେ ବିରାଟ ପ୍ରଶ୍ନବାଚୀ ଲଗାଇଥିଲା। ପହଣ୍ଡି ନିର୍ଦ୍ଧାରିତ ସମୟରେ ସରିଥିଲା। ରଥ ଟଣା ଠିକ୍ ସମୟରେ ଆରମ୍ଭ ହେଲା। ରଥଟଣାର ପ୍ରଥମ ବିଗୁଲ ବାଜିବା ବେଳକୁ ଘଣ୍ଟାରେ ୪ଟା ୧୦ ବାଜି ଯାଇଥିଲା। ତାଳଧ୍ୱଜ, ଦର୍ପଦଳନ କିଛି ବାଟ ଗଡ଼ିଥିଲେ। କିନ୍ତୁ ନନ୍ଦିଘୋଷ ରଥ ଥରେ ଗଡ଼ି ଅଟକିଗଲା। ରଥଟଣାରେ ଅହେତୁକ ବିଳମ୍ବ ଯୋଗୁଁ ଏଭଳି ଘଟିଥିଲା। ତାଳଧ୍ୱଜ ରଥ ଗଡ଼ିବା ବେଳେ ବାରମ୍ବାର ମୋଡ଼ ନେବାରୁ ସମସ୍ତ ରଥ ବଡ଼ଦାଣ୍ଡରେ ଅଟକି ରହିଗଲେ। ରଥ ବଡ଼ଦାଣ୍ଡରେ ଅଟକିଥିବାରୁ ରାତି ତମାମ ଭକ୍ତଙ୍କ ସୁଅ ଛୁଟିଥିଲା। ରଥଯାତ୍ରା ପରଦିନ ରଥଟଣା କାର୍ଯ୍ୟ ସମାପନ ହୋଇଥିଲା।

**ରଥଯାତ୍ରା ଦଳାଚକଟାରେ ଗଲା ୩ ଜୀବନ:** ଚଳିତବର୍ଷ ଜୁନ୍ ୨୭ ଓ ୨୮ ତାରିଖ ଦୁଇଦିନ ଧରି ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଜୁନ୍ ୨୮ରେ ତିନି ରଥ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିବା ପରେ ପ୍ରତିବର୍ଷ ଭଳି ରଥାରୂଢ଼ ଶ୍ରୀବିଗ୍ରହଙ୍କ ଦର୍ଶନ ପାଇଁ ରାତିସାରା ଭକ୍ତଙ୍କ ସୁଅ ଛୁଟିଥିଲା। କିନ୍ତୁ ସେଦିନ ସଅଳ ପହୁଡ଼ କରି ଦିଆଯାଇଥିଲା ଓ ବିଳମ୍ବରେ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା। ଏଣୁ ଭକ୍ତଙ୍କ ଭିଡ଼ ବଢ଼ିବା ସହ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଓ ସଂଲଗ୍ନ ଅଞ୍ଚଳ ଲୋକାରଣ୍ୟ ହୋଇଯାଇଥିଲା। ଫଳସ୍ୱରୂପ ଜୁନ୍ ୨୯ ତାରିଖ ଭୋର ପ୍ରାୟ ୪ଟାରେ ଦ୍ୱାରଫିଟା ନୀତି ପରେ ପରେ ଦର୍ଶନ ପାଇଁ ଭକ୍ତଙ୍କ ଭିତରେ ଠେଲାପେଲା ଓ ଦଳାଚକଟା ସ୍ଥିତି ଉପୁଜିଥିଲା। ଦଳାଚକଟାରେ ପ୍ରତିଭା ଦାସ(୫୨), ପ୍ରେମକାନ୍ତ ମହାନ୍ତି(୭୮) ଓ ବାସନ୍ତୀ ସାହୁ(୪୨)ଙ୍କର ମୃତ୍ୟୁ ଘଟିଥିଲା।



**ରଥଯାତ୍ରା ଦେଖିବାକୁ ଆସିଲେ ଗୌତମ ଆଦାନୀ:** ଜୁନ୍ ୨୭ରେ ପୁରୀରେ ଆରମ୍ଭ ହୋଇଯାଇଥିଲା ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ବିଶ୍ୱର କୋଣ ଅନୁକୋଣରୁ ଭକ୍ତ ଶ୍ରୀଜିଉଙ୍କ ଦର୍ଶନ ସକାଶେ ପୁରୀ ଧାଇଁ ଆସିଥିଲେ। ଏଥିସହ କାଳିଆ ଦର୍ଶନ ପାଇଁ ଜୁନ୍ ୨୮ରେ ପହଞ୍ଚିଥିଲେ ବିଶ୍ୱର ଅନ୍ୟତମ ଧନାଢ୍ୟ ବ୍ୟକ୍ତିତ୍ୱ କୋଟିପତି ବ୍ୟବସାୟୀ ଗୌତମ ଆଦାନୀ। ଆଦାନୀଙ୍କ ଆସିବା ଖବର ଶୁଣି ଦେଶ ତଥା ଦେଶ ବାହାରର ବହୁ ୟୁଟ୍ୟୁବର, ବ୍ଲଗର ବି ଓଡ଼ିଶା ଛୁଟିଥିଲେ। ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାକୁ ନେଇ ଏଥର ସାମାଜିକ ଗଣମାଧ୍ୟମ ଛାଇଯାଇଥିବା ବେଳେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସଂଖ୍ୟା ବି ଅହେତୁକ ବୃଦ୍ଧି ପାଇଥିଲା। ଜୁନ୍ ୨୬ରୁ ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ 'ଆଦାନୀ ଗ୍ରୁପ୍' ପକ୍ଷରୁ ପୁରୀରେ ପ୍ରସାଦ ସେବା ଆରମ୍ଭ ହୋଇଛି। ଏହି ପ୍ରସାଦ ସେବାର ଭବ୍ୟ ଆୟୋଜନରେ ଲକ୍ଷ ଲକ୍ଷ ଭକ୍ତ ସାମିଲ ହୋଇ ପ୍ରସାଦ ସେବନ କରିଥିଲେ।

## ପ୍ରକୃତିର ପାହାର

ପ୍ରତିବର୍ଷ ଓଡ଼ିଶା ଉପରେ ପ୍ରକୃତି ଦାଉ ସାଧୁଛି। ପ୍ରକୃତିର ପାହାରରେ ନୟାନ୍ତ ହେଉଛି। ଓଡ଼ିଶାକୁ ଦାଉ ସାଧିଲା 'ଭୂସ୍ଖଳନ', ଭାସିଲା ଉତ୍ତର ଓଡ଼ିଶା, ବଜ୍ରପାତ, ସାପ କାମୁଡ଼ା, ଅଗ୍ନିକାଣ୍ଡ ପରି ବିପର୍ଯ୍ୟୟରେ ଅନେକ ଧନଜୀବନ ନଷ୍ଟ ହେଉଛି। ଆଖି ଆଗରେ ଉଜୁଡ଼ି ଯାଉଛି ଘରଦ୍ୱାର। ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ହେଉଥିଲେ ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ଏଡ଼ାଇ ହେଉନି। ବିପର୍ଯ୍ୟୟ ପରିଚାଳନା ଦିଗରେ କିଛିଟା ସୁଧାର ଆସିଛି ସତ। ମାତ୍ର ଅନେକ କିଛି ଅଧାଅଧୁରା ରହିଛି।



## ବିମାନ ଦୁର୍ଘଟଣା

ବର୍ଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଶ୍ୱର ବିଭିନ୍ନ ସ୍ଥାନରେ ଏକାଧିକ ବିମାନ ଦୁର୍ଘଟଣା ହୋଇଛି। ସବୁଠୁ ବଡ଼ ବିମାନ ଦୁର୍ଘଟଣା ତାଲିକାରେ ଭାରତ ଆଗରେ ରହିଛି। ଏହା ପଛକୁ ଚଳିତବର୍ଷ ଆମେରିକାରେ ଏକାଧିକ ବିମାନ ଦୁର୍ଘଟଣାରେ ବହୁ ଲୋକଙ୍କ ଜୀବନ ଯାଇଛି। ସେହିଭଳି ରୁଷ୍, ବାଂଲାଦେଶ, ତୁର୍କୀ, ସୁଦାନ, ଘାନା, କେନିଆ ଆଦି ଦେଶରେ ମଧ୍ୟ ଭୟଙ୍କର ବିମାନ ଦୁର୍ଘଟଣାରେ ଅନେକଙ୍କ ମୃତ୍ୟୁ ହୋଇଛି। ଚଳିତବର୍ଷ ବିଶ୍ୱର ବିଭିନ୍ନ ଭାଗରେ ହୋଇଥିବା କେତୋଟି ପ୍ରମୁଖ ବିମାନ ଦୁର୍ଘଟଣା ହେଉଛି...

**ବିମାନବନ୍ଦରରେ ସାଇବର ଆକ୍ରମଣ, ଯାତ୍ରୀ ଯନ୍ତ୍ରଣା:** ଚଳିତବର୍ଷ ଶେଷ ଆଡ଼କୁ ବିମାନ ଯାତ୍ରୀ କଲବଲ ହୋଇଛନ୍ତି। ସରକାର ପାଇଲଟଙ୍କ ପାଇଁ ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେସନ୍ସ (ଏଫ୍‌ଡିଟିଏଲ୍)ରେ ପରିବର୍ତ୍ତନ ଆଣିଥିଲେ। ସେମାନଙ୍କ ସାପ୍ତାହିକ ବିଶ୍ରାମ ୪୮ ଘଣ୍ଟାକୁ ବୃଦ୍ଧି କରାଯାଇଥିଲା। ନୂଆ ନିୟମ ପାଳନ କରିବାରେ ବିଫଳ ହୋଇଥିଲା ଦେଶର ବିମାନସେବା ବଜାରରେ ୬୦ ପ୍ରତିଶତରୁ ଅଧିକ ଅଂଶ ରଖିଥିବା ଇଣ୍ଡିଗୋ ଏୟାରଲାଇନ୍ସ। ଏଥିପାଇଁ ଡିସେମ୍ବର ୨ ତାରିଖରୁ ଦେଶର ବିଭିନ୍ନ ସହରରେ ଇଣ୍ଡିଗୋର ଶହଶହ ସଂଖ୍ୟାରେ ବିମାନ ବାତିଲ ହେବା ସହ ଉଡ଼ାଣ ମାତ୍ରାଧିକ ବିଳମ୍ବ ହୋଇଥିଲା। ସମସ୍ୟା ଗମ୍ଭୀର ରୂପ ନେବାରୁ ସରକାର ବାଧ୍ୟ ହୋଇ ନୂଆ ନିୟମକୁ ସାମୟିକ କୋହଳ କରିଥିଲେ। ଏଥିସହିତ ଇଣ୍ଡିଗୋ ସିଇଓ ପିଟର ଏଲବର୍ସଙ୍କୁ ସମନ କରିଥିଲେ। ସେହି ସମୟରେ ବିମାନ ଭଡ଼ା ବହୁମାତ୍ରାରେ ବଢ଼ି ଯାଇଥିଲା।

**ଚାଲିଗଲା ୨୬୦ ଜୀବନ:** ଚଳିତବର୍ଷ ଜୁନ ୧୨ ତାରିଖ ଥିଲା ଭାରତର ବିମାନସେବା କ୍ଷେତ୍ରରେ ଏକ କଳାଦିନ। ଅହମଦାବାଦରୁ ଲଣ୍ଡନକୁ ଉଡ଼ାଣ ଆରମ୍ଭ କରିଥିବା ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନର ବିମାନଟି ଆକାଶକୁ ଉଠିବାର ଅଳ୍ପ କେତେ ସମୟ ମଧ୍ୟରେ ତଳକୁ ଖସି ପଡ଼ିଥିଲା। ସହରର ବିଜେ ମେଡିକାଲ କଲେଜ କୋଠାରେ ଖସି ପଡ଼ିବାରୁ ବିମାନଟି ନିଆଁ ପିଣ୍ଡୁଳା ପାଲଟି ଯାଇଥିଲା। କେହି କିଛି ବୁଝିବା ପୂର୍ବରୁ ଆଖି ପିଛୁଳାକେ ୨୬୦ ଲୋକଙ୍କ ଜୀବନ ଦୀପ ଲିଭି ଯାଇଥିଲା। ସେମାନଙ୍କ ମଧ୍ୟରେ ବିମାନରେ ଥିବା ୨୪୨ ଜଣଙ୍କ ମଧ୍ୟରୁ ୨୪୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ସ୍ଥାନୀୟ ଅଞ୍ଚଳର ୧୯ ଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନି ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହ ଦୁର୍ଘଟଣାସ୍ଥଳ ବୁଲି ଦେଖିବା ସହ ଡାକ୍ତରଖାନାରେ ଆହତମାନଙ୍କୁ ଭେଟିଥିଲେ। ଏହି ଭୟଙ୍କର ବିମାନ ଦୁର୍ଘଟଣା ସାରା ଦେଶର ବିମାନ ଯାତ୍ରୀଙ୍କ ମନରେ କିଛିଦିନ ପାଇଁ କୋକୁଆ ଭୟ ସୃଷ୍ଟି କରିଥିଲା।

## ନାରୀ କେତେ ସୁରକ୍ଷିତ

ବାଡ଼ ଫସଲ ଖାଇବା ଭଳି ରେଳଷ୍ଟେସନରେ ଜଣେ ଯୁବତୀଙ୍କୁ ପୁଲିସର ରାତି ସାରା ଦୁଷ୍କର୍ମ ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ସେମିତି ଧଉଳି ନଦୀପଠାରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଏବଂ ଜଣେ କଣ୍ଠଶିଳ୍ପୀଙ୍କୁ ବଡ଼ ଚ୍ୟାନେଲ୍‌ରେ ସୁଯୋଗ ଦେବା ଆଳରେ ଗଣଦୁଷ୍କର୍ମ କରାଗଲା। ଓ୍ୱି କେୟାର ଓ୍ୱି ଡେୟାର ନାରା ଦେଉଥିବା କମିସନରେଟ୍ ପୁଲିସରେ ନାରୀ ସୁରକ୍ଷା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ନାରୀ ବିରୋଧୀ ହିଂସା ସୀମା ଟପି ଯାଇ ଥିଲା। ନ୍ୟାୟ ପାଇଁ କିଛି ପୀଡ଼ିତା ଆତ୍ମଦାହର ନିଷ୍ଠୁର ରାସ୍ତାକୁ ବାଛିଲେ। ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣା ଚଳିତବର୍ଷ ସାରା ଓଡ଼ିଶାର ଛାତି ଥରାଇ ଦେଇଥିଲା। କଲେଜ ପ୍ରଶାସନ ଓ ନିର୍ଦ୍ଦିଷ୍ଟ ଅଧ୍ୟାପକଙ୍କ ବିରୋଧରେ କର୍ତ୍ତୃପକ୍ଷ, ନିର୍ବାଚିତ ଜନପ୍ରତିନିଧି ଓ ବାଲେଶ୍ୱରରୁ ଚାନ୍ଦବାଲି ଯାଏଁ ସରକାରଙ୍କୁ ଗୁହାରି କରି ବି ନ୍ୟାୟ ପାଇଲେନି ସୌମ୍ୟାଶ୍ରୀ ଓ ଶେଷରେ କଲେଜ ପରିସରରେ ନିଜେ ନିଜକୁ ଜାଳିଦେଲେ। ପ୍ରତିବାଦର ନିଆଁ ବାଲେଶ୍ୱରରୁ ଭୁବନେଶ୍ୱର ଯାଏଁ ଉଠିଲା। ଓଡ଼ିଶା ବନ୍ଦ ହେଲା, ବିଧାନସଭା କମ୍ପିଲା। ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଗଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ବିଭାଗୀୟ ମୁଖ୍ୟ (ଏଚଡି) ସମୀର ସାହୁଙ୍କ ସହ କଲେଜର ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ମଧ୍ୟ ଗିରଫ ହେଲେ। ପରବର୍ତ୍ତୀ ସମୟରେ ଦୁଇ ଛାତ୍ରଙ୍କୁ ଗିରଫ କରାଗଲା। ଏହି ଘଟଣା ପରେ ପୁରୀ ବଳଙ୍ଗାରେ ଜଣେ ପୀଡ଼ିତା ଜଳିଯିବାକୁ ନେଇ ରାଜ୍ୟ ପୁଣି ଉଠିଥିଲା ପଡ଼ିଥିଲା। କେନ୍ଦ୍ରାପଡ଼ାରେ ମଧ୍ୟ ଏଭଳି ଅଘଟଣକୁ ନେଇ ତୁମ୍ଭି ତୋଫାନ ହେଲା। ବର୍ଷ ଶେଷ ବେଳକୁ ଚାନ୍ଦବାଲିରେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲା ନେଇ କୋରଦାର ପ୍ରତିବାଦ ଦେଖିବାକୁ ମିଳିଥିଲା। ଏହାବାଦ୍ ଗୋପାଳପୁର ବେଳାଭୂମି, ପୁରା ବାଲିହରଚଣ୍ଡୀ ଓ ଧଉଳି ପାଖ କୁଆଖାଇ ନଦୀପଠାରେ ଗଣଦୁଷ୍କର୍ମ ମାମଲା ଓଡ଼ିଶାକୁ ଲଜ୍ଜିତ କରିଥିଲା। ଓଡ଼ିଶାକୁ ନାରୀଙ୍କ ପାଇଁ ଅସୁରକ୍ଷିତ ଦର୍ଶାଇ ଆମେରିକା ଜାରି କରିଥିବା ମାର୍ଗଦର୍ଶିକା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିଲା। ଏସବୁ ପ୍ରସଙ୍ଗ ଚଳିତ ବର୍ଷ ପ୍ରଶାସନକୁ ନାକେଦମ କରିଥିଲା।



## ଆଇସିସି ମହିଳା ର୍‌ୟାଙ୍କିଂ
# ନମ୍ବର-୧ ସ୍ଥାନ ବଜାୟ ରଖିଲେ ଦୀପ୍ତି ଶର୍ମା



**ନୂଆଦିଲ୍ଲୀ**

ଆଇସିସି ଅନ୍ତର୍ଜାତୀୟ ଟି୨୦ ର୍‌ୟାଙ୍କିଙ୍ଗ ତାଲିକାରେ ଭାରତର ବିସ୍ଫୋରକ ଓପନର ଶେଫାଳୀ ବର୍ମା ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏହି ୨୧ ବର୍ଷୀୟା ପୂର୍ବତନ ଶୀର୍ଷ ର୍‌ୟାଙ୍କିଙ୍ଗ ପ୍ରାପ୍ତ ବ୍ୟାଟର ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟି୨୦ରେ ୩୪ ବଲ୍‌ରେ ଅପରାଜିତ ୬୯ ରନ କରିଥିଲେ। ସେ ପରେ ତୃତୀୟ ଓ ଚତୁର୍ଥ ମ୍ୟାଚ୍‌ରେ ଯଥାକ୍ରମେ ୪୨ ବଲ୍‌ରୁ ୭୯ ଓ ୪୬ ବଲ୍‌ରୁ ୭୯ ରନ କରିବା ଦ୍ୱାରା ତାଙ୍କର ୪ ସ୍ଥାନ ପଦୋନ୍ନତି ଘଟିଛି। ଚତୁର୍ଥ ଅନ୍ତର୍ଜାତୀୟ ଟି୨୦ରେ ଆକର୍ଷଣୀୟ ୮୮ ରନ ଯୋଗୁ ଉପ-ଅଧିନାୟିକା ସ୍ମୃତି ମନ୍ଧାନା ତୃତୀୟ ସ୍ଥାନ ବଜାୟ ରଖିଥିବା ବେଳେ ଜେମିମା ରୋଡ୍ରିଗ୍ସ ଗୋଟିଏ ସ୍ଥାନ ତଳକୁ ଖସି ୧୦ମ ସ୍ଥାନକୁ ଚାଲି ଆସିଛନ୍ତି।

ପୁରୁଖା ଭାରତୀୟ ଅଲରାଉଣ୍ଡର ଦୀପ୍ତି ଶର୍ମା ବୋଲର ତାଲିକାରେ ନମ୍ବର-୧ ସ୍ଥାନ ବଜାୟ ରଖିଥିବା ବେଳେ ରେଣୁକା ସିଂ ଠାକୁର ଟପ୍ ୧୦ରେ ଯୋଗ ଦେଇଛନ୍ତି। ବୋଲିଂ ର୍‌ୟାଙ୍କିଙ୍ଗରେ ଏକଦା କ୍ୟାରିୟରର ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ ୩ୟ ସ୍ଥାନରେ ପହଞ୍ଚି ପାରିଥିବା ଠାକୁର ୮ ସ୍ଥାନ ଉପରକୁ ଉଠି ମିଳିତ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ତୃତୀୟ ମ୍ୟାଚରେ ମ୍ୟାଚ୍ ବିଜୟୀ ବୋଲିଂ କରି ସେ ୨୧ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ, ଫଳରେ ଭାରତ ୮ ଉଇକେଟରେ ବିଜୟ ଲାଭ କରିବା ସହ ସିରିଜ ଜିତି ନେଇଥିଲା।

ର୍‌ୟାଙ୍କିଙ୍ଗ ତାଲିକାରେ ଭାରତର ଦୁଇ ବାମହାତି ସ୍ପିନର ଶ୍ରୀ ଚାରାନି ଓ ବୈଷ୍ଣବ ଶର୍ମାଙ୍କର ମଧ୍ୟ ଅଗ୍ରଗତି ଘଟିଛି। ବୋଲିଂ ର୍‌ୟାଙ୍କିଙ୍ଗରେ ଚାରାନି ୧୭ ସ୍ଥାନ ଉପରକୁ ଉଠି ୫୨ତମ ସ୍ଥାନରେ ପହଞ୍ଚିଥିବା ବେଳେ ବୈଷ୍ଣବୀ ଶର୍ମା ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ସିରିଜରେ ୩୯୦ ସ୍ଥାନ ଉପରକୁ ଉଠି ୧୨୪ତମ ସ୍ଥାନରେ ପହଞ୍ଚିଛନ୍ତି। ଜୁନ୍ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ଇଂଲଣ୍ଡ ଓ ୱେଲ୍ସରେ ହେବାକୁଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍ ୨୦୨୬ ପାଇଁ ଦଳରେ ସ୍ଥାନ ପାଇବା ଲାଗି ସେ ସମ୍ଭାବନା ସୃଷ୍ଟି କରିଛି।

# ବିଜୟ ହଜାରେ ଟ୍ରଫି : ଆନ୍ଧ୍ରକୁ ୬ ୱିକେଟ୍‌ରେ ହରାଇ ଓଡ଼ିଶାର ଲଗାତାର ଦ୍ୱିତୀୟ ବିଜୟ

**ନୂଆଦିଲ୍ଲୀ**

ଚଳିତ ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ଉନ୍ନତ ପ୍ରଦର୍ଶନ ଜାରି ରଖି କ୍ରମାଗତ ଦ୍ୱିତୀୟ ବିଜୟ ସହ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନ ଦଖଲ କରିଛି। କର୍ଣ୍ଣାଟକର ଆଲୁର ଠାରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍ ଡି'ର ତୃତୀୟ ରାଉଣ୍ଡ ମୁକାବିଲାରେ ଓଡ଼ିଶା ୬ ୱିକେଟ୍‌ରେ ଆନ୍ଧ୍ରକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ର ୪୯.୨ ଓଭରରେ ୨୨୧ ରନ କରି ଅଲ୍ ଆଉଟ୍ ହୋଇ ଯାଇଥିଲା। ଜବାବରେ ଓଡ଼ିଶା ୪୩.୪ ଓଭରରେ ୪ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶାକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଗୋବିନ୍ଦ ପୋଦ୍ଦାର ପ୍ଲେୟାର ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ।




ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ଓଡ଼ିଶା ପାଇଁ ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଥିଲା। ଆନ୍ଧ୍ର ମାତ୍ର ୩ ରନ୍ ମଧ୍ୟରେ ଓପନର ଅଶ୍ୱିନ ହେବର (୨)ଙ୍କ ୱିକେଟ୍ ହରାଇଥିଲା। ଏହାପରେ କେଏସ ଭରତ ଓ ସାଇକ ରସିଦ ସତର୍କତାର ସହ ବ୍ୟାଟିଂ କରି ଦଳୀୟ ସ୍କୋରକୁ ୨୪ରେ ପହଞ୍ଚାଇଥିଲେ। ରସିଦ ରିଟାୟାର୍ଡ ହର୍ଟ ହୋଇ ପାଭିଲିୟନ ଫେରିବା ପରେ ଆରମ୍ଭ ହୋଇଥିଲା ବିପର୍ଯ୍ୟୟ। ନୀତିଶ କୁମାର ରେଡ୍ଡୀ ମାତ୍ର ୬ ରନ କରି ପାଭିଲିୟନ ଫେରିଥିଲେ। ପରେ ପରେ ଭରତ ୩୨ ରନ କରି ବିଦାୟ ନେଇଥିଲେ। ରିକି ଭୁଇ (୧୮) ମଧ୍ୟ ନିରାଶ କରିଥିଲେ। ୭୨ ରନରେ ୪ଟି ୱିକେଟ୍ର ପତନ ଘଟିବା ପରେ ରସିଦ ପୁନର୍ବାର ବ୍ୟାଟିଂ କରିବାକୁ ଗ୍ରାଉଣ୍ଡକୁ ଓହ୍ଲାଇଥିଲେ। ହେଲେ ସେ ମାତ୍ର ୨୦ ରନ କରି ବିଦାୟ ନେଇଥିଲେ। ଚତୁର୍ଥ ୱିକେଟ୍ ପତନ ପରେ ବ୍ୟାଟିଂ କରିବାକୁ ଆସିଥିବା ଏସଏନଭି ପ୍ରସାଦ ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ। ଅନ୍ୟ ପଟରେ ତାଙ୍କୁ ସେଭଳି ଆବଶ୍ୟକ ସହାୟତା ମିଳି ନଥିଲା। ଏମ ହେମନ୍ତ ରେଡ୍ଡୀ ୧୧, କେ ରାଜୁ ୨ ଓ ତ୍ରିପୁରଣା ବିଜୟ ୬ ରନ କରି ଆଉଟ୍ ହୋଇଥିଲେ।

୧୫୩ ରନ୍‌ରେ ଆନ୍ଧ୍ର ୮ଟି ୱିକେଟ୍ ହରାଇ ସାରିଥିଲା। ପ୍ରସାଦ ଅର୍ଦ୍ଧଶତକ ଅର୍ଜନ କରିବା ସହ ଦଳୀୟ ସ୍କୋରକୁ ୧୭୪ରେ ପହଞ୍ଚାଇ ଥିଲେ। ତାଙ୍କ ୱିକେଟ୍ର ପତନ ପରେ ଆନ୍ଧ୍ର ୨୦୦ ରନ ମଧ୍ୟରେ ସୀମିତ ରହିବା ଅନୁମାନ କରାଯାଉଥିଲା। ମାତ୍ର ଅନ୍ତିମ ଭାଗରେ ସୌରଭ କୁମାର ୨୬ଟି ବଲରୁ ଦ୍ରୁତ ୪୭ (୩ ଚୌକା, ୪ ଛକା) ରନ ଯୋଗ କରିବା ଫଳରେ ଦଳୀୟ ସ୍କୋର ୨୨୧ରେ ପହଞ୍ଚିଥିଲା। ଓଡ଼ିଶା ପକ୍ଷରୁ ଗୋବିନ୍ଦ ପୋଦ୍ଦାର ଓ ବିପ୍ଳବ ସାମନ୍ତରାୟ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ଓଡ଼ିଶା ପ୍ରଥମ ବଲରେ ପ୍ରଥମ ୱିକେଟ୍ ହରାଇଥିଲା। ସୌରାଷ୍ଟ୍ର ବିପକ୍ଷରେ ଦ୍ୱିଶତକ ଅର୍ଜନ କରିଥିବା ସ୍ୱସ୍ତିକ ସାମଲ ଖାତା ଖୋଲି ପାରି ନଥିଲେ। ଅନ୍ୟ ଓପନର ଓମ ମୁଣ୍ଡେଙ୍କ ସହ ସନ୍ଦୀପ ପଟ୍ଟନାୟକ ଯୋଗ ଦେଇ ଦଳୀୟ ସ୍କୋରକୁ ୩୧ରେ ପହଞ୍ଚାଇବା ପରେ ସନ୍ଦୀପ (୧୯)ଙ୍କ ୱିକେଟର ପତନ ଘଟିଥିଲା।

ଓମ୍‌ଙ୍କ ସହ ଗୋବିନ୍ଦ ମିଶି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଆନ୍ଧ୍ର ବୋଲର ଏହି ଯୋଡ଼ି ଭାଙ୍ଗି ପାରି ନଥିଲେ। ଉଭୟ ଅର୍ଦ୍ଧଶତକ ଅର୍ଜନ କରିବା ସହ ତୃତୀୟ ୱିକେଟରେ ୧୬୬ ରନ ଯୋଗ କରି ବିଜୟ ପାଇଁ ପଥ ପରିଷ୍କାର କରିଥିଲେ। ଦଳୀୟ ସ୍କୋର ୧୯୭ ବେଳେ ଗୋବିନ୍ଦ ବ୍ୟକ୍ତିଗତ ୮୯ (୯ ଚୌକା) ରନ କରି ଆଉଟ୍ ହୋଇଥିଲେ। ପରେ ପରେ ଓମ୍ ୯୧ (୭ ଚୌକା) ରନ କରି ବିଦାୟ ନେଇଥିଲେ। ଆଶୀର୍ବାଦ (୧୧) ଓ ବିପ୍ଳବ (୭) ଅପରାଜିତ ରହି ବାକି ରନ ସଂଗ୍ରହ କରିଥିଲେ। ୩୮ଟି ବଲ୍ ବାକି ଥାଇ ଓଡ଼ିଶା ବିଜୟ ହାସଲ କରିଥିଲା। ଆନ୍ଧ୍ର ପକ୍ଷରୁ ସତ୍ୟ ନାରାୟଣ ରାଜୁ ୨ଟି, ନୀତିଶ ଓ ହେମନ୍ତ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ଶ୍ରୀଲଙ୍କାକୁ ୧୫ ରନରେ ହରାଇ ସିରିଜ୍ କ୍ଲିନ୍ ସୁଇପ୍ କଲା ଭାରତୀୟ ମହିଳା ଦଳ



**ନୂଆଦିଲ୍ଲୀ**

ଭାରତୀୟ ମହିଳା କ୍ରିକେଟ ଦଳ ଶ୍ରୀଲଙ୍କା ବିପକ୍ଷ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ଆନ୍ତର୍ଜାତୀୟ ସିରିଜରେ କ୍ଲିନ୍ ସୁଇପ୍ କରିଛି। ଭାରତ ମଙ୍ଗଳବାର ଖେଳାଯାଇଥିବା ପଞ୍ଚମ ଟି-୨୦ ଅନ୍ତର୍ଜାତୀୟରେ ଶ୍ରୀଲଙ୍କାକୁ ୧୫ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ହରମନପ୍ରୀତ କୌରଙ୍କ ଅଧିନାୟକତ୍ୱ ଇନିଂସ ବଳରେ ୧୭୫/୭ ସ୍କୋର କରିଥିଲା। ହରମନପ୍ରିତ ୬୮ ରନ କରିଥିବାବେଳେ ଅରୁନ୍ଧତୀ ରେଡ୍ଡି ୨୭ ରନ ଓ ଅମନଜୋତ କୌର ୨୧ ରନ କରିଥିଲେ। ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୫ ରନ କରିଥିଲା। ୧୭୬ରନର ବିଜୟ ଲକ୍ଷ୍ୟର ପିଛା କରିବାକୁ ଯାଇ ଶ୍ରୀଲଙ୍କା ଦଳ ୧୬୦ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ହସିନି ପେରେରା ୬୫ ରନ ଓ ଇମେଶା ଦୁଲାନି ୫୦ ରନ କରିଥିଲେ। ମାତ୍ର ଅନ୍ୟ ମଧ୍ୟକ୍ରମ ବ୍ୟାଟ୍ସରଙ୍କ ବିଫଳତା ଯୋଗୁଁ ଦଳ ଲକ୍ଷ୍ୟ ହାସଲ କରିପାରିନଥିଲା। ଭାରତ ପକ୍ଷରୁ ଦିପ୍ତି ଶର୍ମା, ଅରୁନ୍ଧତୀ ରେଡ୍ଡି, ସ୍ନେହ ରାଣା, ବୈଷ୍ଣବୀ ଶର୍ମା, ଶ୍ରୀ ଚାରଣି ଓ ଅମନଜୋତ କୌର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ
# ବିରାଟ ଏକାଡ଼େମୀ କଲିକତାକୁ ହରାଇ ଇଷ୍ଟ କୋଷ୍ଟ ରେଲୱେ, ଖୋର୍ଦ୍ଧା ସେମିରେ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ୍, ଯାଜପୁରର ମିଳିତ ଉଦ୍ୟମରେ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁସୁମା ନିକଟସ୍ଥ ଷ୍ଟାଡ଼ିୟମରେ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଦ୍ୱିତୀୟ ଦିବସରେ ମ୍ୟାଚ୍ ଇଷ୍ଟ କୋଷ୍ଟ ରେଲୱେ, ଖୋର୍ଦ୍ଧା ଓ ବିରାଟ ଏକାଡ଼େମୀ କଲିକତା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଇଷ୍ଟ କୋଷ୍ଟ ରେଲୱେ, ଖୋର୍ଦ୍ଧା ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭର ଖେଳି ୫ ୱିକେଟ୍ ହରାଇ ୨୨୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଓମ୍‌କାର ଥୋରାଟ୍ ୬୩ ରନ୍ ସଂଗ୍ରହ କରିଥିଲା



ବେଳେ କାମେଶ୍ୱର ବାରିକ ୫୪ ରନ୍ ସଂଗ୍ରହ କରିଥିଲେ। ବିରାଟ ଏକାଡ଼େମୀ କଲିକତାର ବୋଲର ଅଭିନବ ସିଂ ୫ଓଭର ବୋଲିଂ କରି ୨୫ ରନ୍ ଦେଇ ୨ ୱିକେଟ୍ ଅକ୍ତିୟାର କରିଥିଲେ। ଏହାର ଜବାବରେ ବିରାଟ ଏକାଡ଼େମୀ କଲିକତା ୨୧.୨ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୪୨ରନ୍ ସଂଗ୍ରହ କରି ଇଷ୍ଟ କୋଷ୍ଟ ରେଲୱେ, ଖୋର୍ଦ୍ଧା ଠାରୁ ପରାସ୍ତ ହୋଇଥିଲେ। ଦଳ ପକ୍ଷରୁ ରାଜେଶ ସରୋଜ ସର୍ବାଧିକ ୩୦ ରନ୍ ସଂଗ୍ରହ କରିଥିଲେ। ଇଷ୍ଟ କୋଷ୍ଟ ରେଲୱେ, ଖୋର୍ଦ୍ଧାର ବୋଲର ଓମକାର ଥୋରାଟ ୩ ଓଭର ବୋଲିଂ କରି ୧୪ ରନ୍ ଦେଇ ୧ ୱିକେଟ୍ ଅକ୍ତିୟାର କରିଥିଲେ। ମଙ୍ଗଳବାର ମ୍ୟାଚ୍‌ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓମକାର ଥୋରାଟକୁ ଶ୍ରୀଜୟ ଗ୍ରୁପ୍‌ର ନୀଳମଣୀ ପରିଡ଼ା, ସନ୍ତୋଷ ମହଲା, ଅଜୟ ବାରିକ ପୁରସ୍କୃତ କରିଥିଲେ। ଏହି ମ୍ୟାଚ୍‌କୁ ଅଭୟ ବଲ୍ଲଭ ପଣ୍ଡା, ମନୋଜ ସାହୁ, ଶ୍ରୀ ଜୟ ମହାପାତ୍ର, ଦିବାକର କର, ସୁଶାନ୍ତ ସିଂ, ସୁବାଶିଷ ରାଉତ ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍‌କୁ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ଖଗେଶ୍ୱର ମଲ୍ଲିକ ଓ ସତ୍ୟବ୍ରତ ଯେନା ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି, ବିଶ୍ୱଜିତ୍ ଦାସ ପରିଚାଳନା କରିଥିଲେ।

## ଭାରତ-ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍ ପୂର୍ବରୁ
# ସନ୍ନ୍ୟାସ ନେଲେ ଡଗ ବ୍ରାସୱେଲ




**ନୂଆଦିଲ୍ଲୀ**

ନ୍ୟୁଜିଲାଣ୍ଡର ଅଲରାଉଣ୍ଡର ଡଗ ବ୍ରାସୱେଲ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଛନ୍ତି। ବ୍ରାସୱେଲ ୬୯ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଦଳର ପ୍ରତିନିଧିତ୍ୱ କରିଥିଲେ, ୧୨୦ ଉଇକେଟ୍ ନେଇଥିଲେ ଏବଂ ୯୧୫ ରନ କରିଥିଲେ। ବ୍ରାସୱେଲ ଶ୍ରୀଲଙ୍କା ବିପକ୍ଷରେ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳଛନ୍ତି।

ଡଗ ବ୍ରାସୱେଲ ନିକଟରେ ତାଙ୍କ ପଞ୍ଜରା ଆଘାତର ଶିକାର ହୋଇଥିଲେ, ଯାହା ତାଙ୍କୁ କ୍ରିକେଟରୁ ଅବସର ନେବାକୁ ବାଧ କରିଥିଲା। ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ମଧ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ବ୍ରାସୱେଲଙ୍କ ଅବସରକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିଛି। ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ଡଗ ବ୍ରାସୱେଲଙ୍କ ଅବସରକୁ ନିଶ୍ଚିତ କରି ଲେଖିଛନ୍ତି, ଅଲରାଉଣ୍ଡର ଡଗ ବ୍ରାସୱେଲ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଛନ୍ତି। ବ୍ରାସୱେଲ ନ୍ୟୁଜିଲାଣ୍ଡ ପାଇଁ ୨୮ ଟେଷ୍ଟ, ୨୧ ଦିନିକିଆ ଏବଂ ୨୦ ଟି-୨୦ ଖେଳି ୧୨୦ ଉଇକେଟ୍ ନେଇଥିଲେ ଏବଂ ୯୧୫ ରନ କରିଥିଲେ। ସେ ଓବର୍ଟରେ ଅଷ୍ଟ୍ରେଲିଆ ବିପକ୍ଷରେ ନ୍ୟୁଜିଲାଣ୍ଡର ଅନ୍ତିମ ଟେଷ୍ଟ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ଦ୍ୱିତୀୟ ଇନିଂସରେ ୪୦ ରନ ଦେଇ ୬ ଉଇକେଟ୍ ନେଇ ନ୍ୟୁଜିଲାଣ୍ଡକୁ ୭ ରନର ସ୍ମରଣୀୟ ବିଜୟ ହାସଲ କରିବାରେ ସାହାଯ୍ୟ କରିଥିଲେ।

## ||| ଭଲିବଲ ଟୁର୍ଣ୍ଣାମେଣ୍ଟ |||
# ସେମିଫାଇନାଲରେ ଦାରିଙ୍ଗିବାଡ଼ି



**ଦିଗପହଣ୍ଡି**

ଗଞ୍ଜାମ ଜିଲା ଦିଗପହଣ୍ଡି ମିନି ଷ୍ଟାଡିୟମରେ ସ୍ୱର୍ଗତ ବି. ପ୍ରଭାକର ରେଡ୍ଡୀ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ ମଙ୍ଗଳବାର କ୍ୱାର୍ଟର ଫାଇନାଲ ମ୍ୟାଚରେ କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ଗ୍ରାମର ଭଲିବଲ ଟିମ୍ ପ୍ରତିପକ୍ଷ ଗଜପତି ଜିଲ୍ଲା ମୋହନା ଗ୍ରାମ ସେଣ୍ଟ ପିଟର ଭଲିବଲ ଟିମ୍‌କୁ ଲଗାତାର ୨ ସେଟରେ ପରାଜିତ କରି ପରବର୍ତ୍ତୀ ସେମିଫାଇନାଲ ମ୍ୟାଚ୍‌କୁ ଉନ୍ନୀତ ହୋଇଛି।

ସ୍ଥାନୀୟ ଖେମୁଣ୍ଡି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌କୁ ବଡ଼ ଖେମୁଣ୍ଡି ରାଜପୁତ୍ର ସପନ କୁମାର ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବ୍ୟବସାୟୀ ଏ.ସତ୍ୟନାରାୟଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଟୁର୍ଣ୍ଣାମେଣ୍ଟ ଆୟୋଜକ ଅର୍ଦ୍ଧୁ ଗୋବିନ୍ଦଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ସଭାପତି ଶିବଶଙ୍କର ମହାକୁଡ, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ, ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଏ . ସାକିଲି, ବାରିକ ବେହେରା, ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଗୋବିନ୍ଦ ନାୟକ ରେଫେରୀ ଭାବେ ମ୍ୟାଚ୍ ପରିଚାଳନା କରିଥିଲେ।

ଏହି ଅବସରରେ ମୋହନା ଭଲିବଲ ଟିମ୍‌ର ସାହିଲ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇ ଅନ୍ୟତମ ଅତିଥି ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଏମ. ଗୌରାଙ୍ଗଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

ଖେମୁଣ୍ଡି ସ୍ପୋର୍ଟିଂ କ୍ଲବ ସଦସ୍ୟ ସମୀର କୁମାର ପଣ୍ଡା, ସନାତନ ରେଡ୍ଡୀ, ନରେନ୍ଦ୍ର ସାହୁ, ବୈକୁଣ୍ଠ ନାଥ ସ୍ୱାଇଁଙ୍କ ସମେତ ସଭ୍ୟ ବୃନ୍ଦ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଦେହାନ୍ତ ଯୋଗୁ ହଠାତ୍ ସ୍ଥଗିତ ରହିଲା ୨ଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍

**ଢାକା**

ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ପରଲୋକ ଯୋଗୁ ବାଂଲାଦେଶ କ୍ରିକେଟ ବୋର୍ଡ ମଙ୍ଗଳବାର, ଡିସେମ୍ବର ୩୦, ୨୦୨୫ରେ ହେବାକୁ ଥିବା ଉଭୟ ବାଂଲାଦେଶ ପ୍ରିମିୟର ଲିଗ୍ ମ୍ୟାଚ୍ ବାତିଲ କରିଛି। ସିଲହଟ ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ସିଲହଟ ଟାଇଟାନ୍ସ ଏବଂ ଚିଟାଗଙ୍ଗ ରୟାଲ୍ସ ମଧ୍ୟରେ ଖେଳ ଆରମ୍ଭ ହେବାର କିଛି ସମୟ ପୂର୍ବରୁ ଏହି ଦୁଃଖଦ ଖବର ଘୋଷଣା କରାଯାଇଥିଲା।

ଖାଲିଦା ଜିଆଙ୍କ ସ୍ଥାନୀୟ ସମୟ ମଙ୍ଗଳବାର ସକାଳ ୬:୦୦ ଟାରେ ଦେହାନ୍ତ ହୋଇଛି। ଦିବଂଗତ ନେତା ୧୯୯୧ ରୁ ୧୯୯୬ଏବଂ ୨୦୦୧ ରୁ ୨୦୦୬ ପର୍ଯ୍ୟନ୍ତ ଦେଶର ପ୍ରଧାନମନ୍ତ୍ରୀ ଭାବରେ ଦୁଇ ଥର କାର୍ଯ୍ୟ କରିଥିଲେ। ସେ ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଏବଂ ପୂର୍ବତନ ବାଂଲାଦେଶ ରାଷ୍ଟ୍ରପତି ଜିଆଉର ରହମାନଙ୍କ ପତ୍ନୀ ଥିଲେ। ସେ ୧୯୮୪ରୁ ତାଙ୍କ ସ୍ୱାମୀଙ୍କ ଦ୍ୱାରା ପ୍ରତିଷ୍ଠିତ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ସଭାପତି ଏବଂ ନେତା ଭାବରେ କାର୍ଯ୍ୟ କରିଥିଲେ।

ବାଂଲାଦେଶ କ୍ରିକେଟ ବୋର୍ଡ ଘୋଷଣା କରିଛି ଯେ ମଙ୍ଗଳବାର ବାଂଲାଦେଶ ପ୍ରିମିୟର ଲିଗ ମ୍ୟାଚ୍‌ଗୁଡ଼ିକୁ ବାତିଲ କରାଯାଇଛି ଏବଂ ପୁନଃ ସୂଚୀବଦ୍ଧ କରାଯିବ। ସଂଶୋଧିତ ମ୍ୟାଚ୍‌ଗୁଡ଼ିକର ବିବରଣୀ ଯଥାସମ୍ଭବରେ ଜଣାଇ ଦିଆଯିବ। ୨୦୨୫-୨୬ ବିପିଏଲ ସିଜିନ ଡିସେମ୍ବର ୨୬ରେ ଆରମ୍ଭ ହୋଇଥିଲା ଏବଂ ତିନୋଟି ମ୍ୟାଚ ପୂର୍ବରୁ ସମାପ୍ତ ହୋଇସାରିଛି। ମଙ୍ଗଳବାର ଦ୍ୱିତୀୟ ମ୍ୟାଚରେ ଢାକା କ୍ୟାପିଟାଲ୍ସ ଏବଂ ରଙ୍ଗପୁର ରାଇଡର୍ସ ପରସ୍ପରକୁ ମୁହାଁମୁହିଁ ହେବାର କାର୍ଯ୍ୟକ୍ରମ ଥିଲା। ତଥାପି, ଦୁଇଟି ମ୍ୟାଚ ସ୍ଥଗିତ ହେବା ଟୁର୍ଣ୍ଣାମେଣ୍ଟ ଉପରେ ବିଶେଷ ପ୍ରଭାବ ପକାଇବ ନାହିଁ।

# ଅଶୋକ ଦାସ ଥିଲେ ଜଣେ ବିଶାଳ ହୃଦୟର ମଣିଷ : ସୁର ରାଉତରାୟ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ସାଲିସ ବିହୀନ ସ୍ୱାଭିମାନୀ ରାଜନେତା ଅଶୋକ ଦାସଙ୍କ ୧୭ତମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ସ୍ମୃତି ଚାରଣ ସଭା 'ସ୍ମୃତିରେ ଅଶୋକ' ସ୍ଥାନୀୟ ଗୌତମବୁଦ୍ଧ ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ଯାଜପୁର ପୌରଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ଅତିଥି ଭାବେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ବରିଷ୍ଠ ସାମ୍ବାଦିକ ରବି ଦାସ, ଯାଜପୁର ବିଧାୟିକା ସୁଜାତା ସାହୁ, ସାମ୍ବାଦିକ କେଦାର ମିଶ୍ର, ସ୍ୱର୍ଗତ ଅଶୋକ ଦାସଙ୍କ ଘନିଷ୍ଠ ସହଯୋଗୀ କୋରେଇର ବରିଷ୍ଠ




ନେତା ଅଦ୍ୱୈତ ପ୍ରସାଦ ଦାସ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ୱର୍ଗତ ଅଶୋକ ଦାସ ଓଡ଼ିଶା ରାଜନୀତିରେ ଥିଲେ ମୁକୁଟ ବିହୀନ ସମ୍ରାଟ ବୋଲି ବର୍ଣ୍ଣନା କରିବା ସହ ଅଶୋକ ଜଣେ ବିଶାଳ ହୃଦୟର ମଣିଷ ଥିଲେ ବୋଲି ପ୍ରକାଶ କରିଥିଲେ। ସେ ଜଣେ ନିର୍ଭୀକ, ସାଲିସ୍ ବିହୀନ ରାଜନେତା ଥିଲେ। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଖରସୁଆଁ ଓ ସରେଇକଳାକୁ ଓଡ଼ିଶାରେ ସାମିଲ କରିବା ପାଇଁ ସେ ବହୁ ଉଦ୍ୟମ କରିଥିଲେ ବୋଲି ପ୍ରକାଶ କରିଥଲେ। ଏହି ସ୍ମୃତି ସଭାରେ ପୂର୍ବତନ ଯାଜପୁର ପୌର ଅଧ୍ୟକ୍ଷ ଭବପ୍ରସାଦ ଦାସ, ଯାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଅଧ୍ୟାପକ ବଟକୃଷ୍ଣ ମହାପାତ୍ର, ମନୋଜ ସାହୁ, ଜୟନ୍ତ ଗୋସ୍ୱାମୀ, ସାମ୍ବାଦିକ ତପନ ମହାନ୍ତିଙ୍କ ସହ ବହୁ ବରିଷ୍ଠ ବ୍ୟକ୍ତି, କାଉନସିଲର ଓ ଅଶୋକ ପ୍ରେମୀ ଯୋଗ ଦେଇଥିଲେ। ଶେଷରେ ବଳଭଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

OFFICE OF THE MUNICIPAL COUNCIL, TITILAGARH C-1927
(Dept, of Housing & Urban Development, Govt, of Odisha)
At/Po.Ps.Titilagarh, DistBalangir-767033, e-mail:titilagarhmunicipality@gmail.com
Letter No. Date.
**e-tender notice No.3837/29.12.2025**
**BID Identification No.TIG-MPL-20-2025**

Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt, website i.e. **https://tendersodisha.gov.in**

1. Name of the work : construction of Strom water drain from Hatpada to Jamuna Joro via Deobandhpada drain ward No.12, 13 and 14 of Titilagarh Municipality
2. No. of works. : 1 No.
3. Estimated Cost : 1,41,45370/-(Excluding GST)
4. Period of Completion : 6 month
5. Date & Time of availability of Bid Documents in the Portal : From 01.01.2026 to, 21.01.2026 5:00 PM.
6. Last date & time for receipt of bids in the portal. : On 21.01.2026 at 5:00 PM.
7. Last date & time for deposit Of Fees& Documents (in sealed envelope) at Office. : upto 27.01.2026 upto 05:00 pm.
8. Technical Bids received online shall be opened on : On 28.01.2026 at 12:00 noon .
9. Name and address of the officer inviting Bid : Executive Officer, Titilagarh Municipality.

Further details can be seen from the procurement portal i.e.**https://tendersodisha.gov.in**

Sd/- Executive Officer
Titilagarh Municipality
OIPR-13095/11/0044/2526

OFFICE OF THE EXECUTIVE ENGINEER (AGRIL.), AGRIL ENGG.DIVISION, NAYAGARH L-150
E-mail ID - eegril.nayagarh@gmail.com
INVITATIONS FOR BIDS THROUGH e-Procurement
Bid Identification No/c - Procurement Notice No. 1135 /2025// Agril. Dale-29/12/2025
E.E. (AGRIL.), NAYAGARH - 06/2025-26

The Executive Engineer (Agril.), Nayagarh Division, Nayagarh on behalf of Governor of Odisha invites **Percentage** Rate Bids in **Single cover** system for the works os detailed in table below.

| Sl. No. | Name of the work | Approximate Estimated cost put to Tender (Excluding G.S.T) (Rs.) | Cost of Bid Documents (in Rs.) | EMD (in Rs.) | Agency | Period of Completion |
|---|---|---|---|---|---|---|
| 1. | 2. | 3. | 4. | 5. | 6. | 7. |
| 1. | Supply and Installation of Work station and additional cubicles for Directorate of Agriculture and Food Production, Odisha in Krushi Bhawan | 16,31,606.00 | 6000.00 | 16,400.00 | Reputed Manufacturer /Registered Firms/ Suppliers/Agencies/ Dealers of Approved Godrej Make | 03 (Three calendar month) |

The bidders have to participate in ONLINE bidding only. The web-site for "ONLINE BIDDING" is **http: //tendersodishn.gov.in.** Bid documents will be available in above website from **Dt. 31.12.2025 at 11.00 AM to Dt. 12.01.2026 up to 5.00 P.M** for "ONLINE BIDDING". **Date of original bid documents submission from Dt. 31.12.2025 at 11.00 AM to Dt. 13.01.2026 up to 5.00 P.M**. Bids shall be opened at 11.00 AM on **Dt 15.01.2026.**

The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e- Procurement web site **www.tendersodisha.gov.in.**

***N B: Subsequent corrigendum / addendum if required shall be available in the website as indicated above***

Sd/- Executive Engineer (Agril.)
Nayagarh Division, Nayagarh
OIPR-01449/11/0013/2526

# ବରିଷ୍ଠ ଆଇନଜୀବୀ ବିଷ୍ଣୁ ପ୍ରସାଦ ପଣ୍ଡାଙ୍କ ପରଲୋକ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**



ରାୟଗଡ଼ା ସହରର ବରିଷ୍ଠ ଆଇନଜୀବୀ ତଥା ଆଇନ୍ ମାର୍ଗଦର୍ଶକ ବିଷ୍ଣୁ ପ୍ରାସାଦ ପଣ୍ଡାଙ୍କ ଗୁରୁବାର ଦିନ ରାତିରେ ପରଲୋକ ଘଟିଛି। ଯକୃତ ଜନିତ ରୋଗରେ ପୀଡ଼ିତ ସ୍ୱର୍ଗତଃ ପଣ୍ଡାଙ୍କ ସ୍ୱାସ୍ଥ୍ୟ ଭୀଷଣ ଖରାପ ହେବାରୁ ସୋମବାର ରାତିରେ ଭୁବନେଶ୍ୱର ନେବା ସମୟରେ ଗୁଣପୁର ନିକଟରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ହୋଇଥିବା ବେଳେ ଶେଷ ସମୟରେ ମା', ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ଜ୍ୱାଇଁ ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ସମେତ ଛଅ ଭଉଣୀ ଓ ଚାରି ଭାଇଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ। ଛାତ୍ର ଜୀବନରୁ ସେ ଜଣେ ଉତ୍ତମ ସଂଗଠକ ଥିଲେ। ଛତିଶଗଡ଼ ସ୍ଥିତ ରାୟପୁର ଆଇନ୍ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ କରି ନିଜର ଓକିଲାତି ଜୀବନ ଆରମ୍ଭ କରିଥିଲେ। ନିଜର ବିଚକ୍ଷଣ ବୁଦ୍ଧି ଓ ଆଇନ ଉପରେ ପାରିଦର୍ଶିତା ଯୋଗୁଁ ରାୟଗଡ଼ା ସହରର ବହୁ ଯୁବ ଆଇନଜୀବୀ ତାଙ୍କ ଅଧୀନରେ ଆଇନ ଉପରେ ଶିକ୍ଷଣ କରି ପେଷା ଭାବେ ଗ୍ରହଣ କରି ସଫଳତା ହାସଲ କରିଛନ୍ତି। ସ୍ୱର୍ଗତଃ ପଣ୍ଡାଙ୍କ ମୃତ୍ୟୁ ଖବର ପାଇ ସହରର ବହୁ ବୁଦ୍ଧିଜୀବୀ, ଶୁଭେଚ୍ଛୁ, ଓକିଲ ବନ୍ଧୁମାନେ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ଝଞ୍ଜାବତୀ ନଦୀକୂଳରେ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ସୌମ୍ୟଜିତ ପଣ୍ଡା ମୁଖାଗ୍ନି ଦେଇଥିଲେ। ଆଇନଜୀବୀ ସ୍ୱର୍ଗତଃ ପଣ୍ଡାଙ୍କ ବିୟୋଗରେ ରାୟଗଡା ଓକିଲ ସଂଘର ସଭାପତି ଦେବୀ ପଟନାୟକ ଓ ସମ୍ପାଦକ ମଙ୍ଗଳମୂର୍ତ୍ତି ବେଉରିଆ ଏବଂ ଗୁଣପୁର ଓକିଲ ସଂଘର ସଭାପତି ଗୌରୀ ଶଙ୍କର ଦାଶ ଓ ସମ୍ପାଦକ ପ୍ରବୀଣ ପଟନାୟକଙ୍କ ତତ୍ତ୍ୱାବଧାନ ରାୟଗଡ଼ା ଓ ଗୁଣପୁର ଠାରେ ଶୋକ ସଭା ଆୟୋଜନ କରି ଦିବଙ୍ଗତ ଆଇନଜୀବୀଙ୍କ ସ୍ୱର୍ଗତଃ ପଣ୍ଡାଙ୍କ ସ୍ମୃତି ଚାରଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ମାର୍ଚ୍ଚ ୭ରୁ ସୁବର୍ଣ୍ଣରେଖା ନଦୀ ପଠାରେ ଦ୍ୱିତୀୟ ଜଗନ୍ନାଥଙ୍କ ୩୨ ବେଶ



**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ଦ୍ୱିତୀୟ ତମ 'ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ' ଏବଂ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ୩୨-ବେଶ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା। ଏହି ଗ୍ରାମୀଣ ମହୋତ୍ସବ ଆଗାମୀ ୦୭.୩.୨୦୨୬ ଠାରୁ ୧୭.୩.୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହେବ। ମହୋତ୍ସବର ମୁଖ୍ୟ ଆକର୍ଷଣ ଭାବେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ୩୨-ବେଶ ସହିତ ପ୍ରଭୁ ଶ୍ରୀକୃଷ୍ଣଙ୍କ ବିଭିନ୍ନ ଅବତାର ଲୀଳା, ସମୁଦ୍ର ମନ୍ଥନ ଓ ପ୍ରଭୁ ଶ୍ରୀରାମଙ୍କ ମୂର୍ତ୍ତି ପ୍ରଦର୍ଶନ ଭଳି ଆଧ୍ୟାତ୍ମିକ ଓ ସାଂସ୍କୃତିକ ଝଲକ ଦର୍ଶକମାନଙ୍କୁ ଆକର୍ଷିତ କରିବ। ମହୋତ୍ସବ ଅବସରରେ ସମଗ୍ର ମେଳା ପ୍ରାଙ୍ଗଣକୁ ଚନ୍ଦନ ନଗର ସୁସଜ୍ଜିତ ଓ ରଙ୍ଗୀନ ଆଲୋକରେ ଆଲୋକିତ କରାଯିବ, ଯାହା ରାତ୍ରିବେଳେ ସୁବର୍ଣ୍ଣରେଖା ନଦୀ ପଠାକୁ ଏକ ଅଲୌକିକ ଓ ମନୋହର ରୂପ ଦେବ। ଆଲୋକର ଝଲମଲାହଟ ମହୋତ୍ସବର ଶୋଭାକୁ ଆହୁରି ବଢ଼ାଇ ଦର୍ଶକମାନଙ୍କୁ ମନମୋହିତ କରିବ। ଏହା ସହିତ ନାଗର ଦୋଳି, ଜଲ୍ ପରି, ମରଣ କୂଅ ଭଳି ବିଭିନ୍ନ ମନୋରଞ୍ଜନାତ୍ମକ ଆକର୍ଷଣ, ବିଭିନ୍ନ ପ୍ରକାର ଦୋକାନ ବଜାର ଓ ସୁସ୍ୱାଦିଷ୍ଟ ଖାଦ୍ୟ ପଦାର୍ଥ ମେଳାକୁ ଆହୁରି ରଙ୍ଗୀନ ଓ ଆକର୍ଷଣୀୟ କରିବ। ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଆ ସିନେମା ଜଗତର ନାମୀଦାମୀ କଣ୍ଠଶିଳ୍ପୀମାନଙ୍କ ସହିତ ହିନ୍ଦୀ ସଙ୍ଗୀତ ଜଗତର ପ୍ରସିଦ୍ଧ କଣ୍ଠଶିଳ୍ପୀମାନେ ଯୋଗଦାନ କରି ଦର୍ଶକମାନଙ୍କୁ ଉଚ୍ଚକୋଟିର ମନୋରଞ୍ଜନ ପ୍ରଦାନ କରିବେ। ସମଗ୍ର ଭାବେ ଏହି ଗ୍ରାମୀଣ ମହୋତ୍ସବ ସାଂସ୍କୃତିକ, ଆଧ୍ୟାତ୍ମିକ ଓ ମନୋରଞ୍ଜନର ଏକ ସୁନ୍ଦର ସମନ୍ୱୟ ରୂପେ ଅଞ୍ଚଳବାସୀଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ନେଇଆସିବ ବୋଲି ଆଶା କରାଯାଉଛି।





ଭୁବନେଶ୍ୱର : ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି ବିଜୁ ଯୁବ ଜନତା ଦଳ ଏବଂ ବିଜୁ ଛାତ୍ର ଜନତା ଦଳର ନବନିଯୁକ୍ତ ପଦାଧିକାରୀମାନେ । (ଫଟୋ : ସମ୍ବାଦ କଳିକା)

# ହ୍ୟୁମାନ୍ ମୃତ୍ୟୁ ମାମଲା: ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କଲେ ଗାୟିକା ଅର୍ପିତା ଚୌଧୁରୀ

**କଟକ, ନ୍ୟୁଜ ବ୍ୟୁରୋ**

ହ୍ୟୁମାନ ସାଗର ମୃତ୍ୟୁ ମାମଲାରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କଲେ ଓଲିଉଡ ଗାୟିକା ଅର୍ପିତା ଚୌଧୁରୀ। ଏହି ମାମଲାରେ ସଙ୍ଗୀତକାର ସୋମେଶ ଶତପଥୀ ମଧ୍ୟ ଅନୁରୂପ ଭାବେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଅର୍ପିତାଙ୍କ ନାଁରେ ଥାନାରେ ଏତଲା ଦେଇଥିଲେ ହ୍ୟୁମାନଙ୍କ ମାଆ। ହ୍ୟୁମାନଙ୍କ ମାଆ ଅର୍ପିତା ଓ ସୋମେଶଙ୍କ ସମେତ ୯ ଜଣଙ୍କ ନାଁରେ ଅଭିଯୋଗ କରିଥିଲେ । ମର୍କତନଗର ଥାନାରେ ଅଭିଯୋଗ କରିଥିଲେ ହ୍ୟୁମାନଙ୍କ ମାଆ । ଆଉ ମାଆଙ୍କ ଅଭିଯୋଗ ପରେ



ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି ଅର୍ପିତା। ତେବେ ଗତ କିଛି ଦିନ ତଳେ ହ୍ୟୁମାନଙ୍କ ମାଆ ୯ ଜଣଙ୍କ ନାଁରେ ଏତଲା ଦେଇଥିବା ବେଳେ ଗଲା ୩ରୁ ୪ ବର୍ଷ ଭିତରେ ହ୍ୟୁମାନଙ୍କ ନିକଟତର ହୋଇଥିବା ବ୍ୟକ୍ତିଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଥିଲେ । ହ୍ୟୁମାନ୍‌ଙ୍କ ପତ୍ନୀ ଶ୍ରେୟା ମିଶ୍ର ଏବଂ ତାଙ୍କ ପରିବାର ସଦସ୍ୟ, ଡାକ୍ତର ଶୁଭେନ୍ଦୁ ମିଶ୍ର, କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଏବଂ ତାଙ୍କ ପରିବାର, ସୋମେଶ ଶତପଥୀ, ଦିନେଶ ବେହେରା, ମହମ୍ମଦ ଅବିତ (ବବଲୁ), ପ୍ରଶାନ୍ତ ବେହେରା, ଲୁଲୁ ମହାନ୍ତି, ଜଗଦୀଶ ମହାନ୍ତିଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଏତଲାରେ ଦର୍ଶାଇଥିଲେ। ଅର୍ପିତା ଚୌଧୁରୀଙ୍କ ନିକଟରେ ଅଧିଗ୍ରହଣ କରିଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି, ଅର୍ପିତାଙ୍କ ସହିତ ସୋମେଶଙ୍କ ସମ୍ପର୍କ, ଭୁବନେଶ୍ୱରରେ ଥିବା ଅଡିଓ ଷ୍ଟୁଡିଓର ଆର୍ଥିକ କାରବାର ଯାଞ୍ଚ କରିବାକୁ ଦାବି ହୋଇଛି। ଏହି ଦିଗଗୁଡ଼ିକ ତଦନ୍ତ ପରିସରଭୁକ୍ତ କରିବା ସହିତ ପ୍ରମାଣ ନଷ୍ଟ ହେବା ପୂର୍ବରୁ ଏହାକୁ ରୋକିବାକୁ ସେଫାଳି ମର୍କତନଗର ଥାନାରେ ଦେଇଥିବା ଏତଲାରେ ଦର୍ଶାଇଥିବା ବେଳେ ଏତଲା ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ ପଠାଇଥିଲେ । କେଉଁ ପରିସ୍ଥିତିକେ ହ୍ୟୁମାନ୍‌ଙ୍କ ମୃତ୍ୟୁ ହେଲା ଏଯାଏ ତାହା ସ୍ପଷ୍ଟ ହୋଇପାରୁ ନାହିଁ। ମୃତ୍ୟୁ ପଛରେ କୌଣସି ମନ୍ଦ ଉଦ୍ଦେଶ୍ୟ ଯଥା ବିଷକ୍ରିୟା କିମ୍ବା ନିଶା ଦେବା, ଶାରୀରିକ ଆଘାତ, ପ୍ରରୋଚନା, ମାନସିକ ନିର୍ଯାତନା, ଧମକ, ଚାପ, ଷଡ଼ଯନ୍ତ୍ର କିମ୍ବା ଆର୍ଥିକ କାରବାର ଥିଲା କି ନାହିଁ, ଏ ନେଇ ତଦନ୍ତ କରିବାକୁ ପୁଲିସକୁ ଅନୁରୋଧ କରିଥିଲେ ହ୍ୟୁମାନଙ୍କ ମାଆ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଷ୍ଟ୍ର...

ସାଇବର ଠକଙ୍କ ଉତ୍ପାତରେ ସାଧାରଣ ଜନତା କ୍ଷୟକ୍ଷତିରେ ପଡିବେ। ରାହୁ ଓ ଶୁକ୍ରଙ୍କ ଷଡାଷ୍ଟକ ଯୋଗ ଏବଂ ଶୁକ୍ର ନୀଚରାଶିସ୍ଥ ହୋଇ ସାଇବରଠକମାନଙ୍କ ଉତ୍ପାତକୁ ଦ୍ୱିଗୁଣିତ କରିବେ। ଜନଆନ୍ଦୋଳନ ଶାସନ କଳକୁ ଦୋହଲାଇ ଦେବ। ଦେଶର ପଶ୍ଚିମ ଭାଗରେ ମାଓବାଦୀଙ୍କ ଉତ୍ପାତ ବୃଦ୍ଧି ପାଇବ। ଉତ୍ତରପ୍ରଦେଶ ଓ ବିହାରରେ ଦଙ୍ଗା ସୃଷ୍ଟି ଜାତୀୟ ସମ୍ପତ୍ତି ନଷ୍ଟର ଆଶଙ୍କା, ଦେଶର ଦକ୍ଷିଣରେ ଯାନବାହନ ଦୁର୍ଘଟଣା ବୃଦ୍ଧି ପାଇବ। ସାମରିକ ଶକ୍ତିର ଅଭିବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଜୀବନ ରକ୍ଷାକାରୀ ଔଷଧ ଗବେଷଣା ଓ ନିର୍ମାଣରେ ଆନ୍ତର୍ଜାତିକ ସ୍ତରରେ ଆମଦେଶ ପ୍ରଶଂସିତ ହେବ। ରାହୁ ଶନିଙ୍କ ତୃତୀୟ ଏକାଦଶ ଯୋଗ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟପ୍ରତି କ୍ଷତିକାରକ ହେବ। ସୌଖୀନ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ସାଧାରଣଜନତାଙ୍କୁ ବାଧିବ। ଜମ୍ମୁ-କଶ୍ମୀର, ଆସାମ, ଛତିଶଗଡ, ବିହାର ଆଦି ରାଜ୍ୟମାନଙ୍କରେ ଉଗ୍ରବାଦ କାର୍ଯ୍ୟକଳାପ ବୃଦ୍ଧି ପାଇବ। କ୍ରୀଡା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦେଶ ଆଗକୁ ବଢିବ। କୃଷି ଉତ୍ପାଦନ ବେଶ୍ ଭଲ ରହିବ। ନାରୀ ନିର୍ଯାତନାର ପରିମାଣ ବଢିବ। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଗତି ସାଧାରଣ ଜନତା ଅନୁଭବ କରିବେ ନାହିଁ। ଶାସକ ଦଳ ଜନକଲ୍ୟାଣରେ ବ୍ରତୀ ହେବେ। ଓଡ଼ିଶା : ଆମ ରାଜ୍ୟ ପାଇଁ ବେଶ୍ ଅନୁକୂଳ ତଥା ସୁଖପ୍ରଦ ରହିବ ଚଳିତ ବର୍ଷ । ପାଣିପାଗ କୃଷି ଉପଯୋଗୀ ହେବା ସହିତ ଆଶ ଜନକ ଅମଳ ହେବ। ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଘଟିବ। ପାଣି ଓ ବିଜୁଳି ଯୋଗାଣରେ ଲୋକେ ଉପେକ୍ଷିତ ହେବେ। ଅତ୍ୟଧିକ ବୃଷ୍ଟିପାତ ଓ ଜଳପ୍ଲାବନରେ ଜନଜୀବନ ଅସ୍ତବ୍ୟସ୍ତ ହେବ। ଗ୍ରୀଷ୍ମାତାପର ପ୍ରଭାବ ବୃଦ୍ଧି ପାଇବ। ପଶ୍ଚିମାଞ୍ଚଳରେ ଆନ୍ଦୋଳନ ମୁଣ୍ଡ ଟେକିବ। କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରାଇବାରେ ରାଜ୍ୟ ବିଘ୍ନର ସାମ୍ନା କରିବେ। ସରକାରୀ ଦଳର କେତେକ ମନମୁଖି କାମକୁ ସାଧାରଣ ଜନତା ଗ୍ରହଣ କରିବେ ନାହିଁ। ରାଜ୍ୟରେ ନୂତନ ଶିଳ୍ପ ପ୍ରତିଷ୍ଠା ହେଲେ ମଧ୍ୟ ବେକାରୀ ସମସ୍ୟା ଉତ୍କଟ ହେବ। ଓଡ଼ିଆ ଅସ୍ମିତାର ପ୍ରତିଫଳନ କଷ୍ଟସାଧ୍ୟ ହେବ। ସ୍ୱାସ୍ଥ୍ୟ ଓ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ ହେବ। ଯୋଗାଣ ବିଭାଗର ଅବହେଳାକୁ ଜନସାଧାରଣ ମର୍ମେ ମର୍ମେ ଅନୁଭବ କରିବେ। ଗୃହ ନିର୍ମାଣୋପକରଣର ମୂଲ୍ୟରେ ହ୍ରାସ ଲୋକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ଯାନବାହନ ଦୁର୍ଘଟଣା ତଥା ଜଳପ୍ଲାବନର ସମ୍ଭାବନା ରହୁଛି । ବିରୋଧୀ ଦଳର କ୍ଷମତା ହ୍ରାସ ପାଇଲେ ମଧ୍ୟ ସରକାରୀ କଳର ଅପବ୍ୟବହାର ପାଇଁ ଶାସକଦଳ ନିନ୍ଦିତ ହେବେ। ମନ୍ତ୍ରିମଣ୍ଡଳର ସଂପ୍ରସାରଣ ହେବାର ଆଶା। କୌଣସି ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ପାଇଁ ଶୋକ ପାଳନର ସମ୍ଭାବନା।

## ୧୩୬୨ କୋଟି ...

ସହାୟତା ପାଉଛନ୍ତି । ସେହିପରି, ୨୦୨୪-୨୫ ଖରିଫ୍ ଓ ରବି ଋତୁରେ ବରଗଡ଼ର ୨,୪୧,୧୩୫ ଜଣ ଚାଷୀଙ୍କ ଠାରୁ ୧୩,୯୯,୦୦୦ ମେଟ୍ରିକ୍ ଧାନ ସଂଗ୍ରହ କରାଯାଇ ଇନ୍‌ପୁଟ୍ ସହାୟତା ସହିତ ୪୩୩୮ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ହିସାବ ଦେଇଥିଲେ । ଏଭଳି ଆର୍ଥିକ ସହାୟତା ପୂର୍ବରୁ କେବେ ବି ଦିଆଯାଇ ନଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଥିରେ ସନ୍ତୋଷପ୍ରକାଶ କରି କଂସ ମହାରାଜ କହିଲେ 'ଆମତୃପ୍ତି ଲାଭ କଲା ମହାବୀର କଂସାସୁର' । ମୁଖ୍ୟମନ୍ତ୍ରୀ ଏହି ଅବସରରେ ବରଗଡ଼ ପାଇଁ ନୂଆ ପ୍ରକଳ୍ପ ଘୋଷଣା କରି କହିଥିଲେ ଯେ, ୧୩୨ କୋଟି ଟଙ୍କା ବ୍ୟୟ ବରାଦରେ ଜିରା ନଦୀ ଉପରେ ଏକ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବ । ଏହା ସହିତ ୩୦ କୋଟି ଟଙ୍କା ବ୍ୟୟରେ ବରଗଡ଼ ମ୍ୟୁନିସିପାଲିଟିର ହାଟପଦା ଠାରେ ଏକ ଭେଣ୍ଡିଂ ଜୋନ୍‌ର ବିକାଶ କରାଯିବ । ୬୫ କୋଟି ଟଙ୍କା ବିନିଯୋଗରେ ବରଗଡ଼ ସଦରରେ ଅଟଳ ବସ୍‌ଷ୍ଟାଣ୍ଡ ଯୋଜନାରେ ଏକ ଅତ୍ୟାଧୁନିକ ବସ୍ ଟର୍ମିନାଲ୍ ନିର୍ମାଣ କରାଯିବ ଓ ଗ୍ରୀଣ୍ଡୋଲା ଠାରେ ୧୫୦ କୋଟି ଟଙ୍କା ବିନିଯୋଗରେ ଏକ ଅନ୍ତନଦୀ ଜଳାଶୟ ନିର୍ମାଣ କରାଯିବ । ସୂଚନାଯୋଗ୍ୟ ଯେ, ଏହି ଚାରୋଟି ପ୍ରକଳ୍ପ ପାଇଁ ପ୍ରାୟ ୩୮୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଛନ୍ତି। ଧନୁଯାତ୍ରାକୁ ଭାରତର ସାଂସ୍କୃତିକ ଅର୍ଥନୈତିକ ମଡେଲର ଉଦାହରଣ ବୋଲି କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯାତ୍ରା ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ଏକ ପ୍ରକୃଷ୍ଟ ନିଦର୍ଶନ । ଏହି ଉତ୍ସବ ପାଇଁ ଅନୁଦାନ ରାଶି ଏକ କୋଟି ଟଙ୍କାରୁ ଦେଢ଼ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି ଏବଂ ୨୦୦ ପ୍ରମୁଖ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ରାଶି ପ୍ରଦାନ କରାଯାଇଛି । ଏକ ବଡ଼ ପ୍ରତିଶ୍ରୁତି ଥିଲା ଧନୁଯାତ୍ରା ପାଇଁ ରଙ୍ଗମହଲ ନିର୍ମାଣ । ମଙ୍ଗଳବାର ଏହାର ମଧ୍ୟ ଶିଳାନ୍ୟାସ ହେଲା ଆଉ ସେଥିପାଇଁ ପ୍ରାୟ ୧୨ କୋଟି ୮୦ ଲକ୍ଷ ଟଙ୍କା ବିନିମୟରେ ଏବଂ ଏହା ସାରା ବିଶ୍ୱରେ ଶ୍ରେଷ୍ଠ ରଙ୍ଗମହଲ ଭାବେ ପରିଚୟ ସୃଷ୍ଟି କରିବ । ୟୁନେସ୍କୋ ଦ୍ୱାରା ବିଶ୍ୱ ଦରବାରରେ କିଭଳି ମାନ୍ୟତା ପାଇବ, ସେଥିପାଇଁ ଆମେ ଚେଷ୍ଟା ଜାରି ରଖିଛୁ ଏବଂ ଏଥିରେ ଆମେ ସଫଳ ହେବୁ ବୋଲି ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି କହିଛନ୍ତି । ରାଜ୍ୟର ଦୁର୍ନୀତିଖୋର କର୍ମଚାରୀମାନଙ୍କୁ କଂସ ମହାରାଜଙ୍କ ଦରବାରରୁ ଭିଜିଲାନ୍ସର ଚେତାବନୀ ଦେଇ ମୁଖ୍ୟମନ୍ତ୍ରୀ ସୁଧୁରି ଯିବାପାଇଁ କହିଛନ୍ତି ଏବଂ ଆହ୍ୱାନ ଦେଇଛନ୍ତି ଯେ, ସରକାରୀ କର୍ମଚାରୀମାନେ ଜନସେବାକୁ ପ୍ରାଥମିକତା ଦିଅନ୍ତୁ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଧନୁଯାତ୍ରା, ମହାରାଜ କଂସଙ୍କ ରାଜଦ୍ୱାର ଅନନ୍ୟ ନାଟ୍ୟ ଚିତ୍ରଣ ସହିତ ସାଂସ୍କୃତିକ ଶୋଭାଯାତ୍ରା, ରଙ୍ଗୋଲି ଓ ଚିତ୍ରକଳା ପ୍ରଦର୍ଶନୀ, ଚିତ୍ରଶିଳ୍ପୀ ଶିବିର, ହସ୍ତତନ୍ତ ମେଳା, ମୀନାବଜାର ଏବଂ ପଲ୍ଲିଶ୍ରୀ ମେଳା ଭଳି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ସଂସ୍କୃତି ଏବଂ ଅର୍ଥନୀତିକୁ ମଧ୍ୟ ପ୍ରୋତ୍ସାହିତ କରିଆସିଛି। ନିଜର ଅନନ୍ୟ ନାଟ୍ୟ ମହିମା ବ୍ୟତୀତ, ଧନୁଯାତ୍ରା ବିଭିନ୍ନ ପ୍ରଦର୍ଶନୀ ଓ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ସଂସ୍କୃତି, ଐତିହ୍ୟ, ବାଣିଜ୍ୟ ଏବଂ ସାମୂହିକ ଅଂଶଗ୍ରହଣକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ । ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସାଂସ୍କୃତିକ ରାଷ୍ଟ୍ରବାଦର ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭାରତର ସଂସ୍କୃତି ଓ ପରମ୍ପରାକୁ ପୁନର୍ଜାଗୃତି ପାଇଁ ମୋଦିଜୀ ବ୍ୟକ୍ତିଗତ ସ୍ତରରେ ତଥା ତାଙ୍କ ନେତୃତ୍ୱାଧୀନ ସରକାର ଅନେକ କାର୍ଯ୍ୟ କରିଛନ୍ତି। ପୁଣ୍ୟଭୂମି ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର, କୁମ୍ଭମେଳାକୁ ୬୬ କୋଟିରୁ ଅଧିକ ଶ୍ରଦ୍ଧାଳୁଙ୍କ ଯାତ୍ରା, କାଶୀ ବିଶ୍ୱନାଥ ମନ୍ଦିରର ପୁନଃନିର୍ମାଣ, ମଥୁରା, ମହାକାଳ ପରି ବିଶ୍ୱ ବିଖ୍ୟାତ ମନ୍ଦିରର କୟାକଳ୍ପ, ଉତ୍ତର ଭାରତର ଚାରିଧାମ ଯାତ୍ରାପଥର ଉନ୍ନତିକରଣ ଏହି ସାଂସ୍କୃତିକ ରାଷ୍ଟ୍ରବାଦର ପ୍ରକୃଷ୍ଟ ଉଦାହରଣ। ମୋଦିଜୀଙ୍କ 'ବିକାଶ ଭି, ବିରାଶତ ଭି' ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ଆମ ସରକାର 'ଓଡ଼ିଆ ଅସ୍ମିତା'କୁ ଶାସନ-ପ୍ରଶାସନର ଏକ ଅଭିନ୍ନ ଅଙ୍ଗଭାବେ ବିବେଚନା କରୁଛନ୍ତି। ସେ ପୁଣି କହିଥିଲେ, ବରଗଡ଼ ସହରରେ ଅନେକ ମନୋରମ ତୋରଣ ନିର୍ମାଣ ହୋଇଛି । ଏହା ସହରର ସୌନ୍ଦର୍ଯ୍ୟକୁ ଆହୁରି ବୃଦ୍ଧି କରିଛି । ଏହା ସହିତ ଧନୁଯାତ୍ରା ଉପରେ ଅଧ୍ୟୟନ କରିବା ପାଇଁ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମାରୁ ଡାଇରେକ୍ଟର ଏବଂ ଆସିଷ୍ଟାଣ୍ଟ ଡାଇରେକ୍ଟରମାନେ ଆସିଛନ୍ତି । ଏହା ଉପରେ ସେମାନେ ଅଧ୍ୟୟନ କରିବେ, ରିପୋର୍ଟ ଦେବେ ଏବଂ ଏହାର ଉପଯୁକ୍ତ ଡକୁମେଣ୍ଟେସନ୍ କରାଯିବ । ସେ ଆହୁରି କହିଥିଲେ ଯେ, ଗତ ଦେଢ ବର୍ଷରେ ଆମ ସରକାର ରାଜ୍ୟବାସୀଙ୍କ ପାଇଁ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି। ରାଜ୍ୟର ପ୍ରତି ବର୍ଗ ଯେପରିକି ମହିଳା, ଗରିବ, ଯୁବା, ଅନ୍ନଦାତା, ଶ୍ରମିକ, ଛୋଟ ବେପାରୀ ସମସ୍ତଙ୍କ ପାଇଁ କିଛି ନା କିଛି ଯୋଜନା କରିଛନ୍ତି। ଏହା ସହିତ ରାଜ୍ୟରେ ଭିତ୍ତିଭୂମି ଏବଂ ଉଦ୍ୟୋଗର ବିକାଶ ପାଇଁ ମୁଁ ନିରନ୍ତର ଭାବେ ଚେଷ୍ଟା କରି ଆସୁଅଛି। ଏହି କ୍ରମରେ ଓଡ଼ିଶା ଆଗାମୀ ଦିନରେ ଏକ ପ୍ରକାର ଶିଳ୍ପ ବିପ୍ଳବ ଦେଖିବ। ରାଜ୍ୟର ପ୍ରତି ଜିଲ୍ଲା ହେବ ଶିଳ୍ପାୟନ। ଏଥିପାଇଁ ଉଦ୍ୟମ ଜାରି ରହିଛି। ଏହି କାର୍ଯ୍ୟକ୍ରମ ଅବସରରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡତିଆ, ପଦ୍ମପୁର ବିଧାୟକ ବର୍ଷା ସିଂ ବରିହା, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାଇ ମୀନା ଏବଂ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦଇତାପତି, ନିଯୋଗ,...

ଆସିଥିବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ ଶୃଙ୍ଖଳିତ ନୀତିକାନ୍ତି, ସେବାପୂଜା ଓ ପରିଚାଳନା ଥିବା ଶ୍ରୀମନ୍ଦିର ଆଇନରେ ଆବଶ୍ୟକ ସଂଶୋଧନ ଉପରେ ଆଲୋଚନା ହୋଇଥିଲା । ବହୁ ପୁରାତନ ଏହି ଆଇନରେ ଆବଶ୍ୟକୀୟ ସଂଶୋଧନ କରି ବିଭିନ୍ନ ସବ୍‌କମିଟି ଗଠନ ସହ ଶୃଙ୍ଖଳିତ ରୀତିନୀତି, ବିଶୃଙ୍ଖଳ ଆଚରଣକୁ ରୋକିବା ଏବଂ ନିଷେଧ ବସ୍ତୁ ଶ୍ରୀମନ୍ଦିର ଭିତରକୁ ବାରଣ ନେଇ ଆଇନରେ ସଂସ୍କାର ଅଣାଯିବା ସହ ଦଣ୍ଡବିଧାନ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ଏଥି ସହିତ ମନ୍ଦିର ପରିସର ମଧ୍ୟରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଶାଳୀନତା ରକ୍ଷା କରିବା ଭଳି ଭାରତୀୟ ପୋଷାକ ପରିଧାନ ଉପରେ ସଚେତନତା ସୃଷ୍ଟି କରାଯିବା ସହ ଶ୍ରୀଜଗନ୍ନାଥ ସଂସ୍କୃତି ନେଇ ଭୁଲ ସୂଚନା ପ୍ରଦାନ ଏବଂ ସାମାଜିକ ଗଣମାଧ୍ୟମରେ ଅପପ୍ରଚାରକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଇନରେ ପ୍ରାବଧାନ କରାଯିବା ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ଆଇନ ବିଭାଗ ପକ୍ଷରୁ ପ୍ରକାଶିତ ଡାଏରୀକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉନ୍ମୋଚନ କରିଥିଲେ। ବୈଠକରେ ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ଃ ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ଶାସନ ସଚିବ ଭଗବାନ ପ୍ରସାଦ ସାହୁ, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର, ଯୁଗ୍ମ ଶାସନ ସଚିବ ଅଂଶୁମାନ ମହାନ୍ତି, ରାଜସ୍ୱ ବିଭାଗ ଅତିରିକ୍ତ ଶାସନ ସଚିବ ଅମୀୟ କୁମାର ଓ ଯୁଗ୍ମ ଶାସନ ସଚିବ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଂଲାଦେଶର...

ଫେରି ଆସିଥିଲେ। ସେ ଦେଶର ପ୍ରଥମ ନିର୍ବାଚିତ ରାଷ୍ଟ୍ରପତି ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ମୃତ୍ୟୁରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଏବଂ ସେ ୨୦୧୫ ମସିହାରେ ଢାକାରେ ଖାଲିଦା ଜିଆଙ୍କ ସହ ତାଙ୍କର ସାକ୍ଷାତକୁ ମନେ ପକାଇଛନ୍ତି।

## ୧୫୪୩ ଜଣଙ୍କୁ ...

ଯେତେ ଦକ୍ଷତାର ସହ କାମ କରିବେ ଏବଂ ସାଧାରଣ ଲୋକଙ୍କୁ ସମ୍ମାନ ଦେବେ, ଆମେ ସେତେ ଶୀଘ୍ର ଏକ 'ସମୃଦ୍ଧ ଓଡ଼ିଶା' ଗଠନର ଲକ୍ଷ୍ୟ ହାସଲ କରିପାରିବା। ଆସନ୍ତୁ, ଏକାଠି ହୋଇ ଲୋକଙ୍କ ବିଶ୍ୱାସଭାଜନ ହେବା ଏବଂ ରାଜ୍ୟବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିବା।

## ନୂଆବର୍ଷରେ...

କରିବାକୁ ପରାମର୍ଶ ଦିଆଯାଇଛି। କେବଳ ବ୍ୟକ୍ତିଗତ ସୌଜନ୍ୟମୂଳକ ସମ୍ଭାଷଣ ବ୍ୟତୀତ କୌଣସି ପ୍ରକାର ଉତ୍ସବ, ଭେଟଘାଟ୍, ଭୋଜିଭାତ, ପାର୍ଟି ଇତ୍ୟାଦି ରାଜ୍ୟ ସରକାରୀ କାର୍ଯ୍ୟାଳୟ ପରିସର ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଉଛି। ସମସ୍ତ କାର୍ଯ୍ୟାଳୟ ଓ ଅନୁଷ୍ଠାନର ମୁଖ୍ୟ ଏହାକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଘାଟିରୁ ...

ଆହତ ଯାତ୍ରୀମାନଙ୍କୁ ଭିକିଆସେନର ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଦୁର୍ଘଟଣାସ୍ଥଳକୁ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀକୁ ମୁତୟନ କରାଯାଇଛି । ଘଟଣାରେ ପ୍ରତିକ୍ରିୟା ଦେଇ ଆଲମୋରା ବରିଷ୍ଠ ପୋଲିସ ଅଧିକ୍ଷକ ଦେବେନ୍ଦ୍ର ପିଞ୍ଚା କହିଛନ୍ତି, ଉଦ୍ଧାରକାରୀ ଦଳକୁ ଘଟଣାସ୍ଥଳକୁ ପଠାଯାଇଛି। କିଛିଜଣ ମୃତାହତ ହୋଇଥିବା ମଧ୍ୟ ତଥ୍ୟ ରହିଛି ।

## ବରିଷ୍ଠ ଆଇପିଏସ୍ ...

ଏସ. ସାଇନି ଏବଂ କେନ୍ଦ୍ରୀୟ ଡେପୁଟେସନରେ ଥିବା ସୂର୍ଯ୍ୟା ଥାଙ୍କାପାନଙ୍କୁ ମଧ୍ୟ ଅତିରିକ୍ତ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏମ.ଏସ. ସମ୍ପତଙ୍କୁ ଡିଆଇଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି।

## ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

# ୩୫୦ ନୃତ୍ୟଶିଳ୍ପୀ ସହ ବିଦେଶରୁ ଭାଗନେଇଥିଲେ ୧୫ ନୃତ୍ୟଶିଳ୍ପୀ

**ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଆୟୋଜିତ ହେଉଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ରାସେଶ୍ୱରଙ୍କ ରାସଲୀଳାକୁ ଓଡ଼ିଶୀ ନୃତ୍ୟରେ ରୂପାନ୍ତରିତ କରିଥିଲେ ଗୁରୁ ଆଲୋକା କାନୁନଗୋ। ରାଗ 'ପାହାଡି' ଏବଂ 'ମାଳିକା' ତାଳରେ କବି ଜୟଦେବଙ୍କ ରଚିତ ଅଷ୍ଟପଦୀ 'ସଖି ହେ କେଶି ମଦନ ମୁଦାରମ୍'କୁ ସୁନ୍ଦର ଭାବେ ପରିବେଷଣ କରିଥିଲେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଓଡ଼ିଶୀ ନୃତ୍ୟ ଗୁରୁ ଆଲୋକା କାନୁନ ଗୋ। ପଣ୍ଡିତ ଭୁବନେଶ୍ୱର ମହାପାତ୍ରଙ୍କ ସଂଗୀତ ସଂଯୋଜନା ଏବଂ ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ନୃତ୍ୟ ସଂରଚନାରେ ଆଲୋକାଙ୍କ ପରିବେଷଣ ଆଜି ରବୀନ୍ଦ୍ର ମଣ୍ଡପରେ ଭାବବିହ୍ୱଳ ପରିବେଷ ସୃଷ୍ଟି କରିଥିଲା। ରାସେଶ୍ୱରୀଙ୍କ ଠାଣି ଓ ବାଣୀ ଏବଂ ରାସେଶ୍ୱରଙ୍କ ମହାରାସକୁ ଓଡ଼ିଶୀର ଛନ୍ଦରେ ଛନ୍ଦାୟିତ କରିଥିଲେ ଗୁରୁ ଆଲୋକା। 'ଶ୍ରୀରାଧାଙ୍କ ବିରହ ଏବଂ ଶ୍ରୀକୃଷ୍ଣଙ୍କ ରାସଲୀଳାକୁ ଦର୍ଶକଙ୍କ ସମ୍ମୁଖରେ ପ୍ରସ୍ତୁତ କରିବା ମୋ ପାଇଁ ସୌଭାଗ୍ୟ। ଜୟଦେବଙ୍କ ଗୀତଗୋବିନ୍ଦ ମତେ ସର୍ବଦା ଅନୁପ୍ରାଣିତ କରିଛି', ବୋଲି ମତ ରଖିଛନ୍ତି ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଆଲୋକା କାନୁନ ଗୋ। ମଙ୍ଗଳବାର ଉଦ୍‌ଯାପନୀ ଦିବସର ପ୍ରଥମ ଅଧିବେଶନରେ ଲିଙ୍ଗରାଜ କଳା ନିକେତନ ଅନୁଷ୍ଠାନର ଶିଳ୍ପୀମାନେ ଅଭିନୟ 'ଶକ୍ତି ସ୍ୱରୂପା', ନୃତ୍ୟଶିଳ୍ପୀ ଅଙ୍କିତା ବେହେରା ଅଭିନୟ 'ଚମକେ ଚପଳା ଚିକ୍କଣ ଦେଖ', ସୁହାନା ମିଶ୍ର 'ସ୍ଥାୟୀନୃତ୍ୟ', ଜୋୟିତା ପାଲ ଏବଂ ଅଗ୍ନିଶା ବାସାକ 'ବିନାୟକ ଏକଦନ୍ତ ଉମାସୁତ', ଦୀପ୍ତିଶ କୁମାର ଶତପଥୀ ଅଭିନୟ 'ନବରସ', ରାଧିକା ରାଜେଶ କୁବେଡେ ଅଭିନୟ 'ଗୀତ ଗୋବିନ୍ଦ ହରି ହର ମୁଗ୍ଧ ବଧୂ ନିକରେ', ସୁଭାସିନି ମଲ୍ଲିକ ଏବଂ ସୁଭାଶ୍ରୀ ଶୁଚିସ୍ମିତା ମଲ୍ଲିକ ଅଭିନୟ 'ମଧୁରାଷ୍ଟକ', ଇନ୍ଦ୍ରଜିତ୍ ସରକାର 'ବିଲହାରୀ ପଲ୍ଲବୀ', ସ୍ୱର୍ଣ୍ଣାଙ୍କି ଦାସ ଅଭିନୟ 'ସଖିରେ ଘନ ଘନ ବଂଶୀ ସ୍ୱନ' ଏବଂ ଦେବର୍ଚ୍ଚନା ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ଅଭିନୟ 'ରାଧାରାଣୀ ସଙ୍ଗେ ମୁରଲୀ ପାଣି' ପରିବେଷଣ କରିଥିଲେ। ଅପରାହ୍ନ ଅଧିବେଶନରେ ନଟସୁତ୍ର ରିସର୍ଚ୍ଚ ପବ୍ଲିକ୍ ଚାରିଟେବୁଲ୍ ଟ୍ରଷ୍ଟର ଶିଳ୍ପୀମାନେ ଦଳଗତ ନୃତ୍ୟାଭିନୟ 'ନୀଳସରସ୍ୱତୀ ବନ୍ଦନା' ପରିବେଷଣ କରିଥିଲେ। ପରେ ପରେ ରମାକାନ୍ତ ସାହୁ 'ପଲ୍ଲବୀ', ପ୍ରୀତିପ୍ରଜ୍ଞା ଦାସ ଓ ରଞ୍ଜିତା ପ୍ରିୟଦର୍ଶିନୀ ପାଣି ଅଭିନୟ 'ଅର୍ଦ୍ଧନାରୀଶ୍ୱର', ଶୁଭ୍ରକାନ୍ତ ପ୍ରଧାନ 'କୋଣାର୍କ କାନ୍ତି', ସ୍ୱାଗତିକା ସାହୁ ଓ ଦିବ୍ୟ ପ୍ରିୟଦର୍ଶିନୀ ଦାସ ଅଭିନୟ 'ଶିବପଞ୍ଚକ', ଇତିଶ୍ରୀ ମହାନ୍ତି ଅଭିନୟ 'ଅଷ୍ଟପଦୀ' ଏବଂ ଶେଷରେ




ନୃତ୍ୟରଚନା ଅନୁଷ୍ଠାନର ଶିଳ୍ପୀମାନେ ଅଭିନୟ 'ଦୁର୍ଗାସ୍ତୁତି' ପରିବେଷଣ କରିଥିଲେ। ସନ୍ଧ୍ୟା ଅଧିବେଶନରେ ନୃତ୍ୟଶିଳ୍ପୀ ପ୍ରୀତି ମହାପାତ୍ରଙ୍କ ଦ୍ୱାରା 'କୈବର୍ତ୍ତ ପ୍ରସଙ୍ଗମ' , ବିଦିଶା ବାସୁମଲ୍ଲିକ ଏବଂ ରୋହିଣୀ ସାମଲଙ୍କ ଦ୍ୱାରା 'ଗୋବିନ୍ଦ ଦାମୋଦର ଅଷ୍ଟକମ୍', ପୌଲମୀ ଚକ୍ରବର୍ତ୍ତୀଙ୍କ ଦ୍ୱାରା 'ବସନ୍ତ ପଲ୍ଲବୀ', ମୌସମୀ ମଧୁ ଓ ପ୍ରଣଭୀ ଅନ୍ନଦୁରାଇଙ୍କ ଦ୍ୱାରା 'ରାସ ପଲ୍ଲବୀ' ଶିମନ୍ତିନି ମିତ୍ର ବେଉରାଙ୍କ ଦ୍ୱାରା 'ଶିବମ୍ ଧିମମ୍' ପରିବେଷିତ ହୋଇଥିଲା। ଶେଷରେ ଦର୍ପଣୀ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ 'କ୍ରୀଷ୍ଣା ତୁଭ୍ୟଂ ନମଃ' ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ଓଡ଼ିଶୀ ସଂଗୀତ ଗାୟିକା ଡକ୍ଟର ଶ୍ୟାମାମଣି ଦେବୀ, ବିଶିଷ୍ଟ ଓଡିଶୀ ସଙ୍ଗୀତ ଗାୟକ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଆୟକର ବିଭାଗର ପ୍ରାକ୍ତନ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ବିଶିଷ୍ଟ ଓଡିଶୀ ନୃତ୍ୟଶିଳ୍ପୀ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ, ଗୁରୁ ଡକ୍ଟର ଜ୍ୟୋତ୍ସ୍ନାରାଣୀ ସାହୁ, ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼.ଚନ୍ଦ୍ରଶେଖର ହୋତା ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, ଚଳିତ ବର୍ଷ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବରେ ପ୍ରାୟ ୩୫୦ ଜଣ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିବା ବେଳେ ଭାରତ ବାହାରୁ ପ୍ରାୟ ୧୫ ଜଣ ଓଡ଼ିଶୀ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବରେ ବିଶିଷ୍ଟ ନୃତ୍ୟଶିଳ୍ପୀ ବିଷ୍ଣୁତତ୍ତ୍ୱ ଦାସ, ନନ୍ଦିନୀ ଘୋଷାଲ, ସଙ୍ଗୀତା ଦାଶ, ରମଲି ଇବ୍ରାହିମ୍, ଆଲୋକା କାନୁନଗୋ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଚଳିତ ବର୍ଷ ଓଡ଼ିଶୀ ନୃତ୍ୟକୁ ଆଧାର କରି ଏକ ଚିତ୍ରକଳା ଶିବିରର ଆୟୋଜନ ମଧ୍ୟ କରାଯାଇଥିଲା। 'ଆମ ଓଡ଼ିଶୀ' ସେଲ୍ଫି ଷ୍ଟାଣ୍ଡ ଏବଂ ଓଡ଼ିଶୀ ନୃତ୍ୟକୁ ଆଧାର କରି ନିର୍ମିତ ହୋଇଥିବା ବାଲୁକା କଳାକୃତି ଯୁବପିଢ଼ିଙ୍କୁ ବେଶ୍ ଆକର୍ଷିତ କରିଥିଲା।

# ମନୁସପଦର୍ ଗାଁକୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ୟୁଆଇଏଲର ପ୍ରୟାସ

**ରାୟଗଡ଼ା, ନ୍ୟୁଜ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ, ସିଏସଆର ତରଫରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଦୁର୍ଗମ ମୁନୁସପଦର ଗାଁରେ କରାଯାଇଅଛି। କାଶୀପୁର ବ୍ଲକ ଅଧୀନ ଡଙ୍ଗାସିଲ ପଞ୍ଚାୟତ ଅନ୍ତର୍ଗତ ଉପାନ୍ତ ମୁନୁସପଦର୍ ଗାଁରେ ଗତ ଅକ୍ଟୋବର ମାସରେ ଚର୍ମ ରୋଗ ବ୍ୟାପୁଥିବା ସୂଚନା ପାଇବା ପରେ ଉତ୍କଳ ଆଲୁମିନା ସିଏସଆର କର୍ମକର୍ତ୍ତାଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଉତ୍କଳ ଆଲୁମିନା ପକ୍ଷରୁ ତ୍ୱରିତ ପଦକ୍ଷେପ ସ୍ୱରୂପ ଦୀର୍ଘଚାରି କିମି ପାହାଡିଆ, ଜଙ୍ଗଲ ଓ ଝରଣା ରାସ୍ତା ଅତିକ୍ରମ କରି ଉକ୍ତ ଗାଁରେ ପହଞ୍ଚି ଲୋକଙ୍କୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଚିକିତ୍ସା ସେବା



ଯୋଗାଇଥିଲେ । ଏଥିସହ ଗାଁରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି କ୍ରମରେ ଜିଲ୍ଲା ପ୍ରଶାସନିକ ତଥା ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ପରିଦର୍ଶନରେ ଯାଇ ଗାଁର ସ୍ଥିତି ଅନୁଧ୍ୟାନ କରିବା ସହିତ ଉତ୍କଳ ଆଲୁମିନାର ପଦକ୍ଷେପ ସ୍ୱରୂପ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଶୁଦ୍ଧ ପାନୀୟ ଜଳ ଯୋଗାଣ ଆଦି ବ୍ୟବସ୍ଥାକୁ ଭୂୟସି ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ଗାଁକୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଉତ୍କଳ ଆଲୁମିନା ସିଏସଆର୍ ପକ୍ଷରୁ ବିଭିନ୍ନ ଲୋକାଭିମୁଖୀ ପଦକ୍ଷେପ ଗ୍ରହଣ କରାଯାଇଅଛି। ଯଥା ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସକାଶେ ଝରଣା ପାଣିକୁ ଯାନ୍ତ୍ରିକ ଉପକରଣ ଜରିଆରେ ବିଶୁଦ୍ଧ କରି ଗାଁରେ ଟାପ ଯୋଗେ ଯୋଗାଣ କରାଯାଇଛି। ସେହିପରି ଗାଁକୁ ପାଞ୍ଚଗୋଟି ସୋଲାର ଚାଳିତ ଲାଇଟ୍ ପ୍ରଦାନ ସହ ମୋବାଇଲ୍ ସ୍ୱାସ୍ଥ୍ୟ ଟିମ୍ ଦ୍ୱାରା ଗାଁରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଶୀତରୁ ରକ୍ଷା ପାଇଁ ୬୦ଜଣ ଗ୍ରାମବାସୀଙ୍କୁ କମଳ ବିତରଣ କରାଯାଇଅଛି। ଏବଂ ସିଏସଆର ଅନ୍ତର୍ଗତ ପରିଚାଳିତ ଉର୍ମୀ ପ୍ରକଳ୍ପ ଜରିଆରେ ଗାଁରେ କିଶୋରୀମାନଙ୍କୁ ସାନିଟାରୀ ନାପକିନ ବିତରଣ କରାଯାଇଥିଲା। ତେବେ ବିଗତ ଦିନରେ ଗାଁ ଲୋକେ ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଓ ବିଦ୍ୟୁତ୍ ସେବା ପାଇବା ପାଇଁ ମୌଳିକ ସମସ୍ୟାରେ ଜର୍ଜରିତ ହୋଇଥିବା ବେଳେ ଉତ୍କଳ ଆଲୁମିନା ପକ୍ଷରୁ ଗାଁରେ ବିଭିନ୍ନ ଉନ୍ନିମୂଳକ କାର୍ଯ୍ୟ କରାଯାଇଥିବାରୁ ଲୋକେ କମ୍ପାନୀର ଏଭଳି ପଦକ୍ଷେପ ପାଇଁ ସତମୁଖ ହୋଇଛନ୍ତି ।

# ପୁରୀ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ

# ୬ ଦିନ ମୁଖ୍ୟାଳୟ ନଛାଡିବାକୁ ନିର୍ଦ୍ଦେଶ

**ପୁରୀ, ନ୍ୟୁଜ ବ୍ୟୁରୋ**

ସରକାରୀ ଅଧିକାରୀ ନେଇପାରିବେ ନାହିଁ ଛୁଟି । ମଙ୍ଗଳବାରଠାରୁ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ । ପୁରୀ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ। ମୁଖ୍ୟ କାର୍ଯ୍ୟାଳୟ ନଛାଡିବାକୁ ଜିଲ୍ଲାପାଳଙ୍କ କଡା ନିର୍ଦ୍ଦେଶ । ୨୦୨୬ ନୂଆବର୍ଷ ଭିଡକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଜାରି କରିଛନ୍ତି ନିର୍ଦ୍ଦେଶନାମା । ପୁରୀରେ ପର୍ଯ୍ୟଟକ ଏବଂ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ନିଆଯାଇଛି ପଦକ୍ଷେପ। ଜିଲ୍ଲାର ବିଭିନ୍ନ ସ୍ଥାନରେ ପର୍ଯ୍ୟଟନସ୍ଥଳୀ, ତୀର୍ଥସ୍ଥାନ ରହିଥିବାରୁ ଭିଡ଼କୁ ଦେଖି ନିଷ୍ପତ୍ତି ନେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା । ଆସନ୍ତା ୨୦୨୬ ନୂଆବର୍ଷ ସୁଖ ସମୃଦ୍ଧି ପୂର୍ଣ୍ଣ ହେଉ । ଏହି ଆଶା ନେଇ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଶ୍ରୀମନ୍ଦିରକୁ ଧାଇଁ ଆସୁଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ । ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ନୂଆବର୍ଷରେ ଏକ ନୂଆ ଢଙ୍ଗରେ ଜୀବନ ଜୀବିକାକୁ ଆଗେଇ ନେବା ପାଇଁ ଭକ୍ତମାନେ ଶ୍ରୀମନ୍ଦିରକୁ ଛୁଟି ଆସୁଛନ୍ତି। ନବବର୍ଷରେ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଏହାକୁ କିଭଳି ଶୃଙ୍ଖଳିତ କରାଯାଇପାରିବ ସେନେଇ ଶ୍ରୀମନ୍ଦିର, ପୁରୀ ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭକ୍ତମାନେ କିଭଳି ସୁରୁଖୁରୁରେ ମହାପ୍ରଭୁଙ୍କ ଦର୍ଶନ ପାଇପାରିବେ ଓ ସଅଳ ନୀତିକାନ୍ତି ମହାପ୍ରଭୁଙ୍କର ହୋଇପାରିବ ସେନେଇ ସେବାୟତଙ୍କ ସହ ଆଲୋଚନା କରାଯାଇଛି । ସେପଟେ ଜିରୋ ନାଇଟ୍ ସେଲିବ୍ରେସନ ପାଇଁ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ହୋଇ ସାରିଥିବା ବେଳେ ବିଭିନ୍ନ ହୋଟେଲ ଗୁଡ଼ିକରେ ଜିରୋ ନାଇଟ୍ ସେଲିବ୍ରେସନ ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି ।

# ଭଜନ ସମ୍ରାଟ ଭିକାରୀ ବଳଙ୍କ ପତ୍ନୀ ଉଷାରାଣୀଙ୍କ ପରଲୋକ

**କଟକ, ନ୍ୟୁଜ ବ୍ୟୁରୋ**

ଭଜନ ସମ୍ରାଟ ସ୍ୱର୍ଗତ ଭିକାରୀ ବଳଙ୍କ ପତ୍ନୀ ଉଷାରାଣୀ ବଳ (୮୬)ଙ୍କର ଏକ ଘରୋଇ ହସ୍ପିଟାଲ୍‌ରେ ବାର୍ଦ୍ଧକ୍ୟ ଜନିତ ରୋଗରେ ପରଲୋକ ଘଟିଯାଇଛି । ଗତ ନଭେମ୍ବର ୨ ତାରିଖରେ ଭଜନ



ସମ୍ରାଟଙ୍କ ପୁଣ୍ୟତିଥିରେ ସେ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । କିଛି ଦିନ ଆଇସିୟୁରେ ରହିବା ପରେ ସୁସ୍ଥ ହୋଇ ଘରକୁ ଫେରିଥିଲେ। କିନ୍ତୁ ପୁଣି ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବାରୁ ପରିବାର ଲୋକେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ତାଙ୍କର ପରଲୋକ ଘଟିଛି । ସେ ଜଣେ ସ୍ନେହୀ ଓ ଧର୍ମପ୍ରାଣା ମହିଳା ଥିଲେ। ତାଙ୍କ ବିୟୋଗରେ ରାଜାବଗିଚା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଉଷାରାଣୀଙ୍କ ଅନ୍ତିମ ଶଯ୍ୟା ନିକଟରେ ପୁଅ ଅଶୋକ ବଳ, ଅମିୟ ବଳ, ଜ୍ୱାଇଁ ଡ. ସୁନାମଣି ରାଉତ, ନାତି ଡା. ଶୁଭମ୍ ରାଉତ, ସ୍ୱାଗତ ରାଉତ, ଅମୂଲ୍ୟ କୃଷ୍ଣ ବଳଙ୍କ ସମେତ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ମଙ୍ଗଳବାର ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମାପନ ହୋଇଛି ।

**AFFIDAVIT**

By Virtue of an affidavit sworn before The Executive Magistrate GUNAPUR, Dated-29/12/2025, I Sri Gudla Asish,aged about 19 years, Son of Gudla Ramesh, resident of village,po- Derigam, Ps-Gudari, Dist- Rayagada. That my surname wrongly mentioned in my Aadhar Card as G.Asish instead of my correct surname Gudla Asish as per my Birth Certificate bearing registration No.2744/2006 and HSCE Certificate vide Serial No.222512298. Henceforth I shall be know as **Gudla Asish** for my future reference.

**(Gudla Asish)**

ଉତ୍କଳ ଦୀପିକା
ଭୁବନେଶ୍ୱର
୩୧ ଡିସେମ୍ବର,
ବୁଧବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

# କୋଣାର୍କରୁ ଚନ୍ଦ୍ରଭାଗା ଗଡିଲା ସୂର୍ଯ୍ୟ ରଥ : ୨୭ ନକ୍ଷତ୍ରର ହେବ ପୂଜାପାଠ



**କୋଣାର୍କ,୩୦/୧୨ ନ୍ୟୁଜ ବ୍ୟୁରୋ**

କୋଣାର୍କରୁ ଚନ୍ଦ୍ରଭାଗା ଗଡିଲା ସୂର୍ଯ୍ୟ ରଥ। ଅନନ୍ତ ଅବଧୂତ ମଠରୁ ସୂର୍ଯ୍ୟ ନାରାୟଣ ଚନ୍ଦ୍ରଭାଗା ତୀର୍ଥକ୍ଷେତ୍ରକୁ ୨୭ ଦିନ ଯାତ୍ରାରେ ବାହାରିଛନ୍ତି। ଏକ ଆଧାତ୍ମିକ ପରିବେଶରେ ଘଣ୍ଟ, ଘଣ୍ଟା,ଶଙ୍ଖ, ହୁଳହୁଳି ଓ ହରିବୋଲ ନାଦରେ ପ୍ରକମ୍ପିତ ହୋଇଉଠିଥିଲା ମଠ ପରିସର। ତେବେ ପୌଷ ଶୁକ୍ଳ ଦଶମୀ ତିଥି ଶାମ୍ବଦଶମୀ ଓ ସୂର୍ଯ୍ୟ ନାରାୟଣଙ୍କ ରଥଯାତ୍ରାର ସ୍ୱତନ୍ତ୍ରତା ରହିଛି। ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗାରେ ସୂର୍ଯ୍ୟ ଦର୍ଶନ କରିଥିଲେ। କୋଣାର୍କ ଅବଧୂତ ମଠ ପରିସର ହୋଇଉଠିଥିଲା ଉତ୍ସବମୁଖର। ରଥରେ ମିତ୍ରାଦିତ୍ୟଙ୍କୁ ଦର୍ଶନ କଲେ ରୋଗ, ଶୋକ ଓ ଭୟରୁ ମୁକ୍ତି ମିଳିବା ସହିତ ପୂନର୍ଜନ୍ମ ହୋଇନଥିବା ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି। ଉଦୟକାଳୀନ ସୂର୍ଯ୍ୟଙ୍କୁ କାକରା ଭୋଗ, ଖେଚୁଡ଼ି, ପୋଡପିଠା ଭୋଗ ଓ ପୂଜାର୍ଚ୍ଚନା କରାଯାଇ ମଠରୁ ସୂର୍ଯ୍ୟଦେବଙ୍କୁ ରଥାରୂଢ଼ କରାଯାଇଥିଲା। ରଥରେ ମଠ ମହନ୍ତ ଆଦିତ୍ୟ ଚରଣ ଦାଶ ଛେରା ପହଁରା କରିଥିଲେ। ପରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ଭକ୍ତିର ସହିତ ରଥକୁ ଚନ୍ଦ୍ରଭାଗା ଅଭିମୁଖେ ଟାଣି ନେଇଥିଲେ। ଚନ୍ଦ୍ରଭାଗା ତୀର୍ଥରେ ୨୭ଦିନ ଧରି ୨୭ ନକ୍ଷତ୍ରରେ ପୂଜାପାଠ ହେବ। ପବିତ୍ର ମାଘ ସପ୍ତମୀରେ ସୂର୍ଯ୍ୟ ନାରାୟଣ ରଥରେ ଅବଧୂତ ମଠକୁ ବାହୁଡ଼ି ଆସିବେ। ଅର୍କକ୍ଷେତ୍ର ଗାୟତ୍ରୀ ପରିବାର, ସୌର ବ୍ରାହ୍ମଣ ପରିଷଦର କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ବରଗଡ : ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କଂସ ମହାରାଜା ପରସ୍ପରକୁ ଆଲିଙ୍ଗନ କରିବା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ହାତୀ ପିଠିରେ ବସି ମଥୁରାନଗର ପରିକ୍ରମଣ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ଆଜି ରାତି ୧୧ଟାରେ ଶ୍ରୀମନ୍ଦିରରେ ପହୁଡ଼

- ନୂଆବର୍ଷ ରାତ୍ର ୨ଟାରୁ ମହାପ୍ରଭୁଙ୍କ ଦର୍ଶନ
- ନୂଆବର୍ଷରେ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ଭିଡ଼ ଆଶଙ୍କା
- ଜଗିବେ ୭୦ ପ୍ଲାଟୁନ ପୁଲିସ ଫୋର୍ସ



**ପୁରୀ ୩୦/୧୨ ନ୍ୟୁଜ ବ୍ୟୁରୋ**

ନୂଆବର୍ଷରେ ଭୋର୍ ୨ଟାରେ ଖୋଲିବ ଶ୍ରୀମନ୍ଦିର । ଡିସେମ୍ବର ୩୧ ତାରିଖ ରାତି ୧୧ଟାରେ ପଡିବ ପହୁଡ଼ । ଏନେଇ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ। ୩୧ ତାରିଖ ଓ ୧ ତାରିଖରେ ଲକ୍ଷ ଲକ୍ଷ ଭକ୍ତ ଶ୍ରୀଜୀଉଙ୍କ ଆଶିଷ ଲାଭ କରିବାକୁ ଆସିବେ । ଯାହାକୁ ଦୃଷ୍ଟିରେ ରଖି ନୂଆବର୍ଷ ଦିନ ଭୋର ୨ଟାରୁ ଶ୍ରୀମନ୍ଦିର ଦ୍ୱାରଫିଟା ନେଇ ନିଷ୍ପତି ନେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ନୂଆବର୍ଷରେ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଆଶଙ୍କା ରହିଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ସୁବିଧାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସିସିଟିଭି ବଳୟ ମଧ୍ୟରେ ରହିବ ସମ୍ପୂର୍ଣ୍ଣ ଶ୍ରୀକ୍ଷେତ୍ର। ଶ୍ରୀମନ୍ଦିର ଭିତରେ ୧୫୨ଟି ସିସିଟିଭି ଏବଂ ବାହାରେ ୧୯୨ ସିସିଟିଭି ସ୍ଥାପନ କରାଯାଇଛି। ସମୁଦାୟ ୭୦ ପ୍ଲାଟୁନ ପୁଲିସ ଫୋର୍ସ ସୁରକ୍ଷା ଦାୟିତ୍ୱରେ ମୁତୟନ ରହିବେ। ୨ ଜଣ କମାଣ୍ଡାଣ୍ଟ, ୧୩ ଅତିରିକ୍ତ ଏସପି, ୪୩ ଜଣ ଡିଏସ୍‌ପି, ୮୭ ଇନ୍ସପେକ୍ଟର, ୨୪୬ ଏସଆଇ ଏବଂ ଏଏସ୍‌ଆଇ ମୁତୟନ ରହିବେ। ଶ୍ରଦ୍ଧାଳୁମାନେ କେବଳ ଶ୍ରୀମନ୍ଦିର ସିଂହଦ୍ୱାର ବାଟେ ପ୍ରବେଶ କରିବେ। ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ କରିବାର ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ମାର୍କେଟ ଛକ ଠାରୁ ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଛି । ଏନେଇ ସୂଚନା ପ୍ରଦାନ କରିଛନ୍ତି ପୁରୀ ଏସ୍‌ପି ପ୍ରତୀକ ସିଂ।

### ଅସ୍ତ୍ରୋପଚାର ମାଧ୍ୟମରେ ଲିଙ୍ଗ ପରିବର୍ତ୍ତନ ପରେ

# ଭୂସଂପତ୍ତି ପ୍ରମାଣପତ୍ରରେ ସଂଶୋଧନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୩୦/୧୨ ନ୍ୟୁଜ ବ୍ୟୁରୋ**

ଅସ୍ତ୍ରୋପଚାର ମାଧ୍ୟମରେ ଲିଙ୍ଗ ପରିବର୍ତ୍ତନ କରି ମହିଳାରୁ ପୁରୁଷ ହୋଇଥିବା ତଥା ନାମ ବଦଳାଇଥିବା ବ୍ୟକ୍ତିଙ୍କ ସଂକ୍ରାନ୍ତୀୟ ନୂତନ ତଥ୍ୟ ଭୂସଂପତ୍ତି ରେକର୍ଡରେ ଉଲ୍ଲେଖ କରିବାକୁ ସାଧାରଣ ପ୍ରଶାସନ ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଲିଙ୍ଗ ପୁନଃନିର୍ଦ୍ଧାରଣ ଅସ୍ତ୍ରୋପଚାର (ଏସଆରଏସ) କରି ମହିଳାରୁ ପୁରୁଷ ହୋଇଥିବା ହେତୁ ଭୂ-ସମ୍ପତ୍ତି ମ୍ୟୁଟେସନ୍ ପ୍ରମାଣପତ୍ରରେ ତାଙ୍କର ନୂଆ ନାମ ଓ ଲିଙ୍ଗ ପରିବର୍ତ୍ତନ କରିବାକୁ ସାଧାରଣ ପ୍ରଶାସନ ବିଭାଗ ଇଷ୍ଟେଟ ନିର୍ଦ୍ଦେଶକଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମ୍ୟୁଟେସନ ପ୍ରମାଣପତ୍ରରେ ପୁରୁଣା ନାମ ବଦଳରେ ଆବେଦନକାରୀଙ୍କ ନୂଆ ନାମ, ଲିଙ୍ଗ, ନାତୁଣୀ ସ୍ଥାନରେ ନାତି ଉଲ୍ଲେଖ କରାଯିବ। ୧୫ ଦିନ ଭିତରେ ଆବେଦନକାରୀଙ୍କ ନୂଆ ନାମ ଓ ସ୍ଥିତି 'ନାତି' ବୋଲି ଉଲ୍ଲେଖ କରି ସଂଶୋଧିତ ମ୍ୟୁଟେସନ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ଏକ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି ଯେ ଟ୍ରାନ୍ସଜେଣ୍ଡର ବ୍ୟକ୍ତି (ଅଧିକାରର ସୁରକ୍ଷା) ଆଇନ, ୨୦୧୯ର ଧାରା ୭ ଓ ଏସଂପର୍କିତ ନିୟମାବଳୀ, ୨୦୨୦ର ନିୟମ-୬ ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟ ଓ ଅନ୍ୟ କର୍ତ୍ତୃପକ୍ଷ ଆଇନ ଅନୁସାରେ ଆବେଦନକାରୀଙ୍କ ସପକ୍ଷରେ ପରିବର୍ତ୍ତିତ ଲିଙ୍ଗ ଓ ନାଁ ସଂକ୍ରାନ୍ତରେ ପ୍ରମାଣପତ୍ର, ପରିଚୟପତ୍ର, ପ୍ୟାନ୍ କାର୍ଡ, ପାସପୋର୍ଟ ଏବଂ ଆଧାର କାର୍ଡ ଜାରି କରିଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ବିଭିନ୍ନ ନିୟମାବଳୀ ଓ ଅଦାଲତୀ ରାୟର ନଜିରକୁ ବିଚାରକୁ ନେଇ ସମ୍ପତ୍ତିର ମ୍ୟୁଟେସନ୍ ପ୍ରମାଣପତ୍ରରେ ଆବେଦନକାରୀଙ୍କ ପରିବର୍ତ୍ତିତ ନାମ ଓ ପୂର୍ବଜଙ୍କ ସହ ସଂପର୍କ ନାତୁଣୀରୁ ନାତିକୁ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ, ଆବେଦନକାରୀଙ୍କ 'ଜେଣ୍ଡର ଡିସଫୋରିକ୍ ସିଣ୍ଡ୍ରୋମ୍' ଦେଖାଦେଇଥିଲା। ଯାହା ପାଇଁ ତାଙ୍କର କିଛି ଅଂଶରେ ଥିବା ମହିଳା ଯୌନାଙ୍ଗକୁ ଅପସାରଣ କରିବା ପାଇଁ ଲାପାରୋସ୍କୋପିକ୍ ଅସ୍ତ୍ରୋପଚାର ହୋଇଥିଲା। ଚେନ୍ନାଇସ୍ଥିତ ଏକ କସମେଟିକ କ୍ଲିନିକରେ ସଫଳ ଏସଆରଏସ ପରେ ଆବେଦନକାରୀଙ୍କ ଲିଙ୍ଗ ମହିଳାରୁ ପୁରୁଷକୁ ପରିବର୍ତ୍ତିତ ହୋଇଥିବା ନେଇ ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଲିଙ୍ଗ ପରିବର୍ତ୍ତନ ପରେ ଆବେଦନକାରୀ ନିଜ ନାଁ ମଧ୍ୟ ଏକ ପୁରୁଷ ଭାବେ ରଖିଥିଲେ। ଏ ନେଇ ଖବରକାଗଜରେ ଘୋଷଣାନାମା ପ୍ରକାଶ କରାଇଥିଲେ। ଏହାପରେ ୨୦୧୯ର ଆଇନ ଓ ୨୦୨୦ର ନିୟମାବଳୀ ଆଧାରରେ ସେ କଟକ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ଦରଖାସ୍ତ ଦାଖଲ କରିଥିଲେ। ତଦନ୍ତ ପରେ ତାଙ୍କୁ ଲିଙ୍ଗ ଓ ନାଁରେ ପରିବର୍ତ୍ତନ ସଂପର୍କିତ ଆବଶ୍ୟକ ପ୍ରମାଣପତ୍ର ଜିଲ୍ଲା ମାଜିଷ୍ଟ୍ରେଟ ପ୍ରଦାନ କରିଥିଲେ। ଏପରି ପ୍ରମାଣପତ୍ର ଆଧାରରେ ଆବେଦନକାରୀ ଆଧାର କାର୍ଡ, ପ୍ୟାନ୍ କାର୍ଡ, ପାସପୋର୍ଟ ଇତ୍ୟାଦି ସମସ୍ତ ସରକାରୀ ଦସ୍ତାବିଜରେ ତାଙ୍କ ନାମ ଓ ଲିଙ୍ଗ ପରିବର୍ତ୍ତନ କରିପାରିଥିଲେ। ଆବେଦନକାରୀଙ୍କ ଜେଜେଙ୍କୁ ସାଧାରଣ ପ୍ରଶାସନ ବିଭାଗ ଲିଜ୍ ସୂତ୍ରରେ ଭୁବନେଶ୍ୱର ୟୁନିଟ-୩ରେ ଏକ ଜମି ଦେଇଥିଲା। ଜେଜେଙ୍କ ମୃତ୍ୟୁ ପରେ ଜମି ମ୍ୟୁଟେସନ ପ୍ରମାଣପତ୍ରରେ ସମସ୍ତ ଉତ୍ତରାଧିକାରୀଙ୍କ ନାଁ ରହିଥିଲା। ଏଥିରେ ଆବେଦନକାରୀଙ୍କ ପୂର୍ବ ନାଁ ଓ ସେ ମୂଳ ଲିଜଧାରୀଙ୍କ ନାତି ବୋଲି ଉଲ୍ଲେଖ ଥିଲା। ଏସଆରଏସ ପରେ ଲିଙ୍ଗ ଓ ନୂଆଁ ମ୍ୟୁଟେସନ ପ୍ରମାଣପତ୍ରରେ ସଂଶୋଧନ କରି ପରିବର୍ତ୍ତିତ ଲିଙ୍ଗ ଆଧାରରେ ନାତି ଓ ନୂଆ ନାମ ଏଥିରେ ଉଲ୍ଲେଖ କରିବାକୁ ଆବେଦନକାରୀ ଦାଖଲ କରିଥିବା ଦରଖାସ୍ତ ସାଧାରଣ ପ୍ରଶାସନ ବିଭାଗ ଖାରଜ କରିଥିଲା। ଏହାପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



# ନୀତିନ ଗଡ଼କରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି : ରେଢ଼ାଖୋଲରେ ବାଇପାସ୍ ନିର୍ମାଣ କରାଯାଉ

**ସମ୍ବଲପୁର, ୩୦/୧୨ ନ୍ୟୁଜ ବ୍ୟୁରୋ**

ରେଢାଖୋଲ ୫୫ ନମ୍ବର ଜାତୀୟ ରାଜପଥ ଦେଇ ପ୍ରତିଦିନ ଶତାଧିକ ଭାରୀଯାନ ଯାତାୟାତ କରୁଛି। ଫଳରେ ଭୟଙ୍କର ଟ୍ରାଫିକ ଜାମ୍ ସୃଷ୍ଟି ହେଉଛି। ଦୁର୍ଘଟଣା ବଢ଼ିବା ସହ ଛାତ୍ରଛାତ୍ରୀ, ରୋଗୀ ଏବଂ ବରିଷ୍ଠ ନାଗରିକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ରେଢ଼ାଖୋଲ ସହରବାସୀଙ୍କ ଦୀର୍ଘଦିନର ଦାବିକୁ ସମ୍ମାନ ଜଣାଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସହର ବାହାରେ ଏକ ବାଇପାସ ନିର୍ମାଣ କରିବା ପାଇଁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି।

ରେଢ଼ାଖୋଲର ବାର୍ ଆସୋସିଏସନ, ଟ୍ରକ ମାଲିକ ସଂଘ, ବରିଷ୍ଠ ନାଗରିକ ମଞ୍ଚ ଏବଂ ସ୍ଥାନୀୟ ସାମ୍ବାଦିକମାନଙ୍କ ସମର୍ଥନରେ ମିଳିଥିବା ଏକ ପ୍ରତିନିଧି ଦଳର ଆବେଦନ ଆଧାରରେ ଧର୍ମେନ୍ଦ୍ର ଏହି ପତ୍ର ଲେଖିଛନ୍ତି । ସେ ଉଲ୍ଲେଖ କରିଛନ୍ତି, ୫୫ ନମ୍ବର ଜାତୀୟ ରାଜପଥ ଅତ୍ୟନ୍ତ ବ୍ୟସ୍ତବହୁଳ ହୋଇଥିବା ବେଳେ ସହର ମଧ୍ୟ ଦେଇ ଶହ ଶହ ଭାରୀଯାନ ଚଳାଚଳ କରୁଛି। ସହରର ସଂକୀର୍ଣ୍ଣ ରାସ୍ତା ଏହି ଉଚ୍ଚସ୍ତରୀୟ ଟ୍ରାଫିକ ପାଇଁ ଉପଯୁକ୍ତ ନୁହେଁ। ଯାହାଫଳରେ ପ୍ରତିଦିନ ଭୟଙ୍କର ଟ୍ରାଫିକ ଜାମ୍ ସୃଷ୍ଟି ହେଉଛି। ସହର ମଧ୍ୟରେ ସରକାରୀ କାର୍ଯ୍ୟାଳୟ, ଡାକ୍ତରଖାନା ଏବଂ ଭୀମଭୋଇ ଡିଗ୍ରୀ କଲେଜ ପରି ଶିକ୍ଷାନୁଷ୍ଠାନ ଥିବାରୁ ଅଫିସ ସମୟରେ ପ୍ରବଳ ଜନଗହଳି ହେଉଛି । ଭାରୀଯାନ ଚଳାଚଳ ଯୋଗୁଁ ଦୁର୍ଘଟଣା ବଢ଼ିବା ସହ ଛାତ୍ରଛାତ୍ରୀ, ରୋଗୀ ଏବଂ ବରିଷ୍ଠ ନାଗରିକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ରେଢ଼ାଖୋଲ ସହରର ଦ୍ରୁତ ବିକାଶ ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ନୂତନ ବାଇପାସ ନିର୍ମାଣ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଧର୍ମେନ୍ଦ୍ର କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କୁ ଅନୁରୋଧ କରିଛନ୍ତି । ଏହି ବାଇପାସ ନିର୍ମାଣ ହେଲେ ରେଢ଼ାଖୋଲ ସହରରେ ଦୁର୍ଘଟଣା ହ୍ରାସ ପାଇବା ସହ ସହରବାସୀ ଏହିସବୁ ସମସ୍ୟାରୁ ମୁକ୍ତ ହୋଇପାରିବେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି ।



# କଂସଙ୍କ ପ୍ରତାପରେ ଥରହର ମଥୁରା : ଦୁଇ ଭାଇଙ୍କୁ ନିମନ୍ତ୍ରଣ ପାଇଁ ମହାରାଜ କରୁଛନ୍ତି ବିଚାର

**ବରଗଡ଼ ୩୦।୧୨ ନ୍ୟୁଜ ବ୍ୟୁରୋ**

କଂସଙ୍କ ପ୍ରତାପରେ ଥରହର ହେଉଛନ୍ତି ମଥୁରାବାସୀ। ବିଜୁଳି କନ୍ୟାର ଦୈବୀବାଣୀରେ ଭୟଭୀତ କଂସ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ବଧ ପାଇଁ କରୁଛନ୍ତି ଷଡ଼ଯନ୍ତ୍ର। ଏଥିପାଇଁ ରାଜଦରବାରରେ ହୋଇଛି ରଙ୍ଗସଭା। ସଭାରେ ଯୋଗ ଦେଇଛନ୍ତି ବିଭିନ୍ନ ଦେଶର ରାଜା ଓ ମହାରାଜା। ଆସନ୍ନ ଯୁଦ୍ଧ ପାଇଁ ଦେଖାଇଛନ୍ତି ସେମାନେ ନିଜ ନିଜର ଶକ୍ତି। ରାଜ ନର୍ତ୍ତକୀଙ୍କ ନୃତ୍ୟଗୀତରେ ବିଭୋର ହୋଇଛନ୍ତି ମହରାଜା କଂସ ଓ ଅନ୍ୟ ରାଜ୍ୟର ରାଜା। ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଏହି ଦୃଶ୍ୟ ଦ୍ୱାପର ଯୁଗକୁ ପୁଣି ଜୀବନ୍ତ କରିଛି । ମହାରାଜା କଂସ ମଥୁରାନଗରୀର ରାଜ କର୍ମଚାରୀଙ୍କୁ କରିଛନ୍ତି କଡ଼ା ତାଗିଦ। ସେପଟେ ଶ୍ରୀକୃଷ୍ଣଙ୍କ ପ୍ରେମରେ ବିଭୋର ରାଧା। ଯମୁନା ନଈରେ ଶ୍ରୀକୃଷ୍ଣ, ରାଧା ଓ ଗୋପୀ ଗୋପାଙ୍ଗନାମାନେ କରିଛନ୍ତି ନୃତ୍ୟ। ଯମୁନା ନଈରେ ଗୋପୀ, ଗୋପାଙ୍ଗନା ସ୍ନାନ କରୁଥିବା ବେଳେ ନଟଖଟିଆ କୃଷ୍ଣ କରିଛନ୍ତି ବସ୍ତ୍ରହରଣ । ଧନୁଯାତ୍ରା ମହୋତ୍ସବ ଦେଖିବା ପାଇଁ ଗୋପପୁର ଓ ମଥୁରାନଗରୀରେ ଜମୁଛି ବହୁ ଦର୍ଶକ ଓ ପର୍ଯ୍ୟଟକଙ୍କ ଭିଡ଼ । ନାଚ ଗୀତରେ ଦୁଲୁକୁଛି ନନ୍ଦ ଦରବାର, ରଙ୍ଗମହଲ ଓ ରାଜଦରବାର । ମଙ୍ଗଳବାର ମହାରାଜା କଂସଙ୍କ ନଗର ପରିଭ୍ରମଣ, ଧନୁଯାତ୍ରା ମହୋତ୍ସବ ପାଇଁ ଶ୍ରୀକୃଷ୍ଣ, ବଳରାମଙ୍କ ନିମନ୍ତ୍ରଣ ପାଇଁ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ ଭଳି ବିଭିନ୍ନ ନାଟ୍ୟ ଅଭିନୟ ହୋଇଛି।







# ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ନୂଆବର୍ଷ ପାଇଁ ଶ୍ରୀକ୍ଷେତ୍ରରେ ଟ୍ରାଫିକ୍ କଟକଣା

**ପୁରୀ,୩୦/୧୨ ନ୍ୟୁଜ ବ୍ୟୁରୋ**

ଇଂରାଜୀ ନୂଆବର୍ଷରେ ଶ୍ରୀକ୍ଷେତ୍ରରେ ହେବ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ। ପର୍ଯ୍ୟଟକଙ୍କ ସୁରକ୍ଷା ସାଙ୍ଗକୁ ଟ୍ରାଫିକ୍ ପରିଚାଳନା ନେଇ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଡିସେମ୍ବର ୩୧ ତାରିଖ ଓ ଜାନୁଆରୀ ୧ ତାରିଖ ଦୁଇ ଦିନ ପ୍ରବଳ ଭିଡ଼ ଦୃଷ୍ଟିରୁ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ୩୧ ତାରିଖରୁ ସହରରେ ୩୦୦ ଅଧିକାରୀଙ୍କ ସହ ୭୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଏସ୍‌ପି ପ୍ରତୀକ ସିଂ କହିଛନ୍ତି ଯେ, ସିସିଟିଭି ନଜରରେ ରହିବ ଶ୍ରୀକ୍ଷେତ୍ର। ସହରକୁ ମୁଖ୍ୟ ପ୍ରବେଶ ପଥରେ ଗାଡ଼ି ଚେକିଂ ଜୋରଦାର କରାଯିବ । ଜିରୋନାଇଟ୍ ସେଲିବ୍ରେସନ ଉପରେ କଡ଼ା ନଜର ରଖାଯିବ । ନୂଆବର୍ଷ ଦିନ ମାର୍କେଟ ଛକଠୁ ସିଂହଦ୍ୱାର ପର୍ଯ୍ୟନ୍ତ ନୋ-ଭେଇକିଲ୍ ଜୋନ ଘୋଷଣା କରାଯିବ। ସେହିପରି ମେଡିକାଲ ଛକଠୁ ସୁଭାଷ ବୋଷ ଛକ ଏବଂ ସୁଭାଷ ବୋଷ ଛକଠୁ ଲାଇଟ୍‌ହାଉସ ପର୍ଯ୍ୟନ୍ତ ବେଳାଭୂମି ମାର୍ଗ ଅଞ୍ଚଳରେ ଚାରିଚକିଆ ଯାନ ଚଳାଚଳ ସଂପୂର୍ଣ୍ଣ ନିଷେଧ କରାଯାଇଛି। କେବଳ ଯେଉଁ ପର୍ଯ୍ୟଟକମାନେ ହୋଟେଲ ବୁକିଂ ସ୍ଲିପ୍ ଦେଖାଇବେ ସେମାନଙ୍କ ଗାଡ଼ିକୁ ହୋଟେଲ ପର୍ଯ୍ୟନ୍ତ ଯିବାକୁ ଅନୁମତି ଦିଆଯିବ। ଦୁଇଚକିଆ ଗାଡ଼ି ଲାଗି ମଧ୍ୟ କଟକଣା ଜାରି କରାଯାଇଛି । ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ଚାରିଚକିଆ ଯାନ ବାଟଗାଁ (ହରେକୃଷ୍ଣପୁରଛକ)ରୁ ବାଇପାସରେ ଯାଇ ଶ୍ରୀସେତୁ ଦେଇ ଜେବିପିସି ପାର୍କିଂରେ ରଖିବେ । ସେଠାରେ ଚାରିଚକିଆ ଯାନ ପ୍ୟାକ୍ ହୋଇଗଲେ ବାଟଗାଁ, ଚାରିନଳା, ଅଠରନଳା ଓ କୁମ୍ଭାରପଡ଼ା ଥାନା ଛକ ଦେଇ ଜେଲ୍‌ରୋଡ ପାର୍କିଂରେ ରଖିବେ । ପରେ ଶରଧାବାଲିରେ ଯାନଗୁଡ଼ିକ ପାର୍କିଂ କରିବେ । ଶରଧାବାଲିରେ ପ୍ୟାକ୍ ହୋଇଗଲେ ମାଳତୀପାଟପୁର ଆରଓବି ଦେଇ ସିଧାସଳଖ ତାଳବଣିଆରେ ପାର୍କିଂ କରିବେ । ସେଠାରୁ ଫେରିବା ସମୟରେ ବାଲିଘାଟ, ସମଙ୍ଗରା ଛକ ଦେଇ ହରେକୃଷ୍ଣପୁର ଛକରେ ବାହାରି ଭୁବନେଶ୍ୱର ଅଭିମୁଖେ ଫେରିବେ। ସେହିଭଳି ବ୍ରହ୍ମଗିରି ପଟୁ ଆସୁଥିବା ଚାରିଚକିଆ ଯାନଗୁଡ଼ିକ ମଙ୍ଗଳାଘାଟ ଛକଠୁ ଷ୍ଟର୍ଲିଂ ଛକ ଦେଇ ଲାଇଟହାଉସ ନିକଟ ଯାତ୍ରିକା ପାର୍କିଂରେ ରଖିବେ। ସେଠାରେ ପ୍ୟାକ୍ ହୋଇଗଲେ ଷ୍ଟର୍ଲିଂ ଛକରେ ଯାନଗୁଡ଼ିକ ରଖିବେ। କୋଣାର୍କରୁ ଆସୁଥିବା ଚାରିଚକିଆ ଯାନଗୁଡ଼ିକ ତାଳବଣିଆରେ ପାର୍କିଂ କରିବେ । ଭୁବନେଶ୍ୱର ପଟୁ ଆସୁଥିବା ଦୁଇଚକିଆ ଗାଡ଼ିଗୁଡ଼ିକ ଡାକ୍ତରଖାନା ଛକରୁ ଆସି ପୌରପାଳିକା ମାର୍କେଟ କମ୍ପ୍ଲେକ୍ସରେ ରଖିବେ । ସେଠାରେ ପ୍ୟାକ୍ ହୋଇଗଲେ ମାର୍କେଟ ଛକଠୁ ଡାକ୍ତରଖାନା ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ବଡ଼ଦାଣ୍ଡରେ ପାର୍କିଂ କରିବେ। ବଡ଼ଦାଣ୍ଡ ପ୍ୟାକ୍ ହୋଇଗଲେ କୁମ୍ଭାରପଡ଼ା ଥାନା ଛକ ଓ ଜଟିଆବାବାଜୀ ଛକ ଦେଇ ଜେବିପିସି ପାର୍କିଂରେ ରଖିବେ । ବ୍ରହ୍ମଗିରି ପଟୁ ଆସୁଥିବା ଯାନ ମଙ୍ଗଳାଘାଟ ଛକ ଦେଇ ଜେବିପିସି ପାର୍କିଂରେ ରଖିବେ । କୋଣାର୍କ ପଟୁ ଆସୁଥିବା ଯାନଗୁଡ଼ିକ ମାଟିଆପଡ଼ା ଗ୍ରାଉଣ୍ଡଷ୍ଟେସନ ଛକଠାରେ ପାର୍କିଂ କରିବେ । ତିନିଚକିଆ ଯାନ କ୍ଷେତ୍ରରେ ତାଳବଣିଆରୁ ତିନିଚକିଆ ଯାନଗୁଡ଼ିକ ପେଣ୍ଟକଟା ଛକ, ସିଟି ରୋଡ, ୟୁଥ ହଷ୍ଟେଲ୍, ଅର୍ବାନ ହାଟ, ଜିଲ୍ଲା ସ୍କୁଲ ଦେଇ ଟାଉନ୍ ହଲ୍ ଛକରେ ପହଞ୍ଚିବେ। ସେହିଭଳି ୱାଟର ୱାର୍କସରୋଡ, ଓଡ଼ିଶା ବେକେରୀ, ରାମ ମନ୍ଦିର, ଘୋଡ଼ାବଜାର ଦେଇ ରେଡକ୍ରସ୍ ରୋଡରେ ପହଞ୍ଚିବେ। ତାଳବଣିଆକୁ ଫେରିବା ସମୟରେ ଘୋଡ଼ାବଜାର, ରାମମନ୍ଦିର, ଶ୍ରୀକ୍ଷେତ୍ର କଲୋନୀ ରାସ୍ତା ଦେଇ ଚଳାଚଳ କରିବେ। ବେଳାଭୂମି ରାସ୍ତାରୁ ଆସୁଥିବା ଯାନଗୁଡ଼ିକ ବାଲିସାହି ସୋଲଖିଆ ବରଗଛ, ଉତ୍ତରଦ୍ୱାର ପଟୁ ଆସୁଥିବା ଗାଡ଼ିଗୁଡ଼ିକ ବିଶେଶ୍ୱରୀ ମନ୍ଦିର, ସିଂହଦ୍ୱାର ଅଭିମୁଖେ ଆସୁଥିବା ଗାଡ଼ି ମୋଚିସାହି ଓ ଲୋକନାଥ ମନ୍ଦିର ପଟୁ ଆସୁଥିବା ଗାଡ଼ିଗୁଡ଼ିକ ବୃଷଭ ଛକ ପର୍ଯ୍ୟନ୍ତ ଯାଇପାରିବେ। ସେଠାରୁ ଶ୍ରୀମନ୍ଦିର ଅଭିମୁଖେ କୌଣସି ଗାଡ଼ିକୁ ପ୍ରବେଶ ଉପରେ ରୋକ ଲଗାଯାଇଛି।




# ଭିଜିଲାନ୍ସ ଜାଲରେ ଅତିରିକ୍ତ ତହସିଲଦାର ଓ ପିଇଓ

**କଟକ/କେନ୍ଦୁଝର, ୩୦/୧୨ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଦୁଇ ସରକାରୀ ବାବୁ। ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ କଟକ ବାରଙ୍ଗ ତହସିଲର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡା ଏବଂ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ହାଟଡ଼ିହି ବ୍ଲକ୍ ପିଇଓ ଜିତେନ୍ଦ୍ର ଜେନାଙ୍କ ଘରେ ଭିଜିଲାନ୍ସ ଚଢ଼ଉ ହୋଇଛି । ବାରଙ୍ଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ପଣ୍ଡାଙ୍କ ଏକକାଳୀନ ୪ଟି ସ୍ଥାନରେ ଭିଜିଲାନ୍ସ ଟିମ ଚଢ଼ଉ କରି ଯାଞ୍ଚ ଚଳାଇଛନ୍ତି। ଏଥିରେ ୪ ଜଣ ଡିଏସ୍‌ପି, ୭ ଜଣ ଇନ୍ସପେକ୍ଟର, ଜଣେ ଏଏସ୍‌ଆଇ ଓ ସହାୟକ କର୍ମଚାରୀ ସାମିଲ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ଠାବ ହୋଇଛି ବାବୁଙ୍କର ବହୁତଳ ଅଟ୍ଟାଳିକା। ଭୁବନେଶ୍ୱର ବଡ଼ଗଡ ଓ ବ୍ରିଟ୍ କଲୋନୀରେ ଦୁଇଟି ତିନି ମହଲା ଓ ଖୋର୍ଦ୍ଧା ସାନପଲାରେ ଦୁଇଟି ଦୁଇମହଲା କୋଠା ରହିଛି। ଏସବୁ ସ୍ଥାନ ସମେତ ବାରଙ୍ଗସ୍ଥିତ କାର୍ଯ୍ୟାଳୟରେ ମଧ୍ୟ ଚଢ଼ଉ କରୁଛି ଭିଜିଲାନ୍ସ। ସେହିପରି ଆୟବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର ହାଟଡିହି ବ୍ଲକ ବଞ୍ଚୋ ଗ୍ରାମପଞ୍ଚାୟତ ପିଇଓ ଜିତେନ୍ଦ୍ର କୁମାର ଜେନାଙ୍କ ବିଭିନ୍ନ ଠିକଣାରେ ବି ଚାଲିଛି ଭିଜିଲାନ୍ସ ଚଢ଼ଉ । ତାଙ୍କ ବାସଭବନ ସମେତ ୬ଟି ସ୍ଥାନରେ ଚଢଉ କରାଯାଇଛି । କେନ୍ଦୁଝର ଓ ବାଲେଶ୍ୱରର ଭିଜିଲାନ୍ସ ଟିମ୍ ମିଳିତଭାବେ ଚଢଉ କରିଛନ୍ତି। ବସନ୍ତିଆସ୍ଥିତ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ଚଢ଼ଉ ଚାଲିଛି । ୪ ଜଣ ଡିଏସ୍‌ପି ଓ ୮ ଜଣ ଇନସପେକ୍ଟରଙ୍କୁ ନେଇ ରେଡ କରାଯାଉଛି । ଚଣ୍ଡିବିରଞ୍ଚିପୁରରେ ୩ ତାଲା ଘର, ବସନ୍ତିଆଠାରେ ଥିବା ମାର୍କେଟ କମ୍ପ୍ଲେକ୍ସ, ଗୋଦାମ ଗୃହ, ବିଦ୍ୟାଧରପୁରରେ ଥିବା ଇଲେକ୍ଟ୍ରୋନିକ ଦୋକାନ, ପଡିଆରିପଲ୍ଲୀରେ ସମ୍ପର୍କୀୟଙ୍କ ଘର ଓ ପଞ୍ଚାୟତ କାର୍ଯ୍ୟାଳୟରେ ଏକାବେଳକେ ରେଡ ଚାଲିଛି ।


